ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ

Vol.26 . No.18 Bhubaneswar Wednesday February 22 2023 | ୨୬ତମ ବର୍ଷ ସଂଖ୍ୟା-୧୮ ଭୁବନେଶ୍ୱର, ବୁଧବାର, ଫେବୃଆରୀ ୨୨, ୨୦୨୩ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

## ମାଆମାନଙ୍କୁ ସ୍କୁଟି, ଲାପ୍‌ଟପ୍ ଅଫର ଦେଇ ଭାଣ୍ଡିଆ ହେଲେ ସରକାର !



ଭୁବନେଶ୍ୱର,୨୧।୨(ପି.ଏନ): ମିଶନ୍ ଶକ୍ତି ମହିଳାଙ୍କୁ ମୁଖ୍ୟ ଅସ୍ତ୍ର ଭାବେ ବ୍ୟବହାର କରୁଛି ବିଜେଡି ! ନିର୍ବାଚନ ବେଳେ ଭୋଟ୍ ହାତେଇବା ପାଇଁ ବିଜେଡି ମିଶନ୍ ଶକ୍ତି ମହିଳାଙ୍କୁ ବ୍ୟବହାର କରୁଥିବା ଅଭିଯୋଗ ହେଉଥିଲା। ବିଜେପି ଓ କଂଗ୍ରେସ ଏପରି ଅଭିଯୋଗ କରୁଥିବା ବେଳେ ବିଜେଡି କିନ୍ତୁ ଖଣ୍ଡନ କରି ଆସୁଥିଲା। ମାଆମାନଙ୍କୁ ନିଜର ବଳ ବୋଲି ବର୍ଣ୍ଣନା କରୁଥିଲା ବିଜେଡି। ହେଲେ ସେମାନେ ଏବେ ଦେଇଛନ୍ତି ଶକ୍ତ ଝଟ୍‌କା। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ମିଶନ୍ ଶକ୍ତି ମହିଳାମାନେ ରାଜଧାନୀ ଭୁବନେଶ୍ୱରରେ ଦେଖାଇଛନ୍ତି ଦମ୍। ଆଉ ରାଜ୍ୟ ସରକାରଙ୍କୁ ଦେଇଛନ୍ତି ଖୋଲା ଚ୍ୟାଲେଞ୍ଜ। ସୋମବାର ଲୋୟର ପିଏମ୍‌ଜିରେ ରାଜ୍ୟ ସରକାରଙ୍କ ବିରୋଧରେ ଗର୍ଜିଛନ୍ତି।"ନିର୍ବାଚନ ବେଳେ ସରକାର କାମରେ ଲଗାଉଛନ୍ତି। ହେଲେ ପରେ ଭୁଲି ଯାଉଛନ୍ତି" ବୋଲି କହି ମହିଳାମାନେ ବର୍ଷିଛନ୍ତି। ମହିଳାଙ୍କ ଏପରି କ୍ଷୋଭ ପରେ ଚେଇଁ ଉଠିଛନ୍ତି ରାଜ୍ୟ ସରକାର। ଆଉ ଦେଇଛନ୍ତି ଲୋଭନୀୟ ଅଫର। ମହିଳାଙ୍କୁ ଲାପ୍‌ଟପ ଓ ସ୍କୁଟି ମିଳିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ବିଜେଡି ସରକାର। ତେବେ ସରକାରଙ୍କ ଏପରି ଅତର୍କିତ ଅଫର ପରେ ଅସନ୍ତୋଷ କମିବା ବଦଳରେ ତୀବ୍ର ହୋଇଛି। କାହିଁକି ନା ମାଗଣାରେ ନୁହେଁ, ବରଂ ବ୍ୟାଙ୍କରୁ ଋଣ ନେଇ କିଣିବାକୁ ହେବ ସ୍କୁଟି ଓ ଲାପଟପ୍। ଯେହେତୁ ଋଣ ସୁଝିବାକୁ ହେବ, ତେଣୁ ଚିନ୍ତାରେ ସ୍ୱୟଂ ସହାୟକ ଗୋଷ୍ଠୀର ଏମବିକେ, ସିଆରପି, ବ୍ୟାଙ୍କ ମିତ୍ର, କୃଷକ ମିତ୍ର, ପ୍ରାଣ ମିତ୍ର। ଗୋଟିଏ ପଟେ ଦରମା ବଢାଇବା ପାଇଁ ଦାବି କରି ଆସିଥିବା ଏସଏଚ୍‌ଜି କର୍ମୀ ପରେ ଋଣ ଜାଲରେ ଛନ୍ଦି ହୋଇଯିବା କଥା ଶୁଣି ଚିନ୍ତାରରେ ପଡିବା ଭଳି ମନେ କଲେଣି। ତେଣେ ଆନ୍‌ଦୋଳନ ବେଳେ ସ୍କୁଟି ଓ ଲାପ୍‌ଟପ୍ ପ୍ରତିଶ୍ରୁତି ଦେଇଥିବା ବିଜେଡି ନେତା ସୁବାସ ସିଂ କହିଲେଣି ମାଗଣା ସ୍କୁଟି ଦିଆଯିବା କଥା ଏବେ ବିଚାରଧୀନ ରହିଛି।

### ବିପୁଳ ପରିମାଣର ନକଲି ଜର୍ଦା ଜବତ, ଜଣେ ଗିରଫ

ଭଦ୍ରକ, ୨୧।୨(ପି.ଏନ): ଭଦ୍ରକ ପୁରୁଣାବଜାର ଅଂଚଳରେ ଚାଲିଥିବା ନକଲି ଜର୍ଦା କାରବାର ଉପରେ ଚଢ଼ଉ କରିଛି ପୋଲିସ । ସେଠାରୁ ବିପୁଳ ପରିମାଣର ନକଲି ଜର୍ଦା, ପ୍ୟାକିଂ ନିମନ୍ତେ ବ୍ୟବହାର କରାଯାଉଥିବା ଦ୍ରବ୍ୟ ଏବଂ କେମିକାଲକୁ ଜବତ କରିବା ସହ ଘଟଣାରେ ଜଣଙ୍କୁ ଗିରଫ କରିଛି ପୋଲିସ । ପୋଲିସ ପକ୍ଷରୁ ଏନେଇ ଅଧିକ ତଦନ୍ତ ଜାରୀ ରହିଛି ।

### ୩୮ ଡିଗ୍ରୀ ଛୁଇଁଲା ରାଜଧାନୀ ତାପମାତ୍ରା

ଭୁବନେଶ୍ୱର,୨୧।୨(ପି.ଏନ): ଫେବୃଆରୀ ମାସ ଶେଷ ହୋଇନାହିଁ , କିନ୍ତୁ ଏବେଠୁ ଡରାଇଲାଣି ତାତି। ମଙ୍ଗଳବାର ରାଜଧାନୀର ତାପମାତ୍ରା ୩୮ ଡିଗ୍ରୀ ଛୁଇଁଛି। ଏନେଇ ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଆଗାମୀ ୫ ଦିନ ପର୍ଯ୍ୟନ୍ତ ରାତିର ତାପମାତ୍ରାରେ କୌଣସି ପରିବର୍ତ୍ତନ ହେବାର ନାହିଁ। ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ରର ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାସ କହିଛନ୍ତ ଯେ କେବଳ ଓଡ଼ିଶାରେ ନୁହେଁ- ରାଜସ୍ଥାନ, ମହାରାଷ୍ଟ୍ର, ଗୁଜୁରାଟରେ ମଧ୍ୟ ଖରାର ପ୍ରକୋପ ଅନୁଭବ ହୋଇଛି। ଏହାଛଡ଼ା ତେଲେଙ୍ଗାନାର ଆଖପାଖ ଅଂଚଳ ଥିବା ଓଡ଼ିଶାରେ ତାପମାତ୍ରା ବୃଦ୍ଧି ହେଉଛି। ଧୀରେ ଧୀରେ ସୂର୍ଯ୍ୟଙ୍କ ଉତରାୟଣ ଗତି ଆରମ୍ଭ ହେଉଥିବାରୁ ତାପମାତ୍ରା ବଢୁଛି। ବର୍ତ୍ତମାନ ଗୁରୁଚାପ ବଳୟ ପଶ୍ଚିମ ଭାରତରେ ସକ୍ରିୟ ରହିଛି। ଯାହାର ପ୍ରଭାବରେ ରାଜ୍ୟ ମଧ୍ୟକୁ ଶୁଷ୍କ ବାୟୁ ପ୍ରବାହିତ ହେଉଛି। ଏହି ବାୟୁ ସୂର୍ଯ୍ୟଙ୍କ ଗରମରେ ଆସି ବାୟୁମଣ୍ଡରେ ତାପମାତ୍ରା ବଢ଼ାଉଛି।

## ଓଡିଶା ବିଧାନସଭାର ବଜେଟ ଅଧିବେଶନ ଆରମ୍ଭ

ଭୁବନେଶ୍ୱର, ୨୧।୨(ପି.ଏନ): ରାଜ୍ୟର ସମସ୍ତ ଅଂଚଳର ବିକାଶ ଓ ସମସ୍ତ ବର୍ଗର ଲୋକ ମାନଙ୍କୁ ଶକ୍ତିଶାଳୀ କରିବାକୁ ସରକାର ଦୃଢ ପ୍ରତିଶ୍ରୁତିବଦ୍ଧ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ କହିଛନ୍ତି। ବିଧାନସଭାର ବଜେଟ ଅଧିବେଶନ ଆରମ୍ଭରେ ନିଜର ଅଭିଭାଷଣରେ ରାଜ୍ୟପାଳ ଏହା କହିଛନ୍ତି । ସେ କହିଛନ୍ତି ଯେ ମୋ ସରକାର ରାଜ୍ୟରେ ଶିଳ୍ପ କ୍ଷେତ୍ରକୁ ଗୁରୁତ୍ୱ ଦେଇ ଓଡିଶାକୁ ପୂର୍ବ ଭାରତର ଶିଳ୍ପ କ୍ଷେତ୍ରରେ ପରିଣତ କରିବାର ଲକ୍ଷ୍ୟ ରଖିଛନ୍ତି। ମେକ ଇନ ଓଡିଶାର ତୃତୀୟ ସଂସ୍କରଣରେ ୧୦ ଲକ୍ଷ କୋଟି ଟଙ୍କାର ପୁଂଜି ନିବେଶର ପ୍ରତିଶ୍ରୁତି ମିଳିଥିବା ସହ ୧୦ ଲକ୍ଷରୁ ଉର୍ଦ୍ଧ ନିଯୁକ୍ତି ସମ୍ଭାବନା ସୃଷ୍ଟି ହୋଇଛି। ରାଜ୍ୟ ସରକାର ପର୍ଯ୍ୟଟନ କ୍ଷେତ୍ରକୁ ପ୍ରୋତ୍ସାହିତ କରିବାକୁ ଓଡିଶା ପର୍ଯ୍ୟଟନ ନୀତି ୨୦୨୨ ପ୍ରଣୟନ କରିଛନ୍ତି। ନୂତନ ନୀତିରେ ପର୍ଯ୍ୟଟନ ଶିଳ୍ପରେ ଘରୋଇ ନିବେଶକୁ ପ୍ରୋତ୍ସାହନ ଦିଆଯାଇଛି । ପର୍ଯ୍ୟଟନ ସ୍ଥଳ ମାନଙ୍କର ସାମଗ୍ରିକ ବିକାଶ ଲକ୍ଷ୍ୟରେ ସରକାର ୧୬ଟି ଅଗ୍ରାଧିକାର କ୍ଷେତ୍ରର ସମନ୍ୱିତ ମାଷ୍ଟର ପ୍ଲାନିଂକୁ ହାତକୁ ନେଇଛନ୍ତି । ଏହା ସହ ରାଜ୍ୟର ଆଭ୍ୟନ୍ତରୀଣ ଅଂଚଳରେ ଲୋକ ଲୋଚନକୁ ଆସି ପାରି ନ ଥିବା ୬୯ଟି ପର୍ଯ୍ୟଟନ ସ୍ଥଳକୁ ଚିହ୍ନଟ କରା ଯାଇ ସେଗୁଡିକର ବିକାଶ ସହ ମୌଳିକ ସୁବିଧା ସୃଷ୍ଟି କରାଯାଉଛି । ସେ କହିଛନ୍ତି ଯେ ରାଜ୍ୟ ସରକାର ନିରନ୍ତର ଗୁଣାତ୍ମକ ଭିତିଭୂମି ସୃଷ୍ଟି ଉପରେ ସବୁଠାରୁ ଅଧିକ ଗୁରୁତ୍ୱ ଦେଇ ୨୦୨୨-୨୩ ଆର୍ଥିକ ବର୍ଷରେ ମୋଟ ଘରୋଇ ଉତ୍ପାଦର ୫ ପ୍ରତିଶତ ଆବଂଟନ କରିଛନ୍ତି । ସ କହିଛନ୍ତି ଯେ ଓଡିଶା ବନ୍ଦର ନୀତି ୨୦୨୨ ପ୍ରଣୟନ କରି ଘରୋଇ ପୁଂଜି ନିବେଶ ଓ ରୋଜଗାର ସୃଷ୍ଟି ଉପରେ ଗୁରୁତ୍ୱ ଦେଇଛନ୍ତି । ରାଜ୍ୟରେ ବର୍ତମାନ ଧାମରା ଓ ଗୋପାଳପୁର ଠାରେ ଦୁଇଟି ଅଣ ପ୍ରମୁଖ ବନ୍ଦର ଚାଲୁ ଥିବା ବେଳେ ଗତ ପାଂଚ ବର୍ଷରେ ଏହି ଦୁଇ ବନ୍ଦରରୁ ୭୪୨ କୋଟି ଟଙ୍କାର ରାଜସ୍ୱ ଆଦାୟ କରା ଯାଇଛି । ସେ କହିଛନ୍ତି ଯେ ୨୦୩୦ ସୁଦ୍ଧା ରାଜ୍ୟରେ ପ୍ରାୟ ୧୧ ହଜାର ମେଗାବାଟ କ୍ଷମତା ବିଶିଷ୍ଟ ଅକ୍ଷୟ ଶକ୍ତି ପ୍ରକଳ୍ପ ବିକାଶ ପାଇଁ ଲକ୍ଷ୍ୟ ରଖା ଯାଇଛି । ଏଥି ପାଇଁ ଓଡିଶା ଅକ୍ଷୟ ଶକ୍ତି ନୀତି ୨୦୨୨ ତିଆରି କରା ଯାଇଛି । ସେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ବୟନ ଜ୍ୟୋତି ଯୋଜନାରେ ୫୪୨୧ ବୁଣାକାରଙ୍କୁ ଦଶ କୋଟି ଟଙ୍କାର ସାହାଯ୍ୟ ଦିଆ ଯାଇଛି । ସେ କହିଛନ୍ତି ଯେ କୃଷି କ୍ଷେତ୍ରରେ ରାଜ୍ୟ ଆଗକୁ ବଢୁଛି ଓ ୨୦୨୦-୨୧ରେ ରାଜ୍ୟର ଖାଦ୍ୟ ଶସ୍ୟ ଉତ୍ପାଦନ ୧୩୦.୩୯ ଲକ୍ଷ ମେଟ୍ରିକ ଟନ ପହଂଚିଛି ।

## ଗୋପାଳ ଦାସ ପାଗଳ ନୁହେଁ !



ଭୁବନେଶ୍ୱର,୨୧।୨(ପି.ଏନ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କ୍ୟାବିନେଟ୍ ସହଯୋଗୀ ନବ ଦାସଙ୍କ ହତ୍ୟାକାଣ୍ଡକୁ ତିନି ସପ୍ତାହ ବିତିଗଲାଣି। ହତ୍ୟାକାରୀ ପୁଲିସ ଏଏସଆଇ ଗୋପାଳ ଦାସ ପୁଲିସ କବ୍ ?ଜାରେ। କିନ୍ତୁ ହତ୍ୟାର ଉଦ୍ଦେଶ୍ୟ ଏଯାଏଁ ଖୋଜି ପାଇନାହିଁ କ୍ରାଇମ ବ୍ରାଞ୍ଚ। ତେବେ ଜାନୁଆରୀ ୨୯ ତାରିଖରୁ ଫେବୃଆରୀ ୨୧ ତାରିଖ ମଧ୍ୟରେ ନବ ଦାସ ହତ୍ୟାକାଣ୍ଡ ନେଇ ଦୁଇଟି କଥା ଉପରେ ଗୁରୁତ୍ୱ ଦେଇଚାଲିଛି କ୍ରାଇମ ବ୍ରାଞ୍ଚ। ତାହା ହେଲା ଗୋପାଳ ଦାସ ହତ୍ୟାକାରୀ ଓ ଗୋପାଳ ଦାସ ମାନସିକ ରୋଗୀ।କୋର୍ଟରେ କ୍ରାଇମ ବ୍ରାଞ୍ଚ କେତେ ପ୍ରକାର ସାକ୍ଷୀ ଓ ପ୍ରମାଣ ଦାଖଲ କରିବ ଅଲଗା କଥା, ମାତ୍ର ଗୋପାଳ ଦାସ ହତ୍ୟାକାରୀ ବୋଲି ଜନ ସାଧାରଣରେ ଦୃ? ଧାରଣା ଜନ୍ମାଇବାକୁ କ୍ରାଇମ ବ୍ରାଞ୍ଚ ତରଫରୁ ଗଣମାଧ୍ୟମ ଜରିଆରେ ଏକାଧିକ ଫଟୋ ଓ ଭିଜୁଆଲ ପ୍ରକାଶ କରାଗଲାଣି। ଗୋପାଳ ନବ ଦାସଙ୍କ କାର୍ ? ନିକଟକୁ ଯାଉଥିବା ସମୟର ଆଗ ଓ ପଛ ପଟ ଭିଡିଓ ଚିତ୍ର ବା ଭିଜୁଆଲ ସହିତ କେତେକ ଫଟୋ ମଧ୍ୟ ପୁଲିସ ସୌଜନ୍ୟରୁ ଭାଇରାଲ ହେଉଛି। ଏସବୁ ଦେଖିଲା ପରେ କେହି ଅବିଶ୍ୱାସ କରିବେ ନାହିଁ ଗୋପାଳ ହତ୍ୟା କରିନାହିଁ ବୋଲି।ତେବେ କ୍ରାଇମ ବ୍ରାଞ୍ଚ ଗୋପାଳଙ୍କୁ ମାନସିକ ରୋଗୀ ଭାବେ ଜନମାନସରେ ଚିତ୍ରିତ କରିବାକୁ ମଧ୍ୟ କମ୍ ? ଉଦ୍ୟମ ଚଳାଇନାହିଁ। ଯେଉଁ ଦିନ ହତ୍ୟା ହେଲା ସେହି ଦିନ ତୁରନ୍ତ ପ୍ରଥମେ ଶାସକ ଦଳ ସମର୍ଥିତ କେତେକ ଟିଭି ଚ୍ୟାନେଲରେ ଗୋପାଳର ପତ୍ନୀ ଓ ଜଣେ ଡାକ୍ତରଙ୍କ ମତାମତ ପ୍ରସାରିତ ହେଲା। ଅନ୍ୟ ଟିଭିମାନେ ବି ତାହା ଦର୍ଶାଇଲେ। ଗୋପାଳଙ୍କ ପତ୍ନୀ ତାଙ୍କର ମାନସିକ ରୋଗ ଥିବା ଓ ସେଥିପାଇଁ ଡାକ୍ତର ପରାମର୍ଶ କରିଥିବା କଥା କହିଲେ। ଜଣେ ଡାକ୍ତର ମଧ୍ୟ ଗୋପାଳ ତାଙ୍କ ପାଖକୁ ମାନସିକ ରୋଗର ଚିକିତ୍ସା ପାଇଁ ଆସିଥିବା କଥା କହିଲେ।ଏହା ପରଠାରୁ ଗୋପାଳ ମାନସିକ ସ୍ତରରେ ସୁସ୍ଥ କି ଅସୁସ୍ଥ ତାହା ପ୍ରମାଣିତ କରିବାକୁ କ୍ରାଇମ ବ୍ରାଞ୍ଚ ତରଫରୁ ନିଷ୍ଠାର ସହିତ ଉଦ୍ୟମ ଅବ୍ୟାହତ ରହିଛି। ୨୦୨୩ ଫେବୃଆରୀ ୨୦ ତାରିଖରେ କ୍ରାଇମ ବ୍ରାଞ୍ଚ ପକ୍ଷରୁ ଜାରି ହୋଇଥିବା ଏକ ପ୍ରେସ ବିଜ୍ଞପ୍ତିରେ କୁହାଯାଇଛି ଯେ ଗୋପାଳର ମାନସିକ ରୋଗ ସଂପର୍କରେ ଅନୁଧ୍ୟାନ କରିବାକୁ ୪ ଜଣ ବିଶେଷଜ୍ଞଙ୍କୁ ନେଇ ଏକ ସ୍ୱତନ୍ତ୍ର ମେଡିକାଲ ବୋର୍‌ଡ ଗଠନ କରାଯାଇଥିଲା। ସେହି ବୋର୍‌ଡ ଗୋପାଳଙ୍କୁ ନାନାଦି ପ୍ରଶ୍ନ ପଚାରିଲା ପରେ କୌଣସି ସିଦ୍ଧାନ୍ତରେ ଉପନୀତ ହୋଇନଥିଲେ। ଅର୍ଥାତ ଗୋପାଳର ମାନସିକ ଅସୁସ୍ଥି ବା ବାଇପୋଲାର ଡିଜର୍ଡର ଅଛି କି ନାହିଁ ସେମାନେ କୌଣସି ପ୍ରମାଣ ପାଇଲେ ନାହିଁ। ତେଣୁ ସେମାନେ କୌଣସି ସିଦ୍ଧାନ୍ତରେ ଉପନୀତ ହେଲେ ନାହିଁ।ଏହି କାରଣରୁ ବେଙ୍ଗାଲୁରୁ ସ୍ଥିତି ନିମ୍ ?ହାନ୍ସରେ ଗୋପାଳ ର ସାଇକୋପାଥି ଓ ସାଇକୋମେଟ୍ରିକ ଅନୁଧ୍ୟାନ ପାଇଁ ଅନୁମତି ଦେବାକୁ କ୍ରାଇମ ବ୍ରାଞ୍ଚ କୋର୍ଟରେ ଆବେଦନ କରିଥିଲେ। ମାତ୍ର କୋର୍ଟ ତାହାକୁ ଅଗ୍ରାହ୍ୟ କରିଦେଲେ। ଏବେ କ୍ରାଇମ ବ୍ରାଞ୍ଚ ଉପର କୋର୍ଟକୁ ଯିବାକୁ ବିଚାର କରୁଛି।

## ବିଧାନସଭାରେ ଶୋକ ପ୍ରସ୍ତାବ: ନବଙ୍କ ଜନ୍ମସ୍ଥାନକୁ ନେଇ ଭୁଲ୍ ତଥ୍ୟ ଦେଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୨୧।୨(ପି.ଏନ):ରାଜ୍ୟ ବିଧାନସଭାର ବଜେଟ୍ ଅଧିବେଶନ ଆଜିଠୁ ଆରମ୍ଭ ହୋଇଛି । ରାଜ୍ୟପାଳଙ୍କ ଅଭିଭାଷଣ ପରେ ଗୃହରେ ଦିବଂଗତ ସଦସ୍ୟଙ୍କ ସମ୍ମାନରେ ଶୋକ ପ୍ରସ୍ତାବ ଉପରେ ଆଲୋଚନାବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦିବଂଗତ ନବ ଦାସଙ୍କ ଜନ୍ମସ୍ଥାନ ସଂକ୍ରାନ୍ତରେ ଭୁଲ୍ ତଥ୍ୟ ଦେଇଥିବା ଜଣାପଡିଛି । ଗୃହର ସଦସ୍ୟ ତଥା ମନ୍ତ୍ରୀ ଦିଂବଗତ ନବ କିଶୋର ଦାସଙ୍କ ସମ୍ମାନରେ ଆସନ୍ତାକାଲି ପୂର୍ବାହ୍ନ ସାଢ଼େ ୧୦ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖିବା ପାଇଁ ବାଚସ୍ପତି ବିକ୍ରମ କେଶରୀ ଆରୁଖ ଘୋଷଣା କରଛନ୍ତି । ଶୋକ ପ୍ରସ୍ତାବ ଉପରେ ଆଲୋଚନାବେଳେ ନବଙ୍କୁ ଷଡଯନ୍ତ୍ରପୂର୍ଣ୍ଣ ହତ୍ୟା କରାଯାଇଛି ବୋଲି ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ଗୃହର ରେକର୍ଡରେ ଉଲ୍ଲେଖ କରିବାକୁ ପଛାଇ ନଥିବାବେଳେ ନବଙ୍କର ଦୁଃଖଦ ପରିସ୍ଥିତିରେ ମୃତ୍ୟୁ ହୋଇଥିବା କଥା ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ତାଙ୍କ ବିବୃତିରେ ଦର୍ଶାଇଛନ୍ତି ।ଆଜି ରାଜ୍ୟପାଳଙ୍କ ଅଭିଭାଷଣକୁ ଉଭୟ ବିଜେପି ଓ କଂଗ୍ରେସ ବର୍ଜନ କରିବା ପରେ ଗୃହରେ ଦିବଂଗତ ସଦସ୍ୟ ନବ କିଶୋର ଦାସ, ଗଙ୍ଗାଧର ଦାସ ଓ ଅର୍ଜୁନ ଚରଣ ଦାସଙ୍କ ସମ୍ମାନରେ ଶୋକ ପ୍ରସ୍ତାବ ଆଗତ ହୋଇଥିଲା । ଏହି ଶୋକ ପ୍ରସ୍ତାବ ଆଲୋଚନାରେ ସାମିଲ ହୋଇ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ରାଜ୍ୟର ମନ୍ତ୍ରୀ ତଥା ଗୃହର ସିଟିଂ ସଦସ୍ୟ ନବ ଦାସଙ୍କ ଦୁଃଖଦ ମୃତ୍ୟୁ ହୋଇଥିବା କହିବା ସହ ସେ ସ୍ୱାସ୍ଥ୍ୟମନ୍ତ୍ରୀ ଥିବାବେଳେ ତାଙ୍କ ନେତୃତ୍ୱରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ କୋଭିଡ-୧୯ ମହାମାରୀ ପରିଚାଳନା, ୩ଟି ନୂଆ ମେଡିକାଲ କଲେଜ କାର୍ଯ୍ୟକ୍ଷମ ହେବା, କ୍ୟାପିଟାଲ ହସ୍ପିଟାଲକୁ ପିଜି ଶ୍ରେଣୀକୁ ଉନ୍ନୀତ ହେବା ଓ ବିଜୁ ସ୍ମାର୍ଟ କାର୍ଡ ବଂଟନ ଆଦି ସମ୍ଭବ ହୋଇଥିଲା ବୋଲି କହିଥିଲେ । ନବ ଙ୍କ ଜନ୍ମ ୧୯୬୨ ମସିହା ଜାନୁୟାରୀ ୭ ତାରିଖରେ ଝାରସୁଗୁଡାର ସରବହାଲଠାରେ ହୋଇଥିବା ମୁଖ୍ୟମନ୍ତ୍ରୀ ତାଙ୍କ ଶୋକ ପ୍ରସ୍ତାବରେ ଉଲ୍ଲେଖ କରିଥିଲେ । ତେବେ ନବଙ୍କ ଜନ୍ମସ୍ଥାନକୁ ନେଇ ମୁଖ୍ୟମନ୍ତ୍ରୀ ଯେଉଁ ତଥ୍ୟ ଦେଇଛନ୍ତି ତାହା ଭୁଲ୍ ବୋଲି ଜଣାପଡିଛି ।କାରଣ ନବ ଙ୍କ ଜନ୍ମ ସମ୍ବଲପୁର ଜିଲ୍ଲାର ମାନେଶ୍ୱର ନିକଟସ୍ଥ ମିର୍ଗାମୁଣ୍ଡା ଗାଁରେ ହୋଇଥିଲା । ତାଙ୍କର ପ୍ରାଥମିକ ଓ କଲେଜ ଶିକ୍ଷା ସମ୍ବଲପୁର ଜିଲ୍ଲାରେ ହୋଇଥିଲା । ତେବେ ପରବର୍ତ୍ତୀ ସମୟରେ ସେ ନିଜର କର୍ମକ୍ଷେତ୍ର ଭାବେ ଝାରସୁଗୁଡାକୁ ବାଛିବା ପରେ ସରବହାଲରେ ଘର କରି ରହିଥିଲେ।

## ଏକାଠି ହେଲେ କେସିଆର୍-ଓୱେସୀ



ହାଇଦ୍ରାବାଦ,୨୧।୨(ପି.ଏନ): ଆଗକୁ ହାଇଦ୍ରାବାଦ ମହାନଗର ନିଗମ ନିର୍ବାଚନ। ଏଥିରେ ବିଜେପିକୁ ଚେକ୍ ଦେବାକୁ ହାତ ମିଳାଇଛନ୍ତି ବିଆର୍‌ଏସ୍ ମୁଖ୍ୟ ତଥା ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେସିଆର୍ ଓ ଏଆଇଏମ୍‌ଆଇଏମ୍‌ର ମୁଖ୍ୟ ଅସଦଦ୍ଦୁନ ଓୱେସୀ । ବିଜେପିକୁ ପରାସ୍ତ କରିବାକୁ ଓୱେସୀଙ୍କ ଅନୁରୋଧକୁ ଗ୍ରହଣ କରିଛନ୍ତି କେସିଆର୍। ଏଆଇଏମଆଇଏମକୁ ସମର୍ଥନ କରିବାକୁ ସେ ନେଇଛନ୍ତି ନିଷ୍ପତ୍ତି ।ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେସିଆରଙ୍କ ସମର୍ଥନ ଘୋଷଣା ପରେ ଏଆଇଏମଆଇଏମ ପ୍ରମୁଖ ଅସଦୁଦ୍ଦିନ ଓୱେସୀ ଟ୍ୱିଟ୍ କରି ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି । ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେସିଆରଙ୍କ ପାର୍ଟି ବିଆରଏସ ଓ ଅସଦୁଦ୍ଦିନ ଓୱେସୀଙ୍କ ପାର୍ଟି ଏଆଇଏମଆଇଏମ ବିଜେପିକୁ ପରାଜିତ କରିବାକୁ ରଣନୀତି ପ୍ରସ୍ତୁତ କରୁଛନ୍ତି । ଉଭୟ ଦଳ ଏବେ ବିଜେପି ଭୋଟରଙ୍କ ଉପରେ ନଜର ରଖିଛନ୍ତି । ଉଭୟ ଦଳ ମିଳିତ ଭାବେ ବିଜେପିର ଭୋଟରଙ୍କୁ ନିଜ ଆଡକୁ ଆକୃଷ୍ଟ କରିବାକୁ ଲାଗିପଡିଛନ୍ତି ।

## ୮୫ତମ କଂଗ୍ରେସ ଅଧିବେଶନ ନିମନ୍ତେ ପିସିସି ଅଭ୍ୟର୍ଥନା କମିଟି ଗଠିତ



ଭୁବନେଶ୍ୱର,୨୧।୨(ପି.ଏନ): ତା. ୨୧.୨- ଆସନ୍ତା ତା. ୨୪.୦୨.୨୦୨୩ ରିଖ ଠାରୁ ତା. ୨୬.୦୨.୨୦୨୩ ରିଖ ପର୍ଯ୍ୟନ୍ତ ଛତିଶଗଡ଼ ରାଜ୍ୟର ସହୀଦ ବୀର ନାରାୟଣ ସିଂ ନଗର, ନଓ୍ୱା ରାୟପୁର ଠାରେ ଅଖିଳ ଭାରତ କଂଗ୍ରେସ କମିଟି ପକ୍ଷରୁ ୮୫ତମ କଂଗ୍ରେସ ଅଧିବେଶନ ଅନୁଷ୍ଠିତ ହେଉଅଛି। ସେଠାରେ ଓଡ଼ିଶାର ପ୍ରତିନିଧି ମାନଙ୍କର ରହଣି, ଅଧିବେଶନରେ ଯୋଗଦାନ ଏବଂ ଅନ୍ୟାନ୍ୟ ତଥ୍ୟ ଯୋଗାଇ ଦେବାପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକ ଏକ ରାଜ୍ୟସ୍ତରୀୟ ଅଭ୍ୟର୍ଥନା କମିଟି ନିମ୍ନମତେ ଗଠନ କରିଛନ୍ତି। ଏହି କମିଟି ରାୟପୁର ଠାରେ ୨୩ ତାରିଖ ଦିନ ପଂହଚି ଓଡ଼ିଶା ପାଇଁ ଉଦ୍ଦିଷ୍ଟ କ୍ୟାମ୍ପ ଅଫିସ୍‌ରେ ଉପସ୍ଥିତ ରହି ପ୍ରତିନିଧିମାନେ ଯେପରି ସୁଚାରୁରୂପେ ଅଧିବେଶନରେ ଯୋଗଦେଇ ପାରିବେ ସେ ସଂପର୍କରେ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଶ୍ରୀ ପଟ୍ଟନାୟକ ଅବଗତ କରାଇଛନ୍ତି। ଏହି କମିଟିରେ ସନ୍ତୋଷ ସିଂ ସାଲୁଜା (ମୋ-୯୪୩୭୦୬୮୮୪୬) ଅଧ୍ୟକ୍ଷ ଭାବରେ ରହିଥିବା ବେଳେ ଅଧିରାଜ ମୋହନ ପାଣିଗ୍ରାହୀ (ମୋ-୯୪୩୭୦୭୨୭୯୭) ସହ ଅଧ୍ୟକ୍ଷ ଭାବରେ ରହିଛନ୍ତି ଏବଂ କମିଟିର ସଦସ୍ୟ ଭାବରେ ସର୍ବଶ୍ରୀ ଶୁଭେନ୍ଦୁ ମହାନ୍ତି, ପଦ୍ମାକର ଗୁରୁ, ଲୋକନାଥ ମହାରଥି, ନିହାର ମହାନନ୍ଦ, ନିପନ ଦାସ, ନିରୋଜ ଲୋଚନ ଦାସ, ହରଦୀପ ସିଂ, ବିଧୁଭୂଷଣ ତ୍ରିପାଠୀ, ବିଜୟାନନ୍ଦ ଚାଉଳିଆ, ଦୁର୍ଗା ପାଢ଼ୀ, ବିଶ୍ୱଭୂଷଣ ଦାସ, ମୋତିଲାଲ ଦାଶ, ଦିଲ୍ଲୀପ ନନ୍ଦ, ଟୁନା ମହାପାତ୍ର, ନିରନ ନାୟକ, ଅଭିଷେକ ମହାନନ୍ଦ, ସୁଶାନ୍ତ ବେହେରା ଓ ସନ୍ତୋଷ ପ୍ରଧାନ ପ୍ରମୁଖ ରହିଛନ୍ତି ବୋଲି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପ୍ରେସ ବିଜ୍ଞପ୍ତିରେ କୁହାଯାଇଛି।

## ବିଜେଡିକୁ ନବ ଦାସ ହତ୍ୟାକାଣ୍ଡର ସତ୍ୟାସତ୍ୟର ପର୍ଦ୍ଦାଫାଶ ହେବାର ଭୟ ଘାରିଛି : ବିଜେପି

ଭୁବନେଶ୍ୱର,୨୧।୨(ପି.ଏନ): ସିଏଜି ଦାୟୀତ୍ୱରେ ଥିବାବେଳେ ବିଜେଡି ସରକାରର ବହୁ ଚୋରୀ, ଭ୍ରଷ୍ଟାଚାରୀ ଓ ମିଛକୁ ଲୋକଲୋଚନକୁ ଆଣି ଚର୍ଚ୍ଚାର ପରିଧିକୁ ଆସିଥିବା ବର୍ତ୍ତମାନର ବିଜେଡି ସାଂସଦ ଅମର ପଟ୍ଟନାୟକ କେଉଁ କାରଣରୁ ନବୀନ ପଟ୍ଟନାୟକଙ୍କର ଶରଣାଗତ ହୋଇଥିଲେ ? ଏ ପ୍ରଶ୍ନର ଜବାବ୍‌କୁ ରାଜ୍ୟବାସୀ ଅପେକ୍ଷା କରିଥିବାବେଳେ ଆଜି ଶାଳିନତାର ସମସ୍ତ ସୀମା ପାରି ହୋଇ ଜଣେ ନିର୍ବାଚିତ ଜନପ୍ରତିନିଧିଙ୍କୁ ତଥା ବିରୋଧୀ ଦଳ ନେତାଙ୍କୁ ପାଗଳ ବୋଲି କହି ଅମର ବାବୁ ନିଜେ ମାନସିକ ଭାରସାମ୍ୟ ହରାଇଥିବାର ସ୍ପଷ୍ଟ କରିଛନ୍ତି । ସେହିପରି ଅତୀତରେ ମୁଖ୍ୟମନ୍ତ୍ରୀ ଏବଂ ବିଜେଡିକୁ ବେଇମାନ ଭଳି ଅପଶବ୍ଦ କହି ଅପାମାନିତ କରିଥିବା ବର୍ତ୍ତମାନର ରାଜ୍ୟ ସଭା ସାଂସଦ ସସ୍ମିତ ପାତ୍ର ଅନ୍ୟକୁ ନୀତି ଓ ନୈତିକତାର ପାଠ ପଢାଇବା ଆଦୌ ଶୋଭା ପାଉନାହିଁ ବୋଲି ବିଧାୟକ ଡ.ମୁକେଶ ମହାଲିଙ୍ଗ କହିଛନ୍ତି ।୫୨ ହଜରା କୋଟି ଟଙ୍କାର ଜମି ଦୁର୍ନୀତି, ବେନିୟମ ଭାବେ ଘରୋଇ ଶିକ୍ଷାନୁଷ୍ଠାନକୁ ଜମି ଦେବାରେ କେଳେଙ୍କାରୀ, ୨୦୦୯ ରୁ ୨୦୧୫ ଭିତରେ ଶ୍ରୀ ଜଗନ୍ନାଥ ମନ୍ଦିରର ଆୟ ବ୍ୟୟ ଅଡିଟ୍, ନବକଳେବରର ସମୟରେ ବ୍ୟାପକ ଅର୍ଥ ଅନିୟମିତତା ଭଳି ଅନେକ ସତ୍ୟାସତ୍ୟ ସାମ୍ନାକୁ ଆଣିବା ସହ ବିଜେଡି ସରକାରର ଦୁର୍ନୀତି ଓ ଭ୍ରଷ୍ଟାଚାରୀ ଚେହେରାର ମୁଖା ଖୋଲି ଦେଇଥିଲେ ତତ୍କାଳୀନ ପ୍ରିନ୍ସିପାଲ ଆକାଉଟାଂଟ ଜେନେରାଲ ତଥା ବର୍ତ୍ତମାନର ବିଜେଡି ସାଂସଦ ଅମର ବାବୁ । ମୁଖ୍ୟମନ୍ତ୍ରୀ ନବୀନ ବାବୁ ଆକ୍ରୋଶମୁଳକ ଭାବେ ଅମର ବାବୁଙ୍କୁ ଓଡିଶାରୁ ବିଦା କରିଥିଲେ ସତ, କିନ୍ତୁ ନିଜ ସଫା ସୁତୁରା ଚେହେରାରେ ଦାଗ ନଲଗାଇବା ଉଦ୍ଦେଶ୍ୟରେ ଅମର ବାବୁ ଏବଂ ତାଙ୍କ ସାମ୍ବିଧାନିକ ପଦର ଅପବ୍ୟବହାର କରିବାକୁ ପଛାଇ ନଥିଲେ। ଏହି ସୁବର୍ଣ୍ଣ ସୁଯୋଗକୁ ହାତ ଛଡା ନକରି କେବଳ ନିଜ ଫାଇଦା ପାଇଁ ଅମର ବାବୁ ମୁଖ୍ୟମନ୍ତ୍ରୀ ନବୀନ ବାବୁଙ୍କ ସହ ସାଲିସ୍ କରିଥିଲେ । ନିଜ ସ୍ୱାର୍ଥ କାରଣରୁ ଅମର ବାବୁ ବିଜେଡିରେ ଯୋଗ ଦେଲେ ଏବଂ ବର୍ଷକ ଭିତରେ ଚୁକ୍ତି ମୁତାବକ ଅମର ବାବୁଙ୍କୁ ରାଜ୍ୟସଭାର ସାଂସଦ ଭାବେ ପଦୋନ୍ନିତ ମିଳିଥିଲା। ତେଣୁ ସାଂସଦ ଅମର ବାବୁ ନିଜ ଅତୀତକୁ ଭୁଲି ନଯିବା ଉଚିତ୍ ବୋଲି ଡ.ମହାଲିଙ୍ଗ କହିଛନ୍ତି ।ମୁଖ୍ୟମନ୍ତ୍ରୀ ଆଜି ବିଭିନ୍ନ ଅପରାଧରେ ସଂପୃକ୍ତ ଅଭିଯୁକ୍ତମାନଙ୍କୁ ନିଜ କୋଳରେ ବସାଇ ଅପରାଧକୁ ପ୍ରୋତ୍ସାହିତ କରୁଛନ୍ତି । ନିଜ ଦଳର ଜଣେ ପ୍ରଭାବଶାଳୀ ନେତା ତଥା ରାଜ୍ୟର ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କୁ ତାଙ୍କ ସରକାରର ଜଣେ ପୋଲିସ ଅଧିକାରୀ ଦିନ ଦ୍ୱିପ୍ରହରରେ ଗୁଳି ମାରି ହତ୍ୟା କରିଲେ । ତାଙ୍କ ଦଳର ପ୍ରତିନିଧିତ୍ୱ କରୁଥିବା ତିର୍ତୋଲ ବିଧାୟକ ବିଜୟ ଶଂକର ଦାସ ସେକ୍ସ ସ୍କାଣ୍ଡାଲରେ ସଂପୃକ୍ତ ଥିବା ସତ୍ୱେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ । ଅପର ପକ୍ଷରେ ନିଜ ସାମ୍ବିଧାନିକ ଦାୟୀତ୍ୱକୁ ଭଲ ଭାବେ ବୁଝିଥିବା ଏବଂ ରାଜ୍ୟବାସୀଙ୍କ ପାଖରେ ଉତରଦାୟୀ ଥିବା ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ବିଧାନସଭାର ବାହାରେ ଓ ଭିତରେ ରାଜ୍ୟ ସରକାରଙ୍କୁ କିଛି ପ୍ରଶ୍ନ କରିବା ସହିତ ହତ୍ୟାକାଣ୍ଡର ବିଭିନ୍ନ ଦିଗ ଉପରେ ତଦନ୍ତ ହେବା ନିହାତି ଆବଶ୍ୟକ ବୋଲି କହିଛନ୍ତି । ହତ୍ୟାକାଣ୍ଡର ପୂର୍ବ ୪-୫ ଦିନ ସ୍ୱର୍ଗତଃ ଦାସଙ୍କ ସହ କିଏ କିଏ କଥା ହୋଇଥିଲେ, କଣ କଥା ହୋଇଥିଲେ, ସେ କୁଆଡେ ଯାଇଥିଲେ, ଏ ସମସ୍ତ ପ୍ରଶ୍ନର ଉତର ଦେବାରେ ବିଫଳ ବିଜେଡି ସରକାର ବର୍ତମାନ ନିମ୍ନ ସ୍ତରକୁ ଯାଇ ବିରୋଧୀ ଦଳ ନେତାଙ୍କୁ ପାଗଳ ବୋଲି କହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଡ.ମହାଲିଙ୍ଗ କହିଛନ୍ତି ।ନବ ଦାସ ହତ୍ୟାକାଣ୍ଡର ସତ୍ୟାସତ୍ୟର ପର୍ଦ୍ଦାଫାଶ ହେବା ଭୟରେ ଶାସକ ବିଜେଡି ବିରୋଧୀ ଦଳ ନେତାଙ୍କ ଉପରେ ବାରମ୍ବାର ବ୍ୟକ୍ତିଗତ ଆକ୍ଷେପ କରି ଘଟଣାକୁ ଅନ୍ୟ ମୋଡ ଦେବାକୁ ଅପଚେଷ୍ଟା କରୁଛି ବୋଲି ଡ.ମହାଲିଙ୍ଗ କହିଛନ୍ତି।

## ରାଜ୍ୟପାଳଙ୍କ ଅଭିଭାଷଣକୁ ବର୍ଜନ କଲେ ବିରୋଧୀ

ଭୁବନେଶ୍ୱର,୨୧।୨(ପି.ଏନ): ରାଜ୍ୟ ବିଧାନସଭାର ବଜେଟ ଅଧିବେଶନ ଆଜି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଅଭିଭାଷଣରୁ ଆରମ୍ଭ ହୋଇଛି । ରାଜ୍ୟପାଳ ଅଭିଭାଷଣ ଆରମ୍ଭ କରିବା ମାତ୍ରେ କଂଗ୍ରେସ ବିଧାୟକ ମାନେ ଗୃହର ମଧ୍ୟ ଭାଗକୁ ଆସି ନବ ଦାସ ହତ୍ୟା ମାମଲାରେ ନାରାବାଜୀ କରିଥିଲେ । ବିଜେପି ବିଧାୟକ ମାନେ ମଧ୍ୟ ନାରାବାଜୀ କରିବା ସହ ପ୍ରଥମେ ଏହି ମାମଲାରେ କକ୍ଷତ୍ୟାଗ କରିଥିଲେ । ରାଜ୍ୟପାଳଙ୍କ ଅଭିଭାଷଣ ଆରମ୍ଭ ହେବା ମାତ୍ରେ କଂଗ୍ରେସ ସଦସ୍ୟମାନେ ପୋଡିୟମ ତଳେ ଛିଡ଼ା ହୋଇ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତକୁ ନେଇ ପ୍ରତିବାଦ କରିବା ସହ ହଟ୍ଟଗୋଳ କରୁଥିବାର ଦେଖିବାକୁ ମିଳିଥିଲା। ନବ ଦାସ ହତ୍ୟାକାଣ୍ଡର ପର୍ଦାଫାସ କରା ନ ଯିବା ଓ ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ବୋଲି ଦର୍ଶାଇ ପ୍ରଥମେ କଂଗ୍ରେସ ଦଳ ନେତା ନରସିଂହ ମିଶ୍ର ନିଜ ସ୍ଥାନରେ ଠିଆ ହୋଇ ପ୍ରତିବାଦ ଜଣାଇଥିଲେ। ଠିକ୍ ସେହିପରି କଂଗ୍ରେସ ସଦସ୍ୟମାନେ ବି କକ୍ଷତ୍ୟାଗ କରିଥିଲେ ।








# ଟି ଟାଇମ୍

## ଜୋକ୍ସ



ଶିକ୍ଷକ-କାଲି ସ୍କୁଲ କାହିଁକି ଆସି ନଥିଲ ?
ଛାତ୍ର-କାଲି ପରା ମୁଁ ପଡିଗଲି । ଆଉ ଲାଗିଗଲା
ଶିକ୍ଷକ-କେଉଁଠି ପଡିଗଲ ଆଉ କ'ଣ ଲାଗିଗଲା ?
ଛାତ୍ର ଖଟରୁ ପଡିଗଲି ଆଉ ମୋ ଆଖି ଲାଗିଗଲା ।

# ପୁରାଣ କାହାଣୀ

## ବାଣୀ ପ୍ରଭାବରେ ଚୋର ହେଲା ସାଧୁ



ଅନ୍ଧାର ରାତିରେ ଚୋରଟି ଚୋରି କରି ଅଣନିଃଶ୍ୱାସୀ ହୋଇ ଚାଲି ଚାଲି ଥକି ଗୋଟିଏ ବୃକ୍ଷମୂଳେ ବିଶ୍ରାମ ନେଉଥିଲା । ହଠାତ୍ ସେ ରାସ୍ତାକଡରେ ବିଶ୍ରାମ ନେଉଥିବା ସମୟରେ ଜରିମାନଙ୍କ ଉପରେ ନଜର ପଡିଲା । ନିଶ୍ଚିନ୍ତରେ ଶୋଇଥିବା ଜରିର ଜୀବନଧାରା ସହିତ ନିଜକୁ ତୁଳନା କରି ଗଭୀର ଚିନ୍ତା କରିବାକୁ ଲାଗିଲା । କେତେବେଳେ ସୂର୍ଯ୍ୟ ଉଦୟ ହେଲେ ତାହା ସେ ଜାଣି ପାରିଲା ନାହିଁ । ଅନ୍ଧାର ଅପସରି ଆସୁଥିବା ବେଳେ ଚୋରର ମାନସିକ ଉଦବେଳନ ବଢ଼ି ଚାଲିଥାଏ । ସେହି ସମୟରେ ସେ ଲୋକଙ୍କୁ ଦେଖି ଭୟଭୀତ ହୋଇ ଚମକି ଉଠିଲା । କାଳେ କିଏ ତାକୁ ଦେଖିଦେଲା ଆଉ ଚିହ୍ନିଦେଲା କି ? ଭିକାରୀ ଓ ବୁଲା କୁକୁର ନିଜ ନିଜ ପେଟ ଭରଣା ପାଇଁ ଏଣେତେଣେ ବୁଲି ଖାଦ୍ୟ ସଂଗ୍ରହ କରିବାକୁ ଲାଗିଲେ । କିନ୍ତୁ ଚୋର ପାଇଁ ଦିନଟି ଥିଲା ଅଭିଶାପ । ଭିକାରୀ କଥା ମନେ ପକାଉ ପକାଉ ତା' ମା କଥା ମନେ ପଡିଲା । ମା'ତାକୁ କହୁଥିଲା କାମକୁ ଡରି ପଳାଇ ଯାଉଛି ଭବିଷ୍ୟତରେ ଅସୁବିଧା ଭୋଗିବୁ । ଏହି କଥା ଭାବୁ ଭାବୁ ରାସ୍ତାରେ ଯାଉଥିବା ଦୁଇ ଦମ୍ପତିଙ୍କ କଥା ଶୁଣିବାକୁ ପାଇଲା । ଦୁଇ ଦମ୍ପତି ରାତିରେ ସାଧୁଙ୍କ ପ୍ରବଚନ ଶୁଣି ସକାଳେ ଘରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ସେମାନେ ରାସ୍ତାରେ ସାଧୁଙ୍କ ବାଣୀ ଏତେ ଶାନ୍ତିପ୍ରଦ, ହିତକାରକ, ପ୍ରେରଣାଦାୟୀ ଥିଲା ବୋଲି କୁହାକୁହି ହୋଇ ଯାଉଥିଲେ । ଏହା ଶୁଣି ଚୋରର ମନ ସାଧୁଙ୍କ ବାଣୀ ପ୍ରତି ଆକର୍ଷିତ ହେଲା । ସାଧୁଙ୍କ ବାଣୀରେ ସେ ଏତେ ବିମୁଗ୍ଧ ହୋଇଗଲାଯେ ସେ ସାଧୁଙ୍କ ନିକଟକୁ ଆସିଲା ଓ ପ୍ରବଚନ ଶୁଣିଲା । ଲୁଚାଛପା କାମ କଲେ ମନରେ ଭୟ ଜାତ ହୋଇଥାଏ ବୋଲି ସାଧୁ କହିଲେ । ପରେ ଚୋର ସାଧୁଙ୍କୁ ସବୁ ସତ କଥା କହିଲା । ଅଜ୍ଞାତବସତଃ ମୁଁ ଆଜିଯାଏଁ କୁକର୍ମ କରି ଆସୁଥିଲି । କିନ୍ତୁ ଏବେ ପ୍ରତିଜ୍ଞା କରୁଛି ଆଜିଠାରୁ ମୁଁ ପରିଶ୍ରମ କରିବି ବୋଲି ସାଧୁଙ୍କୁ ସେ ପ୍ରତିଶ୍ରୁତି ଦେଇଥିଲା ।

# ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ରାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

# ଦାନ୍ତରେ ଟାଟୁ



ଅତ୍ୟାଧୁନିକା ମହିଳାମାନେ ସବୁବେଳେ ଚାହାନ୍ତି କେମିତି ନିଜକୁ ଭିନ୍ନ ଶୈଳୀରେ ପ୍ରଦର୍ଶିତ କରିବେ ଏବଂ ଶରୀରର ସୌନ୍ଦର୍ଯ୍ୟ ବୃଦ୍ଧି କରିବେ। ଆଜିକାର ଫ୍ୟାଶନ ଯୁଗରେ ଏଭ୍ରି ଅଡ୍ ଇଜ୍ ଏ ଷ୍ଟାଇଲକୁ ମଧ କେତେକ ଗ୍ରହଣ କରି ସେହିପରି ଢଙ୍ଗରେ ନିଜକୁ ସଜାଉଛନ୍ତି। ଏବେ ଏବେ ସୌନ୍ଦର୍ଯ୍ୟ ସଚେତନ ତରୁଣୀମାନେ ଦାନ୍ତରେ ଟାଟୁ ଆଙ୍କିବା ଦିଗରେ ବେଶି ଢଳୁଥିବା ପରିଲକ୍ଷିତ ହେଉଛି, ଯେମିତି କିଛି ବର୍ଷ ତଳେ 'ନାହିମୁଦି' ଫ୍ୟାଶନ ଅନେକଙ୍କୁ କିମିଆ କରିଥିଲା। ଦାନ୍ତରେ ଟାଟୁ ଆଙ୍କିବା ନୂଆ କଥା ନୁହେଁ। ଆଠଦଶ ବର୍ଷ ତଳେ ଦାନ୍ତରେ ଟାଟୁ କରି ହିପ୍‌ହପ୍ ଗାୟିକା, ନୃତ୍ୟାଙ୍ଗନା ଓ ମେଡଲମାନେ ବିଭିନ୍ନ ଶୋ'କୁ ଆସିବା ପରେ ଏହାର ଚାହିଦା ବଢିବଢି ଚାଲିଛି। କିଶୋରୀ, କଲେଜ ଛାତ୍ରୀଠୁ ଆରମ୍ଭ କରି ପଇଁତିରିଶ ବର୍ଷ ଭିତରର ମହିଳାଙ୍କୁ ଦାନ୍ତରେ ଟାଟୁ ବେଶ୍ ମାନିବ ବୋଲି ସୌନ୍ଦର୍ଯ୍ୟ ବିଶେଷଜ୍ଞମାନେ କହନ୍ତି। ଅସ୍ଥାୟୀ ଓ ସ୍ଥାୟୀ ଭାବେ ଦାନ୍ତରେ ଟାଟୁ କରିହେବ।

# ସ୍ମରଣଶକ୍ତି ବଢ଼ାଏ ଅଣ୍ଡା

ଆମେରିକା ସ୍ଥିତ ଟଫ୍ଟ ୟୁନିଭରସଟିର ରିସର୍ଚ୍ଚ କର୍ତ୍ତାମାନଙ୍କ କହିବା ହେଉଛି କି ଅଣ୍ଡା ଖାଇବା ଦ୍ୱାରା ମସ୍ତିଷ୍କ ମଜଭୁତ୍ ହୋଇଥାଏ ଏବଂ ଡିମେସିୟା ଭଳି ରୋଗର ଭୟ ଟଳିଯାଇଥାଏ । ଏହି ସମସ୍ୟାରେ ପୀଡ଼ିତ ଲୋକମାନଙ୍କର ସ୍ମରଣ ଶକ୍ତି ଅତି କମ୍ ହୋଇଯାଇଥାଏ । ରିସର୍ଚ୍ଚରେ ସାମିଲ୍ ଥିବା ଲୋକମାନଙ୍କୁ ଦୁଇ ଟିମ୍‌ରେ ବିଭାଜିତ କରାଯାଇଥିଲା । ପ୍ରଥମ ଟିମ୍‌କୁ ଖାଇବା ପାଇଁ ନିୟମିତ ୨ଟି ଲେଖାଏଁ ଅଣ୍ଡା ଦିଆଯାଉଥିଲା । ଯେବେକି ଅନ୍ୟ ଟିମ୍‌କୁ ଅଣ୍ଡା ପ୍ରତିବଦଳରେ ଅନ୍ୟାନ୍ୟ ଦ୍ରବ୍ୟ ଖାଇବାକୁ ଦିଆଯାଉଥିଲା । ମାସକ ପରେ ଦୁଇଟି ଟିମ୍‌ର ସଦସ୍ୟମାନଙ୍କର ସ୍ମରଣ ଶକ୍ତି, ତର୍କ କ୍ଷମତା ଏବଂ ଏକାଗ୍ରତା ସ୍ତରର ପରୀକ୍ଷା କରାଯାଇଥିଲା । ନିୟମିତ ଅଣ୍ଡା ଖାଉଥିବା ଟିମ୍‌ର ସଦସ୍ୟମାନଙ୍କର ପ୍ରଦର୍ଶନ ଅନ୍ୟ ଟିମ୍ ତୁଳନାରେ ଅଧିକ ଭଲ ହୋଇଥାଏ । ଅଣ୍ଡାରେ ଲ୍ୟୁଟିନ୍ ଏବଂ ଜେସିକାଥିନ୍ ନାମକ ଦୁଇ ପ୍ରକାର ଅକ୍ସିକରଣ ରୋଗ ପ୍ରତିରୋଧକ ତତ୍ତ୍ୱ ମିଳିଥାଏ । ଯାହା ଭାବିବା ଓ ବୁଝିବା ପ୍ରକ୍ରିୟାକୁ ସହଜ କରିଥାଏ । ଏଥିପାଇଁ ଆପଣ ମାଂସାହାରୀ ହୋଇଥାନ୍ତି ତେବେ ପ୍ରତିଦିନ ଖାଦ୍ୟରେ ଅଣ୍ଡାକୁ ସାମିଲ କରନ୍ତୁ ।

# ପ୍ରସବ କରିବ ରୋବଟ !



ଇଞ୍ଜିନିୟର ତଥା ନୋବେଲିଷ୍ଟ ଜର୍ଜ ଜୈରକୈଡାକିସ୍‌ଙ୍କ ମତ ଅନୁସାରେ ଆସନ୍ତା ୨୦ରୁ ୩୦ ବର୍ଷ ମଧ୍ୟରେ ଏଭଳି ରୋବଟ ତିଆରି କରାଯାଇପାରିବ, ଯାହା ମଣିଷ ସହିତ ଶାରୀରିକ ସମ୍ପର୍କ ରଖିପାରିବ ଏବଂ ସନ୍ତାନ ପ୍ରସବ କରିପାରିବ। ଏପରିକି କେବଳ ରୋବଟ ପରସ୍ପର ମଧ୍ୟରେ ଶାରୀରିକ ସମ୍ପର୍କ ରଖିପାରିବେ। ବିଶେଷଜ୍ଞଙ୍କ କହିବା ଅନୁସାରେ ଯଦି ମଣିଷଙ୍କ ଅପେକ୍ଷା ରୋବଟଙ୍କ ସଂଖ୍ୟା ବୃଦ୍ଧି ପାଏ ତେବେ ଏହା ଦୁଃସ୍ୱପ୍ନ ସୃଷ୍ଟି କରିବ। ଏହାବ୍ୟତୀତ ପ୍ରଫେସର ବାର୍ଟିକଙ୍କ ମତ ଅନୁସାରେ ରୋବଟର ଶାରୀରିକ ସମ୍ପର୍କ ସ୍ଥାପନ କରିବା ଏବଂ ସନ୍ତାନ ପ୍ରସବ କରିବା ନେଇ ସାମାଜିକ ସ୍ୱିକୃତୀ ବିଷୟରେ ଚିନ୍ତା କରାଯିବ। ଏଭଳି କୌଶଳକୁ ନେଇ କିଛି ପ୍ରତିକ୍ରିୟା ଓ ସମସ୍ୟା ମଧ ଉପୁଜିପାରେ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି।

# ଫେସ୍‌ବୁକ ମାୟାରେ ଯୁବପିଢ଼ି

ବ୍ୟସ୍ତ ବହୁଳ ଜୀବନରେ ଫେସବୁକ ପାଲଟିଛି ମନୋରଞ୍ଜନର ମାଧ୍ୟମ । କାମରୁ ଟିକିଏ ଫୁରୁସତ ମିଳିଲେ ସମସ୍ତେ ଚାହାନ୍ତି ନିରୋଳାରେ ଅନ୍ତରଙ୍ଗ ବନ୍ଧୁ ସହ ଆଳାପ କରିବାକୁ । କିଛି ମନଖୋଲି କଥା ହେବାକୁ ଏବଂ ଅଜଣା ରାଇଜର ଖବର ଜାଣିବାକୁ । ହେଲେ ଏସବୁ ସମ୍ଭବ ହୋଇଛି ସୋସିଆଲ ମିଡିଆ ଫେସବୁକ ପାଇଁ । ସବୁ ପ୍ରତିବନ୍ଧକକୁ ଡେଇଁ ଫେସବୁକ ସମସ୍ତଙ୍କୁ ନିଜର କରି ପାରିଛି । ସ୍ନେହ, ଶ୍ରଦ୍ଧା ଦେଇ ମନ କିଣିଛି । ସେଥିପାଇଁ ଫେସବୁକ ଆଜି ଲକ୍ଷାଧିକ ଲୋକଙ୍କ ପସନ୍ଦ ପାଲଟିଛି । ସଫଳତାର ୧୦ ବର୍ଷ ଅତିକ୍ରମ କରି ଫେସବୁକ ରେକର୍ଡ ସୃଷ୍ଟି କରିଛି ।

୨୦୦୪ରେ ହାଭାର୍ଡରେ କିଛି ଛାତ୍ରଛାତ୍ରୀ ମେସେଜ ସେୟାର କରି ମଜା ନେବାର ସଫଳତା ଆଜି ବିଶ୍ୱାବସୀ ଅନୁଭବ କରୁଛନ୍ତି । ଯେଉଁ ମଜା ପରବର୍ତ୍ତି କାଳରେ ସାରା ବିଶ୍ୱାବସୀଙ୍କୁ ଏକତାର ସୂତ୍ରରେ ବାନ୍ଧି ପାରିଛି । ଦୀର୍ଘ ଦଶ ବର୍ଷ ହେଲା ଫେସବୁକ କୁହୁକରେ ସାରା ବିଶ୍ୱ ମସଗୁଲ ହୋଇ ଯାଇଛି । ସବୁ ବର୍ଗର ଜନସାଧାରଣ ଏହି ମୟାଜାଲରେ ଏମିତି ବାନ୍ଧି ହୋଇଛନ୍ତିଯେ ସହଜରେ ମୁକୁଳି ପାରୁ ନାହାନ୍ତି । ବିଶେଷକରି ଯୁବପିଢ଼ିଙ୍କ ପାଇଁ ଫେସବୁକ ଏକ ବରଦାନ ସଦୃଶ ପାଲଟିଛି । ବନ୍ଧୁତା ମଧ୍ୟରେ ଦୂରତା କମାଇବାରେ ଏହି ସୋସିଆଲ ମିଡିଆ ଫେସବୁକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଯେଉଁଥିପାଇଁ ଦିନକୁ ଦିନ ଫେସବୁକର ଲୋକପ୍ରିୟତା ଓ ୟୁଜର୍ସଙ୍କ ସଂଖ୍ୟା ବଢ଼ି ଚାଲିଛି । ୧୦ ବର୍ଷ ପୂର୍ବରୁ ଭାରତରେ ଏହାର ସଚେତନତା କମ ଥିଲା । ତେଣୁ ଫେସବୁକ ସମ୍ବନ୍ଧରେ ଅଧିକାଂଶ ଯୁବପିଢ଼ି ଅଜ୍ଞ ଥିଲେ । କିନ୍ତୁ ଆଇଟି ସେକ୍ଟର ଯେପରି ଭାବେ ଦୃତ ଗତିରେ ଚାରିଆଡେ ବ୍ୟାପିଲା ଭାରତରେ ମଧ୍ୟ ତାର ପ୍ରଭାବ ପଡିଲା । ଫଳରେ ଫେସବୁକ ଧିରେଧିରେ ଜନାଦୃତ ହେଲା । ମୁମ୍ବାଇ, ଦିଲ୍ଲୀ, ବାଙ୍ଗାଲୋର ଏବଂ ହାଇଦ୍ରାବଦ ଭଳି ମେଟ୍ରୋ ସିଟିରେ ଏହି ସୋସିଆଲ ମିଡିଆ ପ୍ରଚାର ପ୍ରସାର ହେବା ପରେ ଗାଁ ଗହଳିରେ ବି ଏହାର ଜାଲ ପଡି ଯାଇଛି । ଫେସବୁକ ମାଧ୍ୟମରେ ଭାବ ଆଦାନ ପ୍ରଦାନ ଅତି ସହଜରେ ହେଉଥିବାରୁ ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଛି । ବର୍ତ୍ତମାନସୁଦ୍ଧା ଫେସବୁକର ୧୫୦ ବିଲିଅନ ଡଲାର ସହଯୋଗୀ ହୋଇଥିବା ବେଳେ ୨୦୧.୬ ବିଲିଅନ ବ୍ୟକ୍ତି ବନ୍ଧୁତାର ସୂତ୍ରରେ ବାନ୍ଧି ହୋଇଛନ୍ତି । ପ୍ରତି ମାସରେ ୧.୨୩ ବିଲିଅନ ଲୋକ ଫେସବୁକ ବ୍ୟବହାର କରୁଛନ୍ତି । ପ୍ରତିଦିନ ୬ ବିଲିଅନ ଲୋକ ଫେସବୁକ ପସନ୍ଦ କରୁଥିବା ବେଳେ ୪୦୦ ବିଲିଅନ ଫଟୋ ସେୟାର ହୋଇଛି । ଏହାସହ ୭.୮ ଟ୍ରିଲିଅନ ମେସେଜ ଫେସବୁକରୁ ପଠା ଯାଇଛି । ସୋସିଆଲ କ୍ଲିନିକ ୱେବସାଇଡର ମତ ଅନୁସାରେ କେଳବ ୨୦୧୩ରେ ସାଉଦିରେ ୭.୮ ମିଲିଅନ ଫେସବୁକ ବ୍ୟବହାରକାରୀ ଥିଲେ । ୨୦୦୪ରେ ମାତ୍ର ୧ ମିଲିଅନ ଫ୍ୟାନଙ୍କୁ ନେଇ ଆରମ୍ଭ ହୋଇଥିବା ଫେସବୁକ ବର୍ତ୍ତମାନ ୧,୨୩୦ ମିଲିଅନ ବ୍ୟବହାରୀକାରୀଙ୍କ ପାଖରେ ପହଞ୍ଚିଛି । ୨୦୦୫ରେ ୬ ମିଲିଅନ ବ୍ୟବହାରୀକାରୀ ଥିବା ବେଳେ ୨୦୦୭ରେ ୫୮ ମିଲିଅନ, ୨୦୦୮ରେ ୧୪୫ ମିଲିଅନ, ୨୦୦୯ରେ ୩୬୦ ମିଲିଅନ, ୨୦୧୦ରେ ୬୦୮, ୨୦୧୧ରେ ୮୪୫, ୨୦୧୨ରେ ୧,୦୫୬ ଏବଂ ୨୦୧୩ରେ ୧,୨୩୦ ମିଲିଅନ ବ୍ୟକ୍ତି ଫେସବକୁ ବ୍ୟବହାର କରୁଥିବା ୧୦ ବର୍ଷ ପୂର୍ତ୍ତି ଉତ୍ସବରୁ ଜଣାପଡିଥିଲା ।

# ବିଶ୍ୱର ବଡ ଫୁଲ ବଜାର



ବିଶ୍ୱର ସବୁଠୁ ବଡ ଫୁଲ ବଜାର ପ୍ରତିଦିନ ଉତ୍ତର ହଲାଣ୍ଡ ଅନ୍ତର୍ଗତ ଆଲସମିର ସହରରେ ବସେ । ସେଠାରେ ବିଶ୍ୱର ସମସ୍ତ ଅଞ୍ଚଳର ଫୁଲ ବିକ୍ରି ହୁଏ । ଦୈନିକ ପ୍ରାୟ ଦୁଇ କୋଟିର ଫୁଲ ସେଠାରେ କାରବାର ହୋଇଥାଏ । ୨୪୩ ଏକର ଜମି ଉପରେ ଏଥିପାଇଁ ଗୋଦାମ ତିଆରି କରାଯାଇଛି । ପ୍ରତିଦିନ ରାତି ୧୦ଟା ସୁଦ୍ଧା ସେଠାକୁ ଫୁଲ ଆସେ ସାରା ରାତି ଫୁଲ ସଜାଡିବା କାର୍ଯ୍ୟ ଚାଲେ । ସକାଳ ୬ରେ ଫୁଲ ବିକ୍ରି ଆରମ୍ଭ ହୁଏ । ପାଇକାରୀ ବଜାର ହୋଇଥିବାରୁ ମୁଖ୍ୟତଃ ପାଇକାରୀମମାନେ ଏଠାକୁ ଆସନ୍ତି । ସମସ୍ତ ବିକ୍ରି ବଟା ନିଲାମ ଦ୍ୱାରା ହୁଏ । ଦିନ ୨ଟା ସୁଦ୍ଧା ବ୍ୟବସାୟ ସରେ ଏବଂ ପର ଦିନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ ।

# ଜିନ୍ସ ସୃଷ୍ଟି କରୁଛି ସମସ୍ୟା



ଆଜିକାର ଅତ୍ୟାଧୁନିକ ଯୁବତୀମାନେ ଚିପା ଜିନ୍ସ ପିନ୍ଧିବାକୁ ଏକ ଫ୍ୟାଶନ ମନେ କରୁଛନ୍ତି। ହେଲେ ଏହାଦ୍ୱାରା ଯେ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୁଏ ସେଥିପ୍ରତି କେହି ଧ୍ୟାନ ଦିଅନ୍ତି ନାହିଁ। ଏକ ଗବେଷଣାରୁ ଜଣାଯାଇଛି ଯେ ଚିପା ଜିନ୍ସ ପିନ୍ଧିବା ଦ୍ୱାରା ଏକ ପ୍ରକାର ସ୍ନାୟୁଗତ ରୋଗ ସୃଷ୍ଟି ହୁଏ, ଯାହାକୁ କୁହନ୍ତି 'ମେରାଲଜିଆ ପାରେସ୍ଥଟିକା' ବା 'ଟିଙ୍ଗଲିଙ୍ଗ୍ ଥିଙ୍ଗ ସିଣ୍ଡ୍ରମ'। ଏହାଦ୍ୱାରା ଜଙ୍ଘରେ ଯାଇଥିବା ଚର୍ମ ସମ୍ବନ୍ଧୀୟ ସ୍ନାୟୁଗୁଡିକ ଏମିତି ପ୍ରତିକ୍ରୀୟାଶୀଳ ହୋଇପଡ଼ନ୍ତି ଯେ ଗୋଡ଼ ଝିମ୍‌ଝିମ୍ ଲାଗିବା ସହ ବିନ୍ଧି ଉଠେ। ଏହି ରୋଗରେ ଗୋଡ଼ ଅକାମି ହୋଇଗଲା ପରି ଅନୁଭୂତ ହୁଏ। ଚିପା ଜିନ୍ସ ସାଙ୍ଗକୁ ଯଦି ହାଇ ହିଲ୍ ଜୋତା ପିନ୍ଧିଥିବେ ତେବେ ଅବସ୍ଥା ଆହୁରି ସଙ୍ଗିନ ହୋଇଯିବାର ଆଶଙ୍କା ଥାଏ।

# ଦୁଦୁରା ଫୁଲର ଔଷଧୀୟ ଗୁଣ



ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବୀନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

## ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୩, ଫେବୃଆରୀ ୨୨**

# ମୌଲାନା ଆଜାଦ୍

ସ୍ୱାଧୀନୋତ୍ତର ଭାରତର ପ୍ରଥମ ଶିକ୍ଷା ମନ୍ତ୍ରୀ ମୌଲାନା ଆବୁଲ କଲାମ ଆଜାଦ୍। ସେ ଭାରତର ପ୍ରସିଦ୍ଧ ବିଦ୍ୱାନ, ବରିଷ୍ଠ ରାଜନୀତିଜ୍ଞ ତଥା ଅଗ୍ରଣୀ ସ୍ୱାଧୀନତା ସଂଗ୍ରାମୀ। ଭାରତ ଛାଡ଼ ଆନ୍ଦୋଳନରେ ତିନିବର୍ଷ କାରାବରଣ କରିଥିବା ଏହି ଦେଶପ୍ରେମୀ ସ୍ୱରାଜ ଓ ସ୍ୱଦେଶୀ ଉତ୍ପାଦକୁ ପ୍ରୋତ୍ସାହନ ଦେଉଥିଲେ। ଭାରତୀୟ ଜାତୀୟ କଂଗ୍ରେସର ସର୍ବକନିଷ୍ଠ ଅଧ୍ୟକ୍ଷ ଦାୟିତ୍ୱ ମୌଲାନା ଆଜାଦ ତୁଲାଇଥିଲେ। ଦେଶରେ ଶିକ୍ଷାର ମୂଳଦୁଆ ପକାଇଥିବା ମୌଲାନା ଆଜାଦ୍‌ଙ୍କ ଅବଦାନକୁ ମନେ ପକାଇବା ଉଦ୍ଦେଶ୍ୟରେ ସମଗ୍ର ଭାରତ ବର୍ଷରେ ତାଙ୍କ ଜନ୍ମ ଦିବସକୁ 'ଜାତୀୟ ଶିକ୍ଷା ଦିବସ' ଭାବେ ପାଳନ କରାଯାଏ। ୧୮୮୮ ନଭେମ୍ବର ୧୧ ମକ୍କା, ହେଜାଜ୍ ବିଲାୟେତ୍, ତୁର୍କ ସାମ୍ରାଜ୍ୟ (ବର୍ତ୍ତମାନର ସାଉଦି ଆରବ)ରେ ମୌଲାନା ଆଜାଦ୍ ଜନ୍ମ ଗ୍ରହଣ କରିଥିଲେ। ଶିକ୍ଷା ମନ୍ତ୍ରୀ ଭାବେ ଜାତୀୟ ଶିକ୍ଷା ପ୍ରଣାଳୀ ସ୍ଥାପନାପୂର୍ବକ ମାଗଣା ପ୍ରାଥମିକ ଶିକ୍ଷା ଏବଂ ଆଧୁନିକ ଉଚ୍ଚଶିକ୍ଷା ପ୍ରତିଷ୍ଠାନ ଉପରେ ସେ ଗୁରୁତ୍ୱ ଦେଇଥିଲେ। ୟୁନିଭର୍ସିଟି ଗ୍ରାଣ୍ଟ କମିସନ୍ (ୟୁଜିସି) ଓ ଭାରତୀୟ ବୈଷୟିକ ପ୍ରତିଷ୍ଠାନ ସଂସ୍ଥାପନାର ଶ୍ରେୟ ତାଙ୍କୁ ଯାଏ। ଉର୍ଦ୍ଦୁ ଭାଷାରେ ସେ କବିତା ଲେଖୁଥିଲେ। ବ୍ରିଟିଶ ଶାସନ କାଳରେ ସାମ୍ବାଦିକତା, ପ୍ରକାଶନରେ ମୌଲାନା ନିଜକୁ ନିୟୋଜିତ କରିଥିଲେ। ମହାତ୍ମା ଗାନ୍ଧୀଙ୍କ ସଂସ୍ପର୍ଶରେ ଆସି



ଗୋପୀନାଥ ଦାଶ

ଖିଲିଫତ୍ ଆନ୍ଦୋଳନ ଓ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇଥିଲେ। ଭାରତ ବିଭାଜନ ସମୟରେ ଚାଲିଥିବା ସାମ୍ପ୍ରଦାୟିକ ଦଙ୍ଗାରେ ମୌଲାନା ଧାର୍ମିକ ସଦ୍‌ଭାବନା ନିମନ୍ତେ ଆପ୍ରାଣ ଉଦ୍ୟମ କରିଥିଲେ। ଅଲ୍‌ହିଲାଲ୍ ଖବରକାଗଜ ମାଧ୍ୟମରେ ହିନ୍ଦୁ-ମୁସଲିମ୍ ଏକତା ପାଇଁ ଚେଷ୍ଟା ଚଳାଇଥିଲେ। ୧୯୯୨ରେ ମୌଲାନାଙ୍କୁ ଭାରତର ସର୍ବୋଚ୍ଚ ନାଗରିକ ସମ୍ମାନ ମରଣୋତ୍ତର ଭାରତ ରତ୍ନରେ ସମ୍ମାନିତ କରାଯାଇଥିଲା। ୧୯୫୮ ଫେବୃଆରୀ ୨୨ ତାରିଖ ଦିନ ତାଙ୍କର ଦେହାନ୍ତ ହୋଇଥିଲା।

କ୍ରୀଡ଼ା ଶିକ୍ଷକ, ହରିହରାନନ୍ଦ ବାଳାଶ୍ରମ,
ଅରୁଆ କଦଳୀବଣ,
ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା,
ଦୂରଭାଷ : ୮୮୯୫୨୯୬୧୬୭

# କସ୍ତୁରବା ଗାନ୍ଧୀ



ଡ଼ଃ.ଅରୁନ୍ଧତୀ ଦେବୀ

ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିବା ଅଗ୍ନିବର୍ଷୀ ମହିଳାଙ୍କ ମଧ୍ୟରେ କସ୍ତୁରବା ଅନ୍ୟତମ। ମହାତ୍ମା ଗାନ୍ଧୀଙ୍କର ସେ ଧର୍ମପତ୍ନୀ। ସଂଗ୍ରାମରେ ଗାନ୍ଧୀଙ୍କୁ ପ୍ରତିଟି ପାହାଚରେ ସେ ସହଯୋଗ କରିଥିଲେ। ପରାଧୀନତାର ଶିକୁଳିରୁ ଦେଶକୁ ମୁକ୍ତ କରିବା ଲାଗି ନିଜେ ଘରେ ଘରେ ବୁଲି ସଂଗ୍ରାମୀ ଏକଜୁଟ କରୁଥିଲେ। ୧୮୬୯ ଏପ୍ରିଲ ୧୧ରେ ଗୁଜୁରାଟର ପୋରବନ୍ଦର ଠାରେ ଜନ୍ମିତ କସ୍ତୁରବା ଜଣେ ଧର୍ମପରାୟଣା ନାରୀ ଥିଲେ। ଭାରତୀୟ ସ୍ୱାଧୀନତାରେ ଯୋଗ ଦେବା ପରେ ଏକାଧିକଥର ସେ କାରାଦଣ୍ଡ ଭୋଗିଥିଲେ। ଲବଣ ସତ୍ୟାଗ୍ରହ, ବିଦେଶୀ ଦ୍ରବ୍ୟ ବର୍ଜନଠୁ ଆରମ୍ଭ କରି ଅହିଂସା ଆନ୍ଦୋଳନ ଆଦିରେ କସ୍ତୁରବା ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ମହିଳାଙ୍କ ସର୍ବାଙ୍ଗୀନ ଉନ୍ନତି ଓ ପୁରୁଷଙ୍କ ସହ ସମାନ ଅଧିକାର ପାଇଁ ଲଢ଼େଇ ଜାରି ରଖିଥିଲେ। ଜାତିର ଜନକ ମହାତ୍ମା ଗାନ୍ଧୀ ସ୍ୱାଧୀନତା ସଂଗ୍ରାମ ପାଇଁ ଆନ୍ଦୋଳନ କରୁଥିବାବେଳେ ସମସ୍ତ ସଂଗ୍ରାମୀ ସହଯୋଗୀ ମାନଙ୍କ ଦାୟିତ୍ୱ ସମ୍ପାଦନ କରୁଥିଲେ କସ୍ତୁରବା। ସେ ସେମାନଙ୍କର ଖାଇବା ପିଇବା ଠାରୁ ସମସ୍ତ ପ୍ରକାର ଦାୟିତ୍ୱ ନିଜେ ନିର୍ବାହ କରୁଥିଲେ। ସେ ମଧ୍ୟ ଗାନ୍ଧିଜୀଙ୍କ ସହ ଅନେକ ସମୟ ଯାତ୍ରା କରି ଭାରତ ସାରା ସଂଗ୍ରାମୀ ମାନଙ୍କୁ ଏକଜୁଟ କରିବା ସହ ସେମାନଙ୍କର ମନୋବଳ ବୃଦ୍ଧି କରୁଥିଲେ। ଭାରତ ଛାଡ଼ ଆନ୍ଦୋଳନ ଓ ସ୍ୱାଧୀନତା ସଂଗ୍ରାମରେ ତାଙ୍କ ସହଯୋଗ, ଅବଦାନ ଓ ଭୂମିକା ସ୍ମରଣୀୟ। ହୃଦ୍‌ଘାତ ଓ ନିମୁନିଆର ଶିକାର ହୋଇ ୧୯୪୪ ଫେବୃଆରୀ ୨୨ ତାରିଖ ଦିନ ତାଙ୍କର ପରଲୋକ ହୋଇଥିଲା।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ,
କଟକ, ଦୂରଭାଷ : ୯୯୩୭୧୭୨୮୧୦

# ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଜଣେ ପ୍ରଜାବତ୍ସଳ, ପରୋପକାରୀ ଓ ସ୍ୱଦେଶପ୍ରେମୀ ଶାସକ ଥିଲେ। ମୟୂରଭଞ୍ଜର ରାଜା ଥିଲେ ହେଁ ନିଜର ଅସାଧାରଣ ପ୍ରତିଭା ଓ ପ୍ରଚେଷ୍ଟା ବଳରେ ଓଡ଼ିଶାର ରାଜନୀତିକ, ସାମାଜିକ ଓ ସାଂସ୍କୃତିକ କ୍ଷେତ୍ରକୁ ପ୍ରଭାବିତ କରିପାରିଥିଲେ। ଓଡ଼ିଆ ଜାତି ଓ ଭାଷା ପ୍ରତି ତାଙ୍କର ଗଭୀର ମମତା ଥିଲା। ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନରେ ସେ ସଭାପତିତ୍ୱ କରିଥିଲେ। ୧୯୦୩ ଡିସେମ୍ବର ୩୦ ତାରିଖରେ ଏହି ଐତିହାସିକ ସଭା କଟକରେ ଅନୁଷ୍ଠିତ ହୋଇଥିଲା। ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ପାଇଁ ତାଙ୍କର ଅବଦାନ ଅତୁଳନୀୟ। ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ମୟୂରଭଞ୍ଜ ରାଜବଂଶର ଏକ କୀର୍ତ୍ତି। କଳା-ସାହିତ୍ୟ-ସାଂସ୍କୃତିକ-ଶିକ୍ଷା ଅନୁଷ୍ଠାନର ପ୍ରତିଷ୍ଠାରେ ସେ ମନ ଦେଇଥିଲେ। କଟକରେ ଉତ୍କଳ ସାହିତ୍ୟ ସମାଜର ସ୍ଥାୟୀ ସଭାଗୃହ ତାଙ୍କର ଅବଦାନ। ଶ୍ରୀରାମଚନ୍ଦ୍ର ଥିଲେ ସାହିତ୍ୟାନୁରାଗୀ ଓ କଳାପ୍ରେମୀ। ତାଙ୍କ ପୃଷ୍ଠପୋଷକତାରେ ବାରିପଦାରୁ ଉତ୍କଳ ପ୍ରଭା ସାହିତ୍ୟ ପତ୍ରିକା ପ୍ରକାଶ ପାଇଥିଲା। ସେ ଛଉ ନୃତ୍ୟ ବିଶାରଦ ଥିଲେ। ରାଜକୋଷରୁ ବିପୁଳ ଅର୍ଥ ବ୍ୟୟକରି ମୟୂରଭଞ୍ଜ ଛଉ ନୃତ୍ୟର ଅଭିବୃଦ୍ଧି ଘଟାଇଥିଲେ। ବିଳାସବ୍ୟସନ, ଚାକଚକ୍ୟ ପ୍ରତି ତାଙ୍କର ଆଗ୍ରହ ନଥିଲା। ରାଜପ୍ରାସାଦର ଏକ ସାଧାରଣ କୋଠରିରେ ରହୁଥିଲେ। ନିରାମିଷାଶୀ ଥିଲେ ଓ ମଦ୍ୟପାନ କରୁନଥିଲେ। ତାଙ୍କ ରାଜତ୍ୱ କାଳରେ ମୟୂରଭଞ୍ଜ ଓଡ଼ିଶାର ଆଦର୍ଶ ରାଜ୍ୟରେ ପରିଣତ ହୋଇଥିଲା। ଶ୍ରୀରାମଚନ୍ଦ୍ର ଥିଲେ ଶିକାର ପ୍ରିୟ ଏହି ଶିକାର ଯୋଗୁଁ ହିଁ ତାଙ୍କର ପ୍ରାଣ ଯାଇଥିଲା। ରୂପସୀ ବାରିପଦା ରେଳପଥର ସଂପ୍ରସାରଣ କାର୍ଯ୍ୟ ଚାଲିଥିବା



ଅଲେଖ ଚନ୍ଦ୍ର ସାମଲ

ବେଳେ ରେଳବାଇର କିଛି ଉଚ୍ଚ କର୍ମକର୍ତ୍ତା ପରିଦର୍ଶନରେ ଆସି ମହାରାଜାଙ୍କ ଆତିଥ୍ୟ ଗ୍ରହଣ କରିଥିଲେ। ରାତିରେ ସେମାନଙ୍କୁ ଧରି ମହାରାଜା ଶିକାରକୁ ଯାଇଥିଲେ। ଗୋଟିଏ ମଞ୍ଚରେ ମହାରାଜା ଥିବା ବେଳେ ଅନ୍ୟ ମଞ୍ଚରେ ଥିଲେ ଅନ୍ୟ ଶିକାରୀମାନେ। ଦୁଇଟି ଭାଲୁ, ସେହି ସ୍ଥାନରୁ ଆସି ଗୁଳି ଖାଇଲେ। ଗୋଟିଏ ଟଳି ପଡ଼ିଲା ଏବଂ ଅନ୍ୟଟି ଆହତ ଅବସ୍ଥାରେ ଜଙ୍ଗଲ ଭିତରକୁ ପଳାଇଲା। ମହାରାଜା ମଞ୍ଚରୁ ତଳକୁ ଓହ୍ଲାଇଲେ। ସେ ପିନ୍ଧିଥିଲେ କଳା ପୋଷାକ। ଅନ୍ଧକାରରେ ତାଙ୍କୁ ଭାଲୁ ଭାବି ଅନ୍ୟ ମଞ୍ଚର ଶିକାରୀମାନେ ଗୁଳି କଲେ। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ଚିକିତ୍ସା ସତ୍ତ୍ୱେ ୧୯୧୨ ଫେବୃଆରୀ ୨୨ ତାରିଖ ଦିନ ମାତ୍ର ବୟାଳିଶ ବର୍ଷ ବୟସରେ ତାଙ୍କର ପରଲୋକ ହୋଇଥିଲା।

ପୂର୍ବତନ ଡିଏଫଓ (କେନ୍ଦୁଲିଫ) ପଲାଇ,
ବାଲିଚନ୍ଦ୍ରପୁର, ଯାଜପୁର,
ଦୂରଭାଷ : ୯୪୩୭୨୫୭୧୨୩

# ଖାଇଲା ବେଳକୁ ସାତପୁଅର ମା...

ବିଭିନ୍ନ ଶ୍ରମିକ ଓ କର୍ମଚାରୀ ସଂଗଠନମାନଙ୍କ ଦ୍ୱାରା ସର୍ବନିମ୍ନ ମଜୁରି ଓ ପେନସନ ନିର୍ଦ୍ଧାରଣ ତଥା ୨୦୦୪ ଜାନୁୟାରୀ ପହିଲାରୁ କର୍ମଚାରୀଙ୍କ ପାଇଁ ଲାଗୁ ହୋଇଥିବା ନୂତନ ପେନସନ ଯୋଜନାକୁ ବାତିଲ କରି ପୁରୁଣା ପେନସନ ଯୋଜନାର ପୁନଃ ପ୍ରଚଳନ ପାଇଁ ଦାବି ଏବେ ସାରା ଭାରତବର୍ଷରେ ଜୋରଦାର ହେଉଛି। ୨୦୦୪ରୁ ରାଜ୍ୟ ସ୍ତରରୁ ସର୍ବଭାରତୀୟ ସ୍ତର ପର୍ଯ୍ୟନ୍ତ କର୍ମଚାରୀମାନଙ୍କର କ୍ରମାଗତ ସଂଘର୍ଷ ଫଳରେ ନୂତନ ପେନସନ ଯୋଜନା ନୀତିରେ କିଛିଟା ପରିବର୍ତ୍ତନ ଆସିବା ସହ ନିକଟ ଅତୀତରେ ରାଜସ୍ଥାନ, ଝାଡ଼ଖଣ୍ଡ, ଛତିଶଗଡ଼, ପଞ୍ଜାବ ଓ ହିମାଚଳ ପ୍ରଦେଶର ରାଜ୍ୟ ସରକାରମାନେ ପୁରାତନ ପେନସନ ଯୋଜନାକୁ ଫେରିବା ପାଇଁ ବିଜ୍ଞପ୍ତି ଜାରି କରିବା ପରେ କର୍ମଚାରୀ ମହଲରେ ଅନେକ ଆଶାର ସଞ୍ଚାର ହୋଇଥିବାରୁ ପେନସନ ନିଧି ନିୟାମକ ଓ ବିକାଶ ପ୍ରାଧିକରଣ ଅଧିନିୟମ ତୁରନ୍ତ ରଦ୍ଦ କରିବାକୁ ୮ ଡିସେମ୍ବର ୨୦୨୨, ୭ ଓ ୨୧ ଜାନୁୟାରୀ ୨୦୨୩ରେ ଜାତୀୟ ଯୁଗ୍ମ କାର୍ଯ୍ୟକାରିଣୀ ପରିଷଦ ବା ଘବଷ୍ପସକ୍ଟଭବକ୍ଷ ଔକ୍ଟସଭଷ୍ପ ଉକ୍ଟଙ୍କଭମସକ୍ଷ କ୍ଟଲ ଇମଷ୍ପସକ୍ଟଭ (ଘଔଉଇ) ଅନ୍ତର୍ଭୁକ୍ତ ରେଳବାଇ ସହ ସମସ୍ତ କେନ୍ଦ୍ର ସରକାରୀ କର୍ମଚାରୀ ଓ ଶିକ୍ଷକମାନଙ୍କ ସହ ଭାରତବର୍ଷର ସମସ୍ତ ରାଜ୍ୟ ସରକାରୀ କର୍ମଚାରୀମାନେ ନୂଆଦିଲ୍ଲୀରେ ତିନୋଟି ମିଳିତ ବୈଠକ କରି ପୁରୁଣା ପେନସନ ଯୋଜନାର ପୁନଃପ୍ରଚଳନ ପାଇଁ ଏକ ମିଳିତ ମଞ୍ଚ (ଔକ୍ଟସଭଷ୍ପ ରକ୍ଟକ୍ଷଙ୍କଙ୍କ ଲକ୍ଟକ୍ଷ ଜରଷ୍ପ-ଷ୍ପକ୍ଟକ୍ଷବଷ୍ପସକ୍ଟଭ କ୍ଟଲ ଙ୍କଷୟ ଚରଭଷ୍ପସକ୍ଟଭ ଝମଷରଙ୍କର ବା ଔରଜଙ୍କଚଝ) ଜରିଆରେ ସାରା ଦେଶର ଶ୍ରମିକ ଓ କର୍ମଚାରୀଙ୍କ ସମସ୍ୟାର ସମାଧାନ ଉଦ୍ଦେଶ୍ୟରେ ସର୍ବସମ୍ମତି କ୍ରମେ ୨୦୨୩ ପାଇଁ ବର୍ଷସାରାର ଏକ ଆନ୍ଦୋଳନାତ୍ମକ ଚିଠା ପ୍ରସ୍ତୁତ କରିଛନ୍ତି। ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ, ପ୍ରଥମ ଦଫାରେ ୧୦ ଫେବୃୟାରୀ ରୁ ୨୦ ଫେବୃୟାରୀ ୨୦୨୩ ଭିତରେ ନୂତନ ପେନସନ ଯୋଜନାର ଉପଭୋକ୍ତାଙ୍କ ସହ ସମସ୍ତ କର୍ମଚାରୀ, ପୁରୁଣା ପେନସନଭୋଗୀ, ପରିବାର ପେନସନଭୋଗୀ ଓ ସେମାନଙ୍କର ପରିବାର ସଦସ୍ୟଙ୍କୁ ନେଇ ଦେଶବ୍ୟାପୀ ଏକ ଦସ୍ତଖତ ଅଭିଯାନ କରାଯାଇ ଭାରତର ମହାମହିମ ରାଷ୍ଟ୍ରପତିଙ୍କୁ ପଠେଇବାର ଥିଲା। କିନ୍ତୁ ଯାହା ହୃଦୟଙ୍ଗମ ହେଲା, ଦେଶବ୍ୟାପୀ ଏଭଳି ଏକ ଦସ୍ତଖତ ଅଭିଯାନରେ ସମସ୍ତଙ୍କର ବିଶେଷଭାବେ ନୂତନ ପେନସନ ଯୋଜନାର ଉପଭୋକ୍ତା ଯେଉଁମାନଙ୍କ ପାଇଁ ଏହା ଉଦ୍ଦିଷ୍ଟ ଥିଲା ସେମାନଙ୍କର ଶତ ପ୍ରତିଶତ ସ୍ୱତଃସ୍ଫୂର୍ତ୍ତ ତଥା ଆନ୍ତରିକ ଯୋଗଦାନ ରହିଲା ନାହିଁ। ପୁରୁଣା ପେନସନ ଯୋଜନା ଅନ୍ତର୍ଭୁକ୍ତ କିଛି ବରିଷ୍ଠ ଓ ଅବସରପ୍ରାପ୍ତ କର୍ମଚାରୀ ଦସ୍ତଖତ ଅଭିଯାନରେ ଯଦିଓ ପ୍ରତ୍ୟକ୍ଷ ଭାବେ ଜଡ଼ିତ ରହିଲେ, ପିଡାରୁ ମୁକ୍ତି ପାଇଁ ପ୍ରକୃତ ପିଡୀତଙ୍କ ଆଗ୍ରହ ଆଶାନୁରୂପ ପରିଲକ୍ଷିତ ହେଲାନାହିଁ। ବରଂ 'ମୁଁ କାନ୍ଦୁଥାଏ ତୋ'ରି ପାଇଁ, ହେଲେ ତୋ ଆଖିରେ ଟୋପେ ଲୁହ ଯେ ନାହିଁ' ଭଳିଆ ଅନୁଭବ ହେଲା। ଅନ୍ୟ ପକ୍ଷରେ ସମସ୍ତ ଶ୍ରମିକ କର୍ମଚାରୀ ସଂଗଠନଗୁଡିକ ମଧ୍ୟ କେନ୍ଦ୍ରୀୟ ସଂଗଠନର ନିର୍ଦ୍ଦେଶାବଳୀକୁ ତୃଣମୂଳ ସ୍ତରରେ ଠିକ ଠିକ ରୂପାୟନ କରିବାରେ ବିଭିନ୍ନ କାରଣରୁ ଅସମର୍ଥ ରହିଲେ। ଏଭଳି ଆଂଶିକ ଅଭିଯାନ ଅସଫଳ ହେବା ସ୍ୱାଭାବିକ।

ପ୍ରଥମତଃ, ବର୍ତ୍ତମାନ ସମୟରେ ବିଭିନ୍ନ ଆନ୍ଦୋଳନାତ୍ମକ ପନ୍ଥା ଆପଣାଉଥିବା ଶ୍ରମିକ, କୃଷକ, କର୍ମଚାରୀ ତଥା ଛାତ୍ର ସଂଗଠନଗୁଡିକର ଆଦର୍ଶଗତ ଭିନ୍ନତା ଏତେ ଅଧିକ ଯେ, ଉଦ୍ଦେଶ୍ୟ ଏକ ଥିଲେ ବି ସ୍ୱାଧୀନ ସଂଗଠନ ଓ ନିର୍ଦ୍ଦିଷ୍ଟ ରାଜନୈତିକ ଦଳମାନଙ୍କର ଆଦର୍ଶରେ ଅନୁପ୍ରାଣିତ ଓ ଅନୁବନ୍ଧିତ ସଂଗଠନମାନେ ଗୋଟିଏ ଛତା ତଳେ ଏକାଠି ହୋଇ ହେଇପାରୁନାହାନ୍ତି। ଉଦାହରଣ ଛଳରେ କର୍ମଚାରୀ ସଂଗଠନମାନଙ୍କର କଥା ଆଲୋଚନା କରିବାକୁ ଯାଇ ଯଦି ବିଶ୍ୱର ସର୍ବବୃହତ ଡାକସଂସ୍ଥା ଭାରତୀୟ ଡାକ କଥା କୁହାଯାଏ, ତେବେ ଏହି ବିଭାଗରେ ସ୍ୱାଧୀନ ମହାସଂଘ ନ୍ୟାସନାଲ ଫେଡେରେସନ ଅଫ ପୋଷ୍ଟାଲ ଏମ୍ପ୍ଲଇଜ (ଏନଏଫପିଇ) ଓ ଶ୍ରମିକ ସଂଗଠନ ଆଇଏନଟିୟୁସି ଅନୁବନ୍ଧିତ ଫେଡେରେସନ ଅଫ ନ୍ୟାସନାଲ ପୋଷ୍ଟାଲ ଅର୍ଗାନାଇଜେସନ୍ସ (ଏଫଏନପିଓ) ନାମରେ ଦୁଇଟି ମାନ୍ୟତା ପ୍ରାପ୍ତ ମହାସଂଘ ଏବଂ ଶ୍ରମିକ ସଂଗଠନ ବିଏମଏସ ଅନୁବନ୍ଧିତ ଭାରତୀୟ ପୋଷ୍ଟାଲ ଏମ୍ପ୍ଲଇଜ ଫେଡେରେସନ (ବିପିଇଏଫ) ନାମରେ ଏକ ଅଣମାନ୍ୟତାପ୍ରାପ୍ତ ମହାସଂଘ କାର୍ଯ୍ୟରତ। ଏହି ତିନୋଟି ମହାସଂଘମାନଙ୍କ ଅଧୀନରେ ସାମୟିକ କର୍ମଚାରୀ, ଗ୍ରାମୀଣ ଡାକ ସେବକ, ଚତୁର୍ଥଶ୍ରେଣୀ, ତୃତୀୟଶ୍ରେଣୀ, ପ୍ରଶାସନିକ କର୍ମଚାରୀ, ଲେଖା କର୍ମଚାରୀ, ନିରୀକ୍ଷକ, ପ୍ରଶାସନିକ ଅଧିକାରୀ, ଲେଖା ଅଧିକାରୀ, ସିଭିଲ ଓ ଇଲେକ୍ଟ୍ରିକାଲ ଇଂଜିନିୟର୍ସ, ଗେଜେଟେଡ ଓ ଅଣଗେଜେଟେଡ୍ ଭଳି ଅନ୍ୟୂନ୍ୟ ତିରିଶ ପାଖାପାଖି କ୍ୟାଡରଭିତ୍ତିକ ଛୋଟବଡ ସଂଘ କାର୍ଯ୍ୟରତ। ଗୋଟିଏ ବିଭାଗର ସାଧାରଣ ସମସ୍ୟା, ଏଇ ଯେମିତି ନୂତନ ପେନସନ ଯୋଜନା ଉଚ୍ଛେଦ, ଠିକାଦାରୀ, ଆଉଟସୋର୍ସିଂ, ଘରୋଇକରଣ ବନ୍ଦ, ଅଷ୍ଟମ କେନ୍ଦ୍ରୀୟ ବେତନ ଆୟୋଗ ଗଠନ, ସର୍ବନିମ୍ନ ବେତନ ଓ ମହଙ୍ଗା ଭତ୍ତା ନିର୍ଦ୍ଧାରଣ ସୂତ୍ରର ସଂଶୋଧନ ଇତ୍ୟାଦି ସବୁ କ୍ୟାଡରର କର୍ମଚାରୀଙ୍କ ପାଇଁ ଏକ ହୋଇଥିଲା ବେଳେ କ୍ୟାଡରଭିତ୍ତିକ ସାଂଗଠନିକ ବାଧ୍ୟବାଧକତା ତଥା ସ୍ୱାଧୀନ ଓ ରାଜନୈତିକ ଚିନ୍ତାଧାରାରେ ଭିନ୍ନତା ଯୋଗୁଁ ଏଇ ତିନୋଟି ମହାସଂଘ ଡାକ ବିଭାଗର ସମସ୍ତ କର୍ମଚାରୀଙ୍କୁ ଗୋଟିଏ ମିଳିତ ମଞ୍ଚରେ ଏକତ୍ରିତ କରି ସମୂହ ସ୍ୱାର୍ଥ ପାଇଁ ଆନ୍ଦୋଳନ କରିପାରୁନାହାନ୍ତି। ଅଧିକନ୍ତୁ, ଯେ କୌଣସି ସଂଗ୍ରାମର ସଫଳତାରୁ ଅଧିକ ଲାଭ ପାଉଥିବା ପ୍ରଶାସନିକ ଅଧିକାରୀମାନେ କର୍ମଚାରୀଙ୍କ ଶାନ୍ତିପୂର୍ଣ୍ଣ ଆନ୍ଦୋଳନରେ ବାଧା ସୃଷ୍ଟି କରିଥାନ୍ତି। ଫଳରେ ଏକକ ଭାବେ ସ୍ୱାଧୀନ ମହାସଂଘ ଏନଏଫପିଇର ଆଂଶିକ ଆନ୍ଦୋଳନ ସନ୍ତୋଷଜନକ ସଫଳତା ହାସଲ କରିପାରୁ ନାହିଁ। ରେଳବାଇ ସହ କେନ୍ଦ୍ରର ଅନ୍ୟାନ୍ୟ ବିଭାଗ, ରାଜ୍ୟ ସରକାରୀ କର୍ମଚାରୀ ଓ ଶିକ୍ଷକ ତଥା ଛାତ୍ର ସଂଗଠନଗୁଡିକ ଏହି ମୁଖ୍ୟ ସମସ୍ୟାର ଶିକାର। ଇଂରେଜମାନେ ସିନା ଚାଲିଗଲେ, ହେଲେ ଆମେ ସମସ୍ତେ ତାଙ୍କରି 'ଡିଭାଇଡ ଆଣ୍ଡ ରୁଲ' ପଲିସିର ପଞ୍ଝାରେ ଏବେ ବି କବଳିତ। ସମୂହ ସ୍ୱାର୍ଥର ସୁରକ୍ଷା ପାଇଁ 'ମଇଁଷି ଶିଙ୍ଗ ଫଟା, ଜୁଝିଲା ବେଳକୁ ଗୋଟା' ନୀତି ନ ଆପଣେଇବା ଯୋଗୁଁ ସମସ୍ୟା ସମାଧାନ ବିଳମ୍ବିତ ହେଉଛି।



ବୃହସ୍ପତି ସାମଲ

ଦ୍ୱିତୀୟତଃ, ପରାଧୀନ ଭାରତରେ ଯେତେବେଳେ ଧାରଣା, ଧର୍ମଘଟ ଆୟୋଜନ କରି ଆନ୍ଦୋଳନ କରିବା ଏକ ଦଣ୍ଡନୀୟ ଅପରାଧ ଥିଲା, ସେ ସମୟରେ ନିଜ ଜୀବନକୁ ବାଜି ଲଗେଇ ସାଧାରଣ ଜନତା, ଶ୍ରମିକ, କୃଷକ ଓ କର୍ମଚାରୀମାନେ ଦେଶ ଓ ଦଶର କଲ୍ୟାଣ ପାଇଁ ହାସଲ କରିଥିବା ବିଭିନ୍ନ ସୁଖ ସୁବିଧାର ଅନ୍ତରାଳରେ ଯେଉଁ ଲୋମହର୍ଷଣକାରି ସଂଘର୍ଷ ଓ ବଳିଦାନର କଥା ଲୁଚି ରହିଛି, ଏବର ଯୁବଗୋଷ୍ଠୀ ତାର ଗୁରୁତ୍ୱ ଉପଲବ୍ଧି କରିପାରୁଛନ୍ତି ବୋଲି ମନେ ହୁଏନା। ସ୍ୱାଧୀନତା ପ୍ରାପ୍ତି ପରର ଘଟଣା ମଧ୍ୟ ସେହିଭଳି। ସର୍ବନିମ୍ନ ମଜୁରି, ଯାତାୟାତ ଭତ୍ତା, ମହଙ୍ଗା ଭତ୍ତା, ଆର୍ଥିକ ଅଗ୍ରୀମ, ବୋନସ, ଛୁଟି, ନିର୍ଦ୍ଦିଷ୍ଟ କାର୍ଯ୍ୟ ସମୟ ଭଳି ସମସ୍ତ ସୁବିଧା ସୁଯୋଗ ହାସଲ ପଛରେ ଗୋଟିଏ ଗୋଟିଏ କଠିନ ସଂଘର୍ଷର ବଳିଷ୍ଠ କାହାଣୀ ଲୁକ୍କାୟିତ, ଏକଥା ସେମାନେ ହୃଦୟଙ୍ଗମ କରିପାରୁନାହାନ୍ତି। ଶ୍ରମିକ କର୍ମଚାରୀମାନେ ଉପଭୋଗ କରୁଥିବା ସମସ୍ତ ସୁବିଧା ସୁଯୋଗ କାହାରି ଦାନ ବା ଦୟା ନୁହେଁ, ବରଂ ସେମାନଙ୍କର ଅଦମନୀୟ ସଂଘର୍ଷର ଫଳାଫଳ। ଉଦାହରଣସ୍ୱରୂପ, ସର୍ବନିମ୍ନ ଆବଶ୍ୟକ ମଜୁରି, ମୂଳ ଦରମାରେ ମହଙ୍ଗା ଭତ୍ତା ମିଶ୍ରଣ, ମୂଲ୍ୟବୃଦ୍ଧିର ନିଷ୍ପ୍ରଭାବିକରଣ ଆଦି ଦାବି ନେଇ ୧୯ ସେପ୍ଟେମ୍ବର ୧୯୬୮ରେ କେନ୍ଦ୍ର ସରକାରୀ କର୍ମଚାରୀମାନଙ୍କର ଏକ ଦିବସୀୟ ସର୍ବଭାରତୀୟ ଧର୍ମଘଟ ଡାକରାରେ ତତ୍କାଳୀନ ସରକାର ଧର୍ମଘଟରେ ସାମିଲ ହୋଇଥିବା ୧୭ ଜଣ କର୍ମଚାରୀଙ୍କୁ ପୋଲିସ ଓ ମିଲିଟାରୀ ଫୋର୍ସଙ୍କ ଦ୍ୱାରା ଲାଠି ଓ ଗୁଳି ମାଡ ସହ ଟ୍ରେନ ଚଢେଇ ମାରିଦେଲେ, ପାଖାପାଖି ୧୨ ହଜାର କର୍ମଚାରୀଙ୍କୁ କାରାଗାରରେ ବନ୍ଦୀ କଲେ, ୪୦ ହଜାର କର୍ମଚାରୀଙ୍କୁ ନିଲମ୍ବନ କଲେ ଓ ୬୪ ହଜାର କର୍ମଚାରୀଙ୍କୁ ଚାକିରୀରୁ ବରଖାସ୍ତ କରିବା ପାଇଁ ନୋଟିସ ଜାରି କଲେ ଏବଂ ସର୍ବୋପରି ଆନ୍ଦୋଳନ କରୁଥିବା ଡାକ ତାର କର୍ମଚାରୀ ରାଷ୍ଟ୍ରୀୟ ମହାସଂଘ (ଏନଏଫପିଟିଇ ଯାହା ଡାକ ଓ ତାର ଦୁଇଟି ଅଲଗା ଅଲଗା ବିଭାଗ ହେଲାପରେ ଏନଏଫପିଇ ଓ ଏନଏଫଟିଇ ନାମରେ ପରିଚିତ)ର ମାନ୍ୟତା ପ୍ରତ୍ୟାହାର କରିନେଲେ। ଧର୍ମଘଟର ସୁଫଳ ଯଦିଓ ତୁରନ୍ତ ମିଳି ନଥିଲା, ଏହି ଆନ୍ଦୋଳନ ପରେ ନିଯୁକ୍ତି ପାଇଥିବା ତୃତୀୟ କେନ୍ଦ୍ରୀୟ ବେତନ ଆୟୋଗ ଦାବିଗୁଡିକୁ ଗୁରୁତ୍ୱର ସହ ବିଚାର କରିଥିଲେ। ଆଜିର ଯୁବପିଢିଙ୍କୁ ଏସବୁ କାହାଣୀ ଭଳି ଲାଗିଲେ ବି ଏ କଥା ବୁଝିବାକୁ ହେବ ଯେ କୌଣସି ସଂଗ୍ରାମ କେବେ ବିଫଳ ହୁଏନି।

ତୃତୀୟତଃ, ନିର୍ଭୟ ହୋଇ ନିଜର ହକ ଓ ସାମ୍ବିଧାନିକ ଅଧିକାର ପାଇଁ ଲଢ଼ିବା ଏକ ମାନସିକତା ଯାହା ଅନେକଙ୍କ କ୍ଷେତ୍ରରେ ଏବେ ପରିଲକ୍ଷିତ ହେଉନାହିଁ। ବ୍ୟକ୍ତିଗତ ସ୍ୱାର୍ଥରୁ ଊର୍ଦ୍ଧ୍ୱରେ ରହି ସାମଗ୍ରିକ ଉନ୍ନତି ନିମିତ୍ତ ଅନ୍ୟାୟ, ଅତ୍ୟାଚାର ଓ ଶୋଷଣ ବିରୁଦ୍ଧରେ ସ୍ୱର ଉତ୍ତୋଳନ ପାଇଁ ନିରନ୍ତର ଚେଷ୍ଟିତ କିଛି ବିରଳ ବ୍ୟକ୍ତି ବିଶେଷ, ଯେଉଁମାନେ କିଛି କରିପାରନ୍ତି କରନ୍ତି, ଯେଉଁମାନେ କହିପାରନ୍ତି କହନ୍ତି, ଆଉ ଯେଉଁମାନେ ଲେଖିପାରନ୍ତି ଲେଖନ୍ତି। କିନ୍ତୁ ଯେଉଁମାନେ ନା କିଛି କରିପାରନ୍ତି, ନା କହିପାରନ୍ତି, ନା ଲେଖିପାରନ୍ତି, ସେମାନଙ୍କର ନିଃସର୍ତ୍ତ ଯୋଗଦାନ, ମାନସିକ ଓ ଆର୍ଥିକ ସହଯୋଗ ଯେ କୌଣସି ସଂଗ୍ରାମର ଗତିପଥକୁ ସଫଳତା ଆଡକୁ ତ୍ୱରାନ୍ୱିତ କରେ। ହେଲେ ଆଜିକାଲି ଭିକ ନ ଦେଇ ଥାଳ ଭାଙ୍ଗିବା ଲୋକ ଅନେକ। ଫଳ ଖାଇବେ, ହେଲେ ଗଛ ଲଗେଇବେ ନାହିଁ କିମ୍ବା ଯେଉଁମାନେ ଲଗେଇବେ ତାଙ୍କୁ ସହଯୋଗ ବି କରିବେ ନାହିଁ। ଖାଇଲା ବେଳକୁ ସାତପୁଅର ମା, ହୁଳହୁଳି ଦେଲାବେଳକୁ ଜିଭରେ ଘା। ପ୍ରତ୍ୟକ୍ଷ ସହଯୋଗ ଓ ଯୋଗଦାନ ନ ଥାଇ, ସଂଗ୍ରାମର ଇତିହାସ ଓ ସଂଗ୍ରାମୀଙ୍କ ବଳିଦାନ କଥା ନ ଜାଣି, ନେତୃତ୍ୱକୁ ଅଙ୍ଗୁଳି ନିର୍ଦ୍ଦେଶ କରିବାରେ ଅନେକ ସୁବିଧାବାଦୀ ସିଦ୍ଧହସ୍ତ। ତଥାପି, ଲକ୍ଷ୍ୟ ହାସଲ ପାଇଁ ସେମାନଙ୍କୁ ବୁଝେଇବାକୁ ପଡେ, ସେମାନଙ୍କ ଅନାସକ୍ତି ସତ୍ତ୍ୱେ ତାଙ୍କୁ ସଂଗ୍ରାମରେ ସାମିଲ କରାଯାଏ। ଶ୍ରମିକ କର୍ମଚାରୀ ସଂଗଠନଠାରୁ ଆରମ୍ଭ କରି ରାଜନୈତିକ ଦଳ ପର୍ଯ୍ୟନ୍ତ, ସବୁ ଧାରଣା, ଶୋଭାଯାତ୍ରା, ଧର୍ମଘଟକୁ ଆୟୋଜିତ ବା ପ୍ରାୟୋଜିତ କରିବା ଆଜିକାଲି ଏକ ସାଧାରଣ ଘଟଣା ହେଇଗଲାଣି। ସ୍ୱତପ୍ରବୃତ୍ତ ଯୋଗଦାନ ବହୁ ବିରଳ। ବିକ୍ଷୋଭ ପ୍ରଦର୍ଶନରେ ସାମିଲ ଅନେକ କର୍ମୀ ବିକ୍ଷୋଭର କାରଣ ବିଷୟରେ ନିହାତି ଅଜ୍ଞ ଥା'ନ୍ତି ଯେହେତୁ ସେମାନେ ସ୍ୱତଃ ଆସି ନଥାନ୍ତି, ବରଂ ସେମାନଙ୍କୁ ଅଣାଯାଇଥାଏ। ସାଉଁଟିଲା କାଣ୍ଡ କି ଯୁଦ୍ଧକୁ ପାଏ? କୁହାଯାଏ ଜୀବନର ଅନ୍ୟ ନାମ ସଂଗ୍ରାମ। ଆବଶ୍ୟକତାକୁ ଚାହିଁ ଏହା ଜୀବନର ଏକ ସ୍ୱତଃସ୍ଫୂର୍ତ୍ତ ଧାବମାନ ପ୍ରକ୍ରିୟା ଯାହା ସମସ୍ତ ପ୍ରତିକୂଳ ପରିସ୍ଥିତିକୁ ସାମନା କରି ଆଗକୁ ଅଗ୍ରସର ହେବାକୁ ସାମର୍ଥ୍ୟ ଯୋଗାଇଥାଏ। ସଂଗ୍ରାମ ବିନା ଆଗକୁ ବଢିବା, ସଫଳତା ପାଇବା, କିଛି ପରିବର୍ତ୍ତନ ଆଣିବା ଅସମ୍ଭବ। ଖାଲି ମଣିଷ ସମାଜ ନୁହେଁ, କୀଟପତଙ୍ଗ, ତରୁଲତା, ପଶୁପକ୍ଷୀ ସମସ୍ତେ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ସଂଘର୍ଷରତ। ନିର୍ଜୀବ ଝରଣାଟିଏ ବି କଠିନ ପାହାଡର ବୁକୁ ଫଟେଇ ପୃଥିବୀର ସୂର୍ଯ୍ୟାଲୋକ ଦେଖିବାଠାରୁ ମହାସାଗରରେ ଲୀନ ହେବା ପର୍ଯ୍ୟନ୍ତ ନିଜ ଚଲା ପଥରେ ଅନେକ ବାଧାବିଘ୍ନର ସମ୍ମୁଖୀନ ହୁଏ। ଜୀବନ ବଞ୍ଚିବା ଏତେ ସହଜ ନୁହେଁ। ନିଘଞ୍ଚ ଜଙ୍ଗଲରେ କ୍ଷୁଦ୍ର ପାଦପଟିଏ ବି ସୂର୍ଯ୍ୟାଲୋକ ପାଇଁ ବୃହଦକାୟ ବୃକ୍ଷରାଜି ସହ ସଂଘର୍ଷ କରେ। ଶିକାରୀ ଶିକାର ପାଇଁ ତ ଶିକାର ଜୀବନ ବଞ୍ଚେଇବା ପାଇଁ ଅହରହ ଧାବମାନ। କେତେବେଳେ ବଞ୍ଚିବା ପାଇଁ ସଂଗ୍ରାମ ତ କେତେବେଳେ ନିଜର ପ୍ରାଧାନ୍ୟ ଜାହିର କରିବା ପାଇଁ ସଂଗ୍ରାମ। କେତେବେଳେ ଶୋଷଣ, ଅନ୍ୟାୟ, ଅତ୍ୟାଚାର ଓ ପରାଧୀନତାର ଶୃଙ୍ଖଳରୁ ମୁକ୍ତି ପାଇଁ ସଂଗ୍ରାମ ତ କେତେବେଳେ ନିଜର ଗଣତାନ୍ତ୍ରିକ ଅଧିକାର ଓ ସ୍ୱାଭିମାନର ସୁରକ୍ଷା ପାଇଁ ସଂଗ୍ରାମ। ଅର୍ଥାତ, ଜୀବନ ଅଛି, ତ ସଂଗ୍ରାମ ଅଛି, ଯାହା ଆୟୋଜିତ କି ପ୍ରାୟୋଜିତ ନୁହେଁ, ବରଂ ସ୍ୱତଃପ୍ରବୃତ୍ତ।

ସାମ୍ପ୍ରତିକ ପରିସ୍ଥିତିରେ ଶ୍ରମିକ, କର୍ମଚାରୀ ତଥା ନାଗରିକମାନଙ୍କର ସାମ୍ବିଧାନିକ ଓ ଗଣତାନ୍ତ୍ରିକ ଅଧିକାର କ୍ରମାଗତ କ୍ଷୁର୍ଣ୍ଣ ହେଉଥିଲା ବେଳେ, ଦଳମତ ନିର୍ବିଶେଷରେ ଏକ ମିଳିତ, ସ୍ୱତଃସ୍ଫୂର୍ତ୍ତ ତଥା ବଳିଷ୍ଠ ସଂଗ୍ରାମର ଆବଶ୍ୟକତା ରହିଛି। ଅନାସକ୍ତ ସଂଗ୍ରାମୀଙ୍କ ଦ୍ୱାରା ଆୟୋଜିତ ସଂଗ୍ରାମ ମୂଲ୍ୟହୀନ। ବେଳହୁଁ ଯୁବପିଢ଼ି ବୁଝିଗଲେ ଭଲ।

*ସାଧାରଣ ସମ୍ପାଦକ,*
*କେନ୍ଦ୍ର ସରକାରୀ କର୍ମଚାରୀ ଓ*
*ଶ୍ରମିକ ପରିସଂଘ*
*ଓଡିଶା ରାଜ୍ୟ ସମନ୍ୱୟ ସମିତି,*
*ଭୁବନେଶ୍ୱର*
*ମୋବାଇଲ ନଂ: ୯୪୩୭୦୨୨୬୬୯*

# ଓଡ଼ିଆ ଚଉତିଶା ସାହିତ୍ୟର ରାମକଥା

ଓଡ଼ିଆ ସାହିତ୍ୟର ସବୁଠାରୁ ଜନପ୍ରିୟ ସାହିତ୍ୟ ହେଉଛି ଚଉତିଶା। ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଏପରି କେହି କବି ନାହାନ୍ତି ଯେ କି ଚଉତିଶା ରଚନା କରିନାହାନ୍ତି। ଏହି ଚଉତିଶା ରଚନା କରିବାର କ୍ଷେତ୍ର ଅତି ପ୍ରଶସ୍ତ। ରାମାୟଣର ସମ୍ପୂର୍ଣ୍ଣ ଓ ଖଣ୍ଡିତ ବିଷୟବସ୍ତୁକୁ ନେଇ ଓଡ଼ିଆ ସାହିତ୍ୟରେ ବହୁ ଚଉତିଶା ରଚିତ ହୋଇଛି। ଓଡ଼ିଆ ଗଣଜୀବନରେ ସାହିତ୍ୟ ପ୍ରସାରର ପ୍ରାଥମିକ ଭିତ୍ତି ହେଉଛି ଏହି ଚଉତିଶା। ଓଡ଼ିଆ ସାହିତ୍ୟର ସହସ୍ରାଧିକ ଚଉତିଶା ରଚିତ ହେଉଛି। ମାତ୍ର ପ୍ରକାଶିତ ଚଉତିଶା ଗୁଡ଼ିକ ଅପେକ୍ଷା ଅପ୍ରକାଶିତ ଚଉତିଶା ଗୁଡ଼ିକର ସଂଖ୍ୟା ସର୍ବାଧିକ। ଓଡ଼ିଆ ବର୍ଣ୍ଣମାଳାର ଚଉତିରିଶି ଗୋଟିଏ ବ୍ୟଞ୍ଜନବର୍ଣ୍ଣକୁ କବିତାର ପାଦ୍ୟାଦରେ ବ୍ୟବହାର କରି ଯେଉଁ ଗୀତ ରଚନା କରାଯାଏ ତାହାକୁ ଚଉତିଶା କହନ୍ତି। ଏହାର ମୂଳରୂପ ସଂସ୍କୃତ ସାହିତ୍ୟରେ ପରିଲକ୍ଷିତ ହୁଏ। ପାଲି, ପ୍ରାକୃତ, ଇଂରାଜୀ, ହିନ୍ଦୀ, ବଙ୍ଗଳା, ଆରବିକ ଓ ପାର୍ସୀ ଭାଷାରେ ଏ ମଧ୍ୟ ଏ ପ୍ରକାର ରଚନା ରୀତି ପ୍ରଚଳିତ। ଯଦିଓ ଏସବୁ ଭାଷାରେ ଅକ୍ଷର ସଂଖ୍ୟା ସମାନ ନୁହେଁ। ରଘୁନାଥଙ୍କର 'ରାମକାରୁଣ୍ୟ ଚଉତିଶା' ଜଗନ୍ନାଥଙ୍କର 'ରାମଶୋକ ଚଉତିଶା', ସଦାନନ୍ଦଙ୍କର 'ରାମ ବିଳାପ ଚଉତିଶା', ପରମାନନ୍ଦଙ୍କର 'ସୀତା ବିଚ୍ଛେଦ ଚଉତିଶା', ଅବଦୁଲ ଲତିଫଙ୍କର



ଡାକ୍ତର ଦିଲ୍ଲୀପ କୁମାର ମହାରଣା

'ରାମ ରୋଦନ ଚଉତିଶା' ପ୍ରଭୃତିରେ ପ୍ରିୟତମା ପତ୍ନୀ, ସତୀ ସୀତା ବିଚ୍ଛେଦର ବା ଅନୁପସ୍ଥିତିରେ ରାମଚନ୍ଦ୍ରଙ୍କର ଅନ୍ତସର କାରୁଣ୍ୟ ଅଭିବ୍ୟକ୍ତ ବର୍ଣ୍ଣିତ। ସୀତା ଅପହରଣ ପରେ ରାମଚନ୍ଦ୍ର ସୀତାଙ୍କ ଅନ୍ୱେଷଣ ଲାଗି ବହୁକାରଣ୍ୟ ପୂର୍ଣ୍ଣ ଖେଦୋକ୍ତି ପ୍ରକାଶ କରିଛନ୍ତି। 'କାନ୍ତା ବିଚ୍ଛେଦ ମାଲ୍ୟ ଗିରି ଶିଖରେ, କରନ୍ତି ଶୋକ ରାମ ସୀତା ବିହୁନେ ଯେ, ଖାଜ ଦଇବ ମୋର ବାଇ ହୋଇଲା, କ୍ଷିତିସୁତା ଅସୁର ପୁରେ ରହିଲା।' କବି ଭୋବାନୀଙ୍କ 'ରାମ ଜଣାଣ ଚଉତିଶା' ଓଡ଼ିଆ ରାମ ସାହିତ୍ୟ ବିକାଶଧାରାରେ ଏକ ବଳିଷ୍ଠ ପଦକ୍ଷେପ। 'କରପତ୍ର ଯୋଡ଼ିଣ କହଇ ଦୀନଜନ, ହେ ପ୍ରଭୁ କୌଶଲ୍ୟା ନିନ୍ଦନ। କଷ୍ଟ ତ ଦେଖ ନେତ୍ରେ କହକି ଖାଇ ମୋତେ, ତୁରିତେ ନୁହେଁ ଅବିଧାନ ହେ ରାମଚନ୍ଦ୍ର।' ପ୍ରାଚୀନ ଓ ମଧ୍ୟ ଯୁଗୀୟ ଓଡ଼ିଆ ସାହିତ୍ୟରେ ଚଉତିଶା ରୂପଟି ସବୁଠାରୁ ଜନପ୍ରିୟ ହୋଇଥିବା ଅନୁମେୟ। ପ୍ରାଚୀନ ଓ ମଧ୍ୟଯୁଗରୁ ଆରମ୍ଭ କରି ଆଧୁନିକ ଯୁଗ ପର୍ଯ୍ୟନ୍ତ ପ୍ରାୟ ଅଧିକାଂଶ କବିଙ୍କର ଚଉତିଶା ରଚନାରୁ ଏପରି ଅନୁମାନ କରାଯାଇପାରେ।

ଶିଖରପୁର ଉପରସାହି, କଟକ,
ଦୂରଭାଷ : ୮୨୮୦୯୬୩୨୮୩/
୯୪୩୮୫୮୩୨୮୯

# ଅଟକିନି ଜୀବନ : ଜୀବନଯୁଦ୍ଧର ଲଢ଼େଇରେ ଜଣେ ଅଜୟ....

ସିଡିଏ ସେକ୍ଟର-୯ ପେଟାନାଳ ରାସ୍ତାରୁ ସରସ୍ୱତୀ ଶିଶୁମନ୍ଦିର ସନ୍ନିକଟ ନାରାୟଣ ଚମ୍ପା ଏଣ୍ଟରପ୍ରାଇଜେସ ୱାର୍କସପ୍। ସକାଳର କୁହୁଡ଼ି ଘେରା ପରିବେଶ ଭିତରେ ଟ୍ରଲି ଉପରେ ବସିଥିବା ଜଣେ ଚଳତଶକ୍ତିହୀନ ମଧ୍ୟ ବୟସର ବ୍ୟକ୍ତିଙ୍କ ଖବର କାଗଜ ପଢ଼ିବା ସହ କିଛି ଛୋଟ ବଡ଼ ମନ୍ତବ୍ୟ ଆମକୁ ଚକିତ କରିଥିଲା। ରାସ୍ତା ବି ସେତେ ଭିଡ଼ ନଥିଲା। 'ସରକାର ସବୁ କରୁଛନ୍ତି, ମୋ ପରି ଖଣ୍ଡିଆ ମାନଙ୍କୁ ସବୁ କୁଆଡ଼େ ଯୋଗାଉଛନ୍ତି ହେଲେ ମୁଁ କେଉଁଠି କିଛି ତ ପାଉନି। ମନେପଡ଼ି ଯାଉଛି ଜନସେବୀ ପ୍ରବାଦ ମୂଲ୍ୟବୋଧଯୁକ୍ତ ସାମ୍ବାଦିକତାର ବଡ଼ ଆଶା ସ୍ୱର୍ଗତଃ ପ୍ରଦ୍ୟୁମ୍ନ ବାବୁଙ୍କ କଥା....। ଏହି ପେପରରେ କାଲେ କେଉଁଠି ସରକାର କ'ଣ ଘୋଷଣା କରିଛନ୍ତି କି ? ଖୋଜି ବୁଲୁଛି ପେପର ଭିତରେ...।' ଛୋଟ ମୁହଁରୁ ଏତେ ବଡ଼ କଥାଟି ଶୁଣି ଆମେ ଆଶ୍ଚର୍ଯ୍ୟ ହୋଇଯାଇଥିଲୁ। ନିଜେ ଚାଲି ପାରୁନଥିବା ଲୋକଟି ସାମ୍ବାଦିକତାର ଅନ୍ୟତମ ଗୌରବ ପ୍ରତୀକ ସ୍ୱର୍ଗତଃ ପ୍ରଦ୍ୟୁମ୍ନ ବାବୁଙ୍କ ନାମ ଶୁଣି ଆମ ଭିତରେ ସୃଷ୍ଟି ହୋଇଥିଲା କିଛି ଜାଣିବାର ଆବେଗ। ଆମେ ତାଙ୍କୁ ନିଜ ପରିଚୟ ଦେବା ପରେ ସେ ସମ୍ମାନ ଜଣାଇ ପ୍ରଥମରୁ କ୍ଷୋଭର ସହିତ କହିବା ଆରମ୍ଭ କରିଥିଲେ। 'ଆମକୁ କୁଆଡ଼େ ଦିବ୍ୟାଙ୍ଗ କହୁଛନ୍ତି, ଏହି ଶୁଣିବାକୁ ଭଲ ଲାଗୁଥିବା ଶବ୍ଦରେ କ'ଣ ପେଟ ପୁରୁଛି ?। ଟ୍ରଲି ଖଣ୍ଡେ ନାହିଁ, ମୁଣ୍ଡ ଉପରେ ଥାନ ରଖିବାକୁ ଘରଟିଏ ବି ନାହିଁ। ଚାରି ପ୍ରାଣୀ ଲୋକଙ୍କୁ ନେଇ ଏଠାରୁ ୩୫ କିଲୋମିଟର ଦୂର ମୋ ପାଇଁ କେତେ ଯେ କଷ୍ଟକର ମୁଁ ଜାଣିଛି। ଆପଣ ମୋ ଗୁହାରୀ ଟିକେ ସରକାରଙ୍କ ପାଖରେ ପହଞ୍ଚାଇବେ ?' ଆମେ ତାଙ୍କୁ କିଛି ପଚାରିବା ପୂର୍ବରୁ ସେ ପୁଣି କହିଚାଲିଥିଲେ ତାଙ୍କ ପୂର୍ବଦିନର କଥା। ଗୋଟିଏ କ'ଣ କାମ ପାଇଁ ନିଜ ଅଞ୍ଚଳର ଅଭାବ ଅସୁବିଧା ସହ ଜଣାଇଥିଲେ ପ୍ରଗତିବାଦୀ କାର୍ଯ୍ୟାଳୟକୁ। ସେତେବେଳେ ସ୍ୱର୍ଗତଃ ପ୍ରଦ୍ୟୁମ୍ନ ବାବୁ ସମ୍ପାଦନା କରୁଥାନ୍ତି ଓ ମେହନତୀ ଦୁଃଖି ଲୋକଙ୍କ ତଥ୍ୟଭିତ୍ତିକ ଖବର ହିଁ ଲୋକଲୋଚନକୁ ଆଣୁଥିଲେ। ଆଉ ତାଙ୍କ ଅସୁବିଧାର ଖବର ସେ ସମୟରେ ପ୍ରଗତିବାଦୀରେ ବାହାରିବା ପରେ ପ୍ରଶାସନ ଚଳଚଞ୍ଚଳ ହୋଇ ଉଠିଥିଲା ଆଉ ତାଙ୍କ ଗୁହାରୀ କାର୍ଯ୍ୟକାରୀ ମଧ୍ୟ ହୋଇଥିଲା। ଆମକୁ ଆଶ୍ଚର୍ଯ୍ୟ ଲାଗିଥିଲା ଆଜିର ତଥାକଥିତ ସାମ୍ବାଦିକଙ୍କ ଭିଡ଼ ଭିତରେ ଏବେ ବି କିଛି ଅଛନ୍ତି ଯେଉଁମାନେ ମୂଲ୍ୟବୋଧଯୁକ୍ତ ସାମ୍ବାଦିକତାର ମଉଡମଣି। ସ୍ୱର୍ଗତଃ ପ୍ରଦ୍ୟୁମ୍ନ ବାବୁଙ୍କୁ ବି ଚିହ୍ନି ନାହାନ୍ତି କି ମନେ ପକାଇ ପାରୁନାହାନ୍ତି ସେ ଜାଗାରେ ଏହି ଲୋକଟିର ଭାବାବେଗ ଓ ସ୍ମରଣୀୟ କୃତଜ୍ଞତା ଆମକୁ ଆଶ୍ଚର୍ଯ୍ୟ ଚକିତ କରିଦେଲା। ବାଙ୍କୀ ଥାନା ଅନ୍ତର୍ଗତ ଗୟଳବାଙ୍କର ପାଖ ଗାଁ କାଇମୁଣ୍ଡି। ପିଲାଟି ଦିନରୁ ମେଧାବୀ ଥିଲେ ବି ପାଠରେ ଡୋରୀ ବାନ୍ଧିଥିଲେ ଅଜୟ। ନିଜେ ଭିନ୍ନକ୍ଷମ ବୋଲି ଅନୁଭବ କଲାପରେ ଘରର ହସ ଖୁସିର ଛୋଟ ସଂସାର ଭିତରେ କଳାବାଦଲ ଘୋରାଇ ଦେଇଥିଲା ସବୁ ଖୁସିର ଆନନ୍ଦକୁ। ସରକାରୀ ଭାବେ ସେ ଷାଠିଏ ପ୍ରତିଶତ ଭିନ୍ନକ୍ଷମ ବୋଲି ସାର୍ଟିଫିକେଟ ଟିଏ ପାଇଛନ୍ତି। କାଙ୍ଗାଳି ରାଉତଙ୍କ ପୁତ୍ର ଅଜୟଙ୍କ ପରିବାର ବୋଇଲେ ସହଧର୍ମିଣୀ ସୁକାନ୍ତି, ପୁଅ ରାଜା ଓ ଝିଅ ରାଣୀ। ନିଜେ ଦିବ୍ୟାଙ୍ଗ ହୋଇଥିଲେ ବି ପୁଅକୁ ଚତୁର୍ଥ ଶ୍ରେଣୀରେ ପଢ଼ାଉଛନ୍ତି ଓ ଝିଅଟି ମାତ୍ର ତିନିବର୍ଷର। ଅନେକ ହାରିଗୁହାରୀ ଓ ସରକାରୀ ବଡ଼ପଣ୍ଡା ମାନଙ୍କ କାକୁତି ମିନତୀ ନିବେଦନ ଓ ପ୍ରଶାସନର କିଛି ତଳିଆ ଲୋକଙ୍କୁ କଷ୍ଟେମଷ୍ଟେ ଛୋଟ ମୋଟ ଖୁସି କରି ମାସକୁ ପାଉଛନ୍ତି ମାତ୍ର ସାତଶହ ଟଙ୍କା ଓ ପନ୍ଦର କେଜି ଚାଉଳ। ତାଙ୍କ ପାଥପୁର ପଞ୍ଚାୟତର ସରପଞ୍ଚଙ୍କୁ ଘରେ ଖଣ୍ଡେ ଓ ଟ୍ରଲି ଖଣ୍ଡେ ପାଇଁ ଅନେକ ଥର ନିବେଦନ କଲେ ବି 'ମୁଁ କ'ଣ ଘରୁ ଆଣିଦେବି ? ଆଉ ଇଏ ତ ଗଛରୁ ଫଳୁନି' ପରି ଫୋପାଡିବା କଥାଟି ଶୁଣି ନିଜ ଭାଗ୍ୟକୁ ଆଦରି ଚୁପ। କଟକରୁ ତାଙ୍କ ଘର କାଇମୁଣ୍ଡି ୩୫ କିଲୋମିଟର ଦୂର। ନିଜେ ବଡ଼ କଷ୍ଟରେ ଯୋଗାଡ଼ କରିଥିବା ଭଙ୍ଗା ତିନିଚକିଆ ଟ୍ରଲିରେ ତାଙ୍କୁ ଯିବା ଆସିବା କରିବା ପାଇଁ ପାଖାପାଖି ପାଞ୍ଚଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ବିତିଯାଏ। ଅତ୍ୟନ୍ତ ଦୁଃଖର କଥା ଚଳତଶକ୍ତିହୀନ ଏହି ଲୋକଟି କଟକର କାଳିଗଳି, ପାଲାମଣ୍ଡପ, ବାଦାମବାଡ଼ି, ସିଡିଏ ପରି କିଛି ଅଞ୍ଚଳର ପରିଚିତ

ଅନୁପମା ଭୂୟାଁ

ହୋଟେଲ ଆଗରେ ଖରାବେଳେ ନିଜ ଗାଡ଼ିଟି ଲଗାଇ ଦିଅନ୍ତି। କର୍ମଚାରୀମାନେ ତାଙ୍କୁ ଟେକି ନେଇ ତାଙ୍କ ବାସନ ସଫା ଯାଗାରେ ପହଞ୍ଚାଇ ଦେବା ପରେ ସେ ଗୋଡ଼ ଲମ୍ବାଇ ବାସନ ମାଜି ଯାହା କିଛି ପାଆନ୍ତି... ଆଉ କିଛି ବଦାନ୍ୟଙ୍କ ହାତଟେକା ଦାନ ଯାହା କିଛି ମିଳେ ତାହାହିଁ ତାଙ୍କ ସେଦିନର ଘର ଓ ତାଙ୍କ ପାଇଁ ଅବଲମ୍ବନର ଗୁଜୁରାଣ। ବସରେ ଯିବା ଆସିବା କଲାବେଳେ ସେ ଭିନ୍ନକ୍ଷମ ହୋଇଥିଲେ ମଧ୍ୟ ପଇସା ଦେଇ ଯିବା ଆସିବା କରନ୍ତି କୌଣସି ରିହାତି ତାଙ୍କୁ ମିଳିନଥାଏ। ଘରପାଖ ଦେଇ ବୋହିଯାଉଛି ମହାନଦୀର ଅଥଳ ଜଳରାଶି ସେହିପରି ଅଜୟଙ୍କ ଜୀବନ ଯୁଦ୍ଧର ଲଢ଼େଇ ମଧ୍ୟ ସେହିପରି ବୋହିଯାଉଛି। ବନ୍ୟା, ବାତ୍ୟାବେଳେ ପାଖ ସ୍କୁଲ ଘର ତାଙ୍କର ଅସ୍ଥାୟୀ ମୁଣ୍ଡ ଗୁଞ୍ଜିବାର ଯାଗା ପାଲଟିଥାଏ। ମୁଣ୍ଡ ଉପର ପାଇଁ ଖଣ୍ଡେ ଘର ଆଉ ଚଳତଶକ୍ତିହୀନ ହୋଇଥିଲେ ବି ଖଣ୍ଡେ ମୁଖ୍ୟ ଅବଲମ୍ବନ ଟ୍ରଲିଟି ତାଙ୍କର ନିହାତି ଲୋଡ଼ା। କଟକ ଜିଲ୍ଲାପାଳ ମହୋଦୟଙ୍କୁ ଭେଟିବା ପାଇଁ ଇଚ୍ଛା କରୁଥିଲେ ମଧ୍ୟ ତାଙ୍କ ପାଇଁ ଅକୁଳ ପଡ଼ିଯାଉଛି ଜିଲ୍ଲାପାଳଙ୍କ ସାମ୍ନାକୁ ଯିବାର ସାମର୍ଥ୍ୟ। କେହି ଜଣେ ତାଙ୍କୁ ଉଠାବସା ନକଲେ ତାଙ୍କ ଜୀବନର ସବୁକିଛି ହିଁ ସେ ଟ୍ରଲି ଉପରେ। ସିଡିଏ ଧବଳେଶ୍ୱରଗଡ଼। ଅଞ୍ଚଳର ଉଦ୍ୟମୀ ଆଧ୍ୟାତ୍ମିକ ସମାଜସେବୀ ତ୍ରିନାଥ ଓଝା ଓ ଶ୍ରୀସତ୍ୟ ସାଇ ସେବା ସଙ୍ଗଠନର ପୂର୍ବତନ କେନ୍ଦ୍ରାଞ୍ଚଳ ସଂଯୋଜକ ଶ୍ୟାମ ସୁନ୍ଦର ସାମଲ ତାଙ୍କୁ ବେଳେ ବେଳେ ଆବଶ୍ୟକୀୟ ସାହାଯ୍ୟ ସହଯୋଗ କରନ୍ତି। ଭଲମନ୍ଦ ବୁଝନ୍ତି। 'ଆମପରି ଗରିବ ଗୁରୁବା ଆଉ ଲେଙ୍ଗଡ଼ା, ଖଣ୍ଡିଆଙ୍କୁ କିଏ କାହିଁକି ଯିବ ପଚାରିବାକୁ.... ସରକାର ଆମକୁ ଦିବ୍ୟାଙ୍ଗ କରିଦେଲେ.... କେହି କେହି କହୁଛନ୍ତି କୁଆଡ଼େ ଜଗନ୍ନାଥ ବି ଦିବ୍ୟାଙ୍ଗ.... ପେଟ ସିନା ଏହିପରି ମନବୋଲା ଚିକଣିଆ କଥାରେ ପେଟ ପୁରିଯାଉଛି କିନ୍ତୁ ମୋ ପେଟ ସହିତ ଆଉ ତିନୋଟି ପେଟ ଛଟପଟ ହୋଇଉଠୁଛି ଦାନାଗଣ୍ଡା ପାଇବା ପାଇଁ।' ଟିକିଏ ଟାଣଖରା ପଡ଼ିବା ପରେ ତ୍ରିନାଥ ବାବୁଙ୍କ ୱାର୍କସପ୍ ସାମ୍ନା ରାସ୍ତାଟି ଫର୍ଚ୍ଚା ହୋଇଯାଇଥିଲା। କିନ୍ତୁ ଦୃଢ଼ ମନୋବଳ ଥିବା ଓ ଜଣେ କିମ୍ବଦନ୍ତୀ ଜନସେବୀ ସାମ୍ବାଦିକଙ୍କୁ ମନେପକେଇ ପାରୁଥିବା କାହାକୁ ହାତପାତି ଭିକ ନମାଗି ଚଳତଶକ୍ତିହୀନ ଏହି ଦିବ୍ୟାଙ୍ଗ ଲୋକର ଜୀବନ ଯୁଦ୍ଧର ସ୍ୱାଭିମାନର ଲଢ଼େଇ ଆଗରେ ଆମେ ଭାବୁଥିଲୁ....। ଏମାନେ ଦିବ୍ୟାଙ୍ଗ ନୁହଁନ୍ତି ଆମପରି ପାଠପଢୁଆ ବାବୁଭାୟାମାନେ ଆଉ ପ୍ରଶାସନର ବଡ଼ ବଡ଼ ହାକିମ ମାନେ ଆଉ ତଥାକଥିତ ସମାଜସେବୀ ସରକାର ଏମାନଙ୍କ ଠାରୁ ବଡ଼ ଦିବ୍ୟାଙ୍ଗ ଆଉ କେହି ତ ନାହାଁନ୍ତି ??

'ସାଇବିଥି' ୭ଡ଼ି/୧୩୫୪,
ସେକ୍ଟର-୯, ସିଡିଏ, କଟକ




# ଅଧିକାର ମାଇକ୍ରୋଫାଇନାନ୍ସ: ମହିଳା ଉଦ୍ୟୋଗୀଙ୍କ ସ୍ୱପ୍ନକୁ ସାକାର କରୁଛି

ସମ୍ବଲପୁର(ପିଏନ) : ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାରେ ମାଇକ୍ରୋଫାଇନାନ୍ସ ଏକ ଗୁରୁତ୍ୱପୂର୍ଣ୍ଣ ସହାୟକ ଭୂମିକା ନିର୍ବାହ କରୁଛି। ଓଡ଼ିଶାର ବଲାଙ୍ଗୀର ଜିଲା ଅନ୍ତର୍ଗତ ଖଇରଟିକ୍ରା ଗ୍ରାମର ଜଣେ ଅଧିବାସୀ ପୁଷ୍ପାଞ୍ଜଳି ମେହେରଙ୍କ ଅଭିବୃଦ୍ଧି କାହାଣୀ ତାଙ୍କ ସମେତ ଅନ୍ୟ ବହୁ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ମହିଳାଙ୍କ ଜୀବନରେ ମାଇକ୍ରୋ-କ୍ରେଡିଟର ଗୁରୁତ୍ୱକୁ ପ୍ରଦର୍ଶିତ କରୁଛି, ଯେଉଁମାନଙ୍କ ପାଇଁ ମୁଖ୍ୟସ୍ରୋତ ବ୍ୟାଙ୍କିଙ୍ଗ୍ ସେବା ପାଇବାକୁ ସୀମିତ ସୁଯୋଗ ରହିଥିଲା। ତାଙ୍କ ସାହସ ଏବଂ ଏକାଗ୍ରତାର କାହାଣୀ ତାଙ୍କୁ ତାଙ୍କ ପରିବାରକୁ ଦାରିଦ୍ର୍ୟ ମଧ୍ୟରୁ ଆର୍ଥିକ ସ୍ଥିରତା ଆଡକୁ ଅଗ୍ରସର କରାଇବାର ଦୀର୍ଘପଥ ଅଗ୍ରସର କରାଇଛି। ପୁଷ୍ପାଞ୍ଜଳିଙ୍କର ଚାରିଜଣିଆ ପରିବାରରେ ତାଙ୍କ ସ୍ୱାମୀ ଏବଂ ଦୁଇଜଣ ବଡ ପିଲା ଅଛନ୍ତି, ଯେଉଁମାନେ ପରିବାରର ଦୈନନ୍ଦିନ ଆବଶ୍ୟକତା ପୂରଣ ପାଇଁ ସଂଗ୍ରାମ କରୁଥିଲେ। ପୁଷ୍ପାଞ୍ଜଳିଙ୍କ ସ୍ୱାମୀ ଏକ କ୍ଷୁଦ୍ର ତନ୍ତ ଦୋକାନରେ ଜଣେ ସହାୟକ ଭାବେ କାମ କରନ୍ତି। ତାଙ୍କ କାର୍ଯ୍ୟରୁ ମିଳୁଥିବା ଅତି ସ୍ୱଳ୍ପ ଆୟ ପରିବାରର ଆବଶ୍ୟକତା ପୂରଣ କରିବାକୁ ପର୍ଯ୍ୟାପ୍ତ ନଥିଲା। ସେମାନଙ୍କ ଅବସ୍ଥା ଏତେ ଖରାପ ଥିଲା ଯେ ସେମାନେ ପରିବାର ପାଇଁ ଦିନକରେ ଗୋଟିଏ ଥର ପେଟପୁରା ଖାଇବା ଯୋଗାଡ କରିବାକୁ ଅସମର୍ଥ ଥିଲେ। ପ୍ରତିଟି ଦିନ ଅତିବାହିତ ହେବାସହିତ



ସେମାନଙ୍କ ଅବସ୍ଥା ଅଧିକରୁ ଅଧିକ ଖରାପ ହେବାକୁ ଲାଗିଲା, ଏବଂ ସେମାନଙ୍କୁ ଅଣଆନୁଷ୍ଠାନିକ ଋଣଦାତାଙ୍କ ଉପରେ ନିର୍ଭର କରିବାକୁ ପଡିଲା, ଯାହା ମାତ୍ରାଧିକ ସୁଧହାର ଯୋଗୁଁ ସେମାନଙ୍କ ପାଇଁ ଅଧିକ ବୋଝ ହୋଇପଡିଲା। ଏଭଳି ପରିସ୍ଥିତିରେ ଭାଙ୍ଗିପଡିଥିବା ପୁଷ୍ପାଞ୍ଜଳି ନିଜେ ଆର୍ଥିକ ସ୍ୱାବଲମ୍ବୀ ହୋଇ ପରିବାରର ସ୍ଥିତିରେ ଉନ୍ନତି ଆଣିବାକୁ ସ୍ଥିରକଲେ। ସେ ଅଧିକାର ମାଇକ୍ରୋଫାଇନାନ୍ସର ମାଇକ୍ରୋଫାଇନାନ୍ସ ସୁବିଧା ସମ୍ପର୍କରେ ଅବଗତ ହେଲେ, ଅଧିକାରର ଟିମ୍ ନିକଟରୁ ସେମାନଙ୍କ ସେବା ସମ୍ପର୍କରେ ବିସ୍ତୃତ ଭାବେ ବୁଝିବା ପରେ ସେ ତୁରନ୍ତ ଅଧିକାରର ଜଣେ ସଦସ୍ୟ ହୋଇଗଲେ। ଏକ କ୍ଷୁଦ୍ର ତନ୍ତ ଦୋକାନ ଆରମ୍ଭ କରିବାକୁ ପ୍ରଥମେ ସେ ୧୦,୦୦୦ ଟଙ୍କା ଋଣ ନେଲେ। ନିଜ ସ୍ୱାମୀଙ୍କର ବୁଣାବୁଣି ଅଭିଜ୍ଞତାକୁ ଉପଯୋଗ କରି ସେମାନେ ସୁନ୍ଦର ସୁନ୍ଦର ସମ୍ବଲପୁରୀ ଶାଢୀ ତିଆରି କରିବା ଆରମ୍ଭକଲେ, ଯାହାକୁ ଗ୍ରାହକମାନେ ଅତ୍ୟନ୍ତ ପସନ୍ଦକଲେ ଏବଂ ସେମାନଙ୍କର ଆୟ ବୃଦ୍ଧିପାଇବାକୁ ଲାଗିଲା। ତାଙ୍କର ନିରବଚ୍ଛିନ୍ନ ପ୍ରୟାସ ବଳରେ ତାଙ୍କ ବ୍ୟବସାୟ ଲୋକପ୍ରିୟତା ହାସଲ କଲା ଏବଂ ତାହା ସେମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିଲା। ସେମାନେ ମାସକୁ ୬୦୦୦ରୁ ୭୦୦୦ ଟଙ୍କା ପର୍ଯ୍ୟନ୍ତ ଆୟ କରିବା ଆରମ୍ଭକଲେ। ତାଙ୍କର ପ୍ରଥମ ଋଣ ଅର୍ଥ ସଫଳତାର ସହିତ ପରିଶୋଧ କରିବାପରେ ସେ ନିଜ ବ୍ୟବସାୟ ସମ୍ପ୍ରସାରଣ କରିବାକୁ ଆଉ ୩୫,୦୦୦ ଟଙ୍କା ଋଣ ନେଲେ। କଠିନ ପରିଶ୍ରମ, ଅଧ୍ୟବସାୟ ଏବଂ ଅଧିକାର ନିକଟରୁ ସାମାନ୍ୟ ସମର୍ଥନ ପାଇ ପୁଷ୍ପାଞ୍ଜଳି ତାଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିବାକୁ ସମର୍ଥ ହେଲେ।

## ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ସୁବର୍ଣ୍ଣପୁର, (ପି.ଏନ): ସୁବର୍ଣ୍ଣପୁର ଜିଲ୍ଲା ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଡୁଙ୍ଗୁରିପାଲି ବ୍ଲକ ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସୁବର୍ଣ୍ଣପୁର ଶ୍ରୀମତୀ ଅବୋଲି ସୁନୀଲ ନରୱଣେ ଓ ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତି ଓ ସମସ୍ୟା ନିହିତ ୪୭ ଗୋଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୩୮ ଗୋଟି, ସାମୁହିକ ଦରଖାସ୍ତ ୯ ଗୋଟି ଗ୍ରହଣ କରାଯାଇଛି। ଗ୍ରହଣ କରାଯାଇଥିବା ଦରଖାସ୍ତ ମଧ୍ୟରୁ ଶିବିରରେ ଗୋଟିଏ ଅଭିଯୋଗ ଦରଖାସ୍ତର ତୁରନ୍ତ ସମାଧାନ କରାଯାଇଥିବା ବେଳେ ଅନ୍ୟାନ୍ୟ ୪୬ ଟି ଅଭିଯୋଗ ଦରଖାସ୍ତକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗ ଗୁଡିକୁ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ତୁରନ୍ତ ସମାଧାନ ନିମନ୍ତେ ପ୍ରେରଣ କରାଯାଇଛି। ତନ୍ମଧ୍ୟରେ ଗୋଟିଏ ଦରଖାସ୍ତ ସିଏମଆରଏଫ ଓ ଗୋଟିଏ ରେଡକ୍ରସରୁ ସହାୟତା ନିମନ୍ତେ ଗ୍ରହଣ କରାଯାଇଛି। ବିଡିଓ ତ୍ରିପୁର ମହାନନ୍ଦିଆଙ୍କ ତତ୍ତ୍ୱାବଧାନରେ ଅଦ୍ୟ ଅନୁଷ୍ଠିତ ଏହି ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଜିଲ୍ଲା ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ନିହାର ରଞ୍ଜନ କହଁର, ଉପଜିଲ୍ଲାପାଳ ସୋନପୁର ଡ଼ଃ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ଅହଲ୍ୟା ସାହୁ, ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲଦାର, ବ୍ଲକ ସ୍ତରୀୟ କର୍ମଚାରୀ ପ୍ରମୁଖ ଯୋଗଦାନ କରିଥିଲେ।

# ପୃଥିବୀର ଧନୀ କେନ୍ଦୁଝର ଜିଲ୍ଲା ଖଣିଶ୍ରମିକ ଭୋକଉପାସରେ... ମାୟାଧର ନାୟକ

ଭୁବନେଶ୍ୱର,(ପି.ଏନ): ପୃଥିବୀର ଧନୀଜିଲ୍ଲା କେନ୍ଦୁଝରର ଖଣିଶ୍ରମିକ ପରିବାର ଭୋକଉପାସରେ... ଆଜି କାନ୍ଦୁଛି । ହଜାର ହଜାର ଖଣିଖାଦାନଶ୍ରମିକ ବେକାର । ଖଣି ଅଛି, ନିଯୁକ୍ତି ନାହିଁ। ମଣିଷମରାମେସିନ୍ ଛଡେଇନେଇଛି ଶ୍ରମଜୀବୀଙ୍କ ଦାନାକନା । ଯୋଡା ଖଣି ମଣ୍ଡଳରେ ରହିଛି ୯୪ଟି ଖଣି । ଦିନ ଥିଲା – ଏଠି ପାଖାପାଖି ୪୦ ହଜାରରୁ ଉର୍ଦ୍ଧ ଶ୍ରମିକ ବିହାର, ଝାରଖଣ୍ଡ, ଓଡିଶା ବିଶେଷକରି ଆଦିବାସୀ, ଦଳିତମାନେ ଆସି 'ପଲାବାନ୍ଧି', 'ହଟିଂ'କରି ପଚାପୂଡି ଗନ୍ଧମୟ ଅସ୍ୱାସ୍ଥ୍ୟକର ପରିବେଶରେ ପେଟପାଟଣା ପାଇଁ ପଡିରହି ରକ୍ତକୁ ପାଣିକରି ଖଟିଚାଲିଥିଲେ। ଆଜି ସବୁ ଶୂନଶାନ୍। ଏମାନଙ୍କ ଭାଗ୍ୟରେ କେବେ ସୂର୍ଯ୍ୟୋଦୟ ହେବବୋଲି ବରିଷ୍ଠ ଶ୍ରମିକନେତା ମାୟାଧର ନାୟକ ଆଶାପ୍ରକାଶ କରି ଏକ ପ୍ରେସ୍ ଇସ୍ତାହାରରେ ଜଣାଇଛନ୍ତି। ଶ୍ରୀ ନାୟକ ଲେଖିଛନ୍ତି – କେନ୍ଦୁଝରର ୯୪ ଖଣିରୁ ମାତ୍ର ୩୧ଟି ଖଣି କାର୍ଯ୍ୟକ୍ଷମ ଥିଲାବେଳେ ୪ଟି ଖଣିକୁ ପୂର୍ବରୁ ଖୋଳିଥିବା ଲୁହାପଥର ପରିବହନ ପାଇଁ କ୍ଷମତା ମିଳିଛି । ଆଉ ୫୯ ଖଣିକୁ ରାଜ୍ୟସରକାର ୨୦୨୦ରେ ନିଲାମ କରିଦେଇଛନ୍ତି । ୨୦୨୨ରେ ୨୪ ହଜାର ୮୦୦ କୋଟି ଟଙ୍କା ରାଜସ୍ୱ ଆଦାୟ କରିଛନ୍ତି । କେବଳ ଯୋଡା ଖଣିମଣ୍ଡଳ ନୁହେଁ ବଡଲାଉପତ୍ୟାକା ଖଣିଅଞ୍ଚଳରେ ଖଣିନିଗମ, ଇମ୍ପା, ଫ୍ୟାକର୍, କାହିଁ କେଉଁଦିନୁ କ୍ରୋମାଇଟ୍‌ଖୋଳି ବୋହିନେଇଯାଇଛନ୍ତି । ଏବେ ସେଠି ଆଦିବାସୀ ହରିଜନ ପାଖାପାଖି ୧୦ ହଜାର ଶ୍ରମିକ ଭୋକଉପାସରେ ପଡିରହିଛନ୍ତି । ଖଣି ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଖଣିଜପାଣ୍ଠିରେ ୨୨ ହଜାର କୋଟି ଟଙ୍କା ଜମା ଥିଲେବି ସରକାର ଖର୍ଚ୍ଚ କରିବାକୁ କୁନ୍ଥୁ କୁନ୍ଥୁ । ଯୋଡା-ବଡବିଲ ଖଣିଗୁଡିକୁ କାହିଁ କେବେଠୁ ଟାଟା-ବିରଳା ପ୍ରମୁଖ ପାଖାପାଖି ୨୦ଟି ବଡ ଶିଳ୍ପପତି ହାତେଇନେଇ ତାଙ୍କ ହେଡ୍‌ଅଫିସ୍ ଓଡିଶାରେ ନକରି ଅନ୍ୟତ୍ର ବସାଇ ଓଡିଶା ସରକାରଙ୍କୁ ଟ୍ୟାକ୍ସ ଦେଉନାହାଁନ୍ତି । ପୁଣି ବିରାଟ ଠିକାଦାର ତାମିଲନାଡୁର ତ୍ରିବେଣୀକମ୍ପାନୀ ମାଲିକ ପ୍ରଭାକରନ୍, ଆଉ ଅନ୍ୟ ଠିକାଦାର ଆସି ଖଣିମାଲିକଙ୍କ ଖଣି ଖନନ ପାଇଁ ମଣିଷମରା ମେସିନ୍ ସାହାଯ୍ୟରେ ରାତିଦିନ ଲାଗିପଡିଛନ୍ତି । ଏହି ପ୍ରଭାକରନ୍ ଅଧିକାଂଶ ବିଜେଡି, ବିଜେପି, ଅନ୍ୟ ଦଳର ନେତା, ମନ୍ତ୍ରୀ, ବିଧାୟକଙ୍କୁ ଖୁସ୍‌କରି ତା'ର ରାଜନୀତି ରାଜୁତି ଚଳାଇଆସିଛି । ଏହିସବୁ ବଡବଡ ଖଣିମାଲିକ ଠିକାଦାରମାନେ ଭୁବନେଶ୍ୱରରେ କୋଠାବାଡି, ଗାଡି, ମଲ୍, ହୋଟେଲ୍ ବ୍ୟବସାୟ କରି ଆଡ୍ଡା ଜମାଇଛନ୍ତି । ଆଜିପର୍ଯ୍ୟନ୍ତ ବହୁ ଶ୍ରମିକନେତା ଶ୍ରମିକଙ୍କ ସ୍ୱାର୍ଥପାଇଁ କାକୁତି, ମିନତି, ଦାବିପତ୍ର, ସ୍ମାରକପତ୍ର, ଆନ୍ଦୋଳନ କରିଆସୁଛନ୍ତି – ହେଲେ କେହି କର୍ଣ୍ଣପାତ କରୁନାହାଁନ୍ତି । ଆରମ୍ଭରୁ ଏ ପର୍ଯ୍ୟନ୍ତ ଯେଉଁ ଖଣି ଶ୍ରମିକମାନେ କାମ କରୁଥିଲେ ସେମାନଙ୍କ ମୃତ୍ୟୁ ବହୁଳାଂଶରେ ଆରପାରିକୁ ଚାଲିଗଲେଣି । ତାଙ୍କ ଛୁଆପିଲା ଯେଉଁମାନେ ବଞ୍ଚିଛନ୍ତି ସେମାନେ ଆଜି ଦାଣ୍ଡରଭିକାରୀ । ଅର୍ଦ୍ଧାହାର, ଅନାହାର, ରୋଗବୈରାଗରେ ଛଟ୍ପଟୁଛନ୍ତି । ସେ ସବୁ ପୁରୁଣା, ଛଟେଇଶ୍ରମିକ ନାର୍ଯ୍ୟ, ଆଇନ୍ ଅନୁଯାୟୀ ବକେୟାପାଉଣା, ଯାହା ହକ୍ ପ୍ରାପ୍ୟ, ପ୍ରାୟ ଲକ୍ଷଲକ୍ଷକୋଟିଟଙ୍କା ପାଇବାରୁ ବଞ୍ଚିତ । ଆଜି କିନ୍ତୁ ୨୦୨୩ରେ ଆଦାନୀ-ଟାଟା ଅବସ୍ଥାକୁ ଦେଖୁଛନ୍ତି ତ ! ଅବିଳମ୍ବେ ସବୁ ଲିଜ୍ ନିଲାମ ଖଣିକୁ ବାତିଲ୍ କରି ସରକାରୀକରଣ କରାଯାଉ । ଶ୍ରମିକମାନଙ୍କ ବକେୟା ପାଉଣା ସହ ତୁରନ୍ତ କାମ ଦେବାକୁ ଶ୍ରୀ ନାୟକ ଦୃଢ ଦାବି କରିଛନ୍ତି ।

# ଭାରତୀୟ ବଧିର କ୍ରୀଡା ପରିଷଦ ଦ୍ୱାରା ଆୟୋଜିତ ୨୫ତମ ଜାତୀୟ ବଧିର କ୍ରୀଡା ସିନିୟର ଓ ୮ମ ଜାତୀୟ ବଧିର କ୍ରୀଡା ଜୁନିୟର ଓ ସବ୍ ଜୁନିୟର ମଧ୍ୟପ୍ରଦେଶର ଇନ୍ଦୋରରେ ଅନୁଷ୍ଠିତ




ଭୁବନେଶ୍ୱର,(ପି.ଏନ): ଭାରତୀୟ ବଧିର କ୍ରୀଡା ପରିଷଦ, ନୂଆଦିଲ୍ଲୀ ଦ୍ୱାରା ଆୟୋଜିତ ତଥା ମଧ୍ୟପ୍ରଦେଶ ରାଜ୍ୟ ବଧିର କ୍ରୀଡା ପରିଷଦ ଓ ମୂକ ବଧିର ସଙ୍ଗଠନ,ଇନ୍ଦୋରର ମିଳିତ ଆନୁକୂଲ୍ୟରେ ୨୫ତମ ଜାତୀୟ ବଧିର କ୍ରୀଡା ସିନିୟର ଓ ୮ମ ଜାତୀୟ ବଧିର ଜୁନିୟର ଓ ସବ୍ ଜୁନିୟର କ୍ରୀଡା ପ୍ରତିଯୋଗୀତା ଇନ୍ଦୋରସ୍ଥିତ ଇମିରୋଲ୍ଡ୍ ହାଇଟ୍ ଇନ୍‌ଟରନ୍ୟାସନାଲ୍ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି କ୍ରୀଡା ପ୍ରତିଯୋଗୀତାରେ ଓଡିଶା ରାଜ୍ୟ ବଧିର କ୍ରୀଡା ପରିଷଦ, ଓଡିଶାରୁ ୫୨ଜଣ ପ୍ରତିନିଧି ଓ ଖେଳାଳୀମାନେ ଯୋଗ ଦେଇଥିଲେ । ଉକ୍ତ କ୍ରୀଡା ପ୍ରତିଯୋଗୀତାରେ ଭାଗ ନେଇ କୃତିତ୍ୱ ଅର୍ଜନ କରିଥିବା ବିଭିନ୍ନ ଖେଳଳୀ ବା କ୍ରୀଡାବିତ୍‌ମାନେ ହେଲେ ଶୁଭଙ୍କର ନାୟକ(ଉଭୟ ୨୦୦୦ ଓ ୧୦୦ମିଟର ଦୌଡରେ ପ୍ରଥମ, ବୟସ-୧୬), ଜ୍ୟୋତି ପ୍ରକାଶ ଗଣ୍ଡ(୮୦୦ମିଟର ଦୌଡରେ ତୃତୀୟ ଓ ଲମ୍ଫଡିଆଁରେ ଦ୍ୱିତୀୟ, ବୟସ-୧୬), ସ୍ନିଗ୍ଧାରାଣୀ ପ୍ରଧାନ(ଲମ୍ଫଡିଆଁରେ ପ୍ରଥମ, ବୟସ-୧୬),ହିମାଂଶୁ ମୁଣ୍ଡା(ଲମ୍ଫଡିଆଁରେ ପ୍ରଥମ, ବୟସ-୧୬), ବିପିନ ବିହାରୀ ସାହୁ (୪୦୦ମିଟର ଦୌଡରେ ଦ୍ୱିତୀୟ, ବୟସ-୧୮),ବିଜୟ କୁମ୍ବାର(ଉଚ୍ଚଡିଆଁରେ ଦ୍ୱିତୀୟ, ବୟସ-୧୪)ଚଳନ ପାଣ୍ଡେ(୪୦୦ମିଟର ଦୌଡରେ ତୃତୀୟ,ବୟସ-୧୬),ମୋହିତ କୁମାର ପାଶୱାନ୍ (ବନ୍ଧୁକ ସୁଟିଙ୍ଗ୍‌ରେ ତୃତୀୟ, ବୟସ-୧୮) ଏବଂ ଲୋମା ସ୍ୱାଇଁ (ଯୁଡୋରେ ତୃତୀୟ) । ଓଡିଶା ରାଜ୍ୟ କ୍ରୀଡା ଓ ଯୁବକଲ୍ୟାଣ ବିଭାଗ ତରଫରୁ ଓ ବିଭାଗର ଶୈଳେନ୍ଦ୍ର କୁମାର ଜେନା, ଓଏଏସ୍, ଡେପୁଟୀ ସେକ୍ରେଟାରୀ, ସୋନାଲୀ ଚାନ୍ଦ ଏବଂ ସନାତନ ବାବୁଙ୍କ ସହଯୋଗ ଦ୍ୱାରା ଓଡିଶା ରାଜ୍ୟ କ୍ରୀଡା ପରିଷଦ ପ୍ରାୟ ୫୨ଜଣିଆ କ୍ରୀଡାଦଳ ଇଣ୍ଡିଗୋ ଫ୍ଲାଇଟ୍ ଯୋଗେ ଯିବାଆସିବା ସମ୍ଭବ ହୋଇ ପାରିଛି । ଏହି ପ୍ରତିଯୋଗୀତାରେ ବିଭିନ୍ନ ପ୍ରକାର ଖେଳର କୋଚ ହେଉଛନ୍ତି ନିରନ ଯୋଶୀ, ସୁବିର କୁମାର ନାୟକ, ପ୍ରକାଶ କୁମାର ରାଉତ,ଜଗଦୀଶ ଚୌଧୁରୀ, ଶରତ ଚନ୍ଦ୍ର ମଲ୍ଲିକ । ଏହି କ୍ରୀଡା ପ୍ରତିଯୋଗୀତାରେ ଅନ୍ୟମାନଙ୍କ ମଧ୍ୟରେ ମ୍ୟାନେଜର ରାଜେଶ କୁମାର ନାଏକ, ସଭାପତି ପ୍ରଭାତ କୁମାର ମହାପାତ୍ର, ସରୋଜିନୀ ରାଉତ,ମୁବତୀ ବିଶ୍ୱାଳ,ମମତା ବେହେରା, ଅର୍ଜ୍ଜୁନ କୁମାର ଦାସ ଏବଂ ସ୍ୱତନ୍ତ୍ର ଶିକ୍ଷକ ଓ ସାଙ୍କେତିକ ଭାଷା ଅନୁବାଦକ ପ୍ରମୋଦ କୁମାର ମହାପାତ୍ର ଉପସ୍ଥିତ ଥିଲେ । ଏଥିସହ ଏହି ପ୍ରତିଯୋଗୀତାକୁ ବିଶେଷ ସହାୟତା କରିଥିଲେ ଓଡିଶା ରାଜ୍ୟ କ୍ରୀଡା ବଧିର ସଂଘର ପ୍ରତିଷ୍ଠାତା ବିଜୟ କୁମାର ପରିଡା ଓ ସଭାପତି ଅସିତ୍ ମିଶ୍ର ଏବଂ ଓ,ଏ.ଡିର ସଭାପତି ଶିବ ନାରାୟଣ ବହିରଦାର । ଏହି ପରିପ୍ରେକ୍ଷୀରେ ଓଡିଶାରୁ ପ୍ରତିନିଧିତ୍ୱ କରି କୃତିତ୍ୱ ଅର୍ଜନ କରିଥିବା ଖେଳାଳୀଙ୍କୁ ଉତ୍ସାହିତ କରିବା ପାଇଁ ଓଡିଶା ସରକାରଙ୍କ କ୍ରୀଡା ଓ ଯୁବକଲ୍ୟାଣ ବିଭାଗକୁ ଓଡିଶା ରାଜ୍ୟ କ୍ରୀଡା ବଧିର ସଂଘ ତରଫରୁ ଧନ୍ୟବାଦ ଦେବାସହ ଜିନ୍ଦଲ୍ କମ୍ପାନୀ ଏବଂ ଓଡିଶାର ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ ।

## ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ତୃତୀୟ ସେମିଷ୍ଟାରକୁ ନେଇ ଛାତ୍ର ଅଶାନ୍ତି : ପିଲାଏ ଗେଟ ବନ୍ଦ କଲେ

ବଲାଙ୍ଗିର, (ପି.ଏନ): ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଯୁକ୍ତ ତିନିର ୩ୟ ସେମିଷ୍ଟାର ରେଜଲ୍ଟ ଗତ ଶୁକ୍ରବାର ପ୍ରକାଶ ପାଇଛି । ଏଥିରେ ୫୦ ପ୍ରତିଶତରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ରେଜଲ୍ଟ ଖରାପ ହୋଇ ସେମାନେ ଫେଲ ହୋଇଛନ୍ତି । ଫଳରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଉପରେ ଛାତ୍ରଛାତ୍ରୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଆଜି ଏହାର ପ୍ରତିବାଦରେ ଛାତ୍ରଛାତ୍ରୀମାନେ ବିଶ୍ୱବିଦ୍ୟାଳୟ କୁଳପତିଙ୍କ କାର୍ଯ୍ୟାଳୟର ଗେଟରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ପରୀକ୍ଷା ଖାତା ମୂଲ୍ୟାୟନରେ ତ୍ରୁଟିଥିବା ଦର୍ଶାଇ ଛାତ୍ରଛାତ୍ରୀ ଆନ୍ଦୋଳନ କରିଛନ୍ତି । ତେବେ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଅକ୍ଷୟ ମିଶ୍ର ଛାତ୍ରଛାତ୍ରୀଙ୍କ ସହିତ ଆଲୋଚନା କରିଛନ୍ତି ଓ ଯେଉଁ ଖାତାର ମୂଲ୍ୟାୟନରେ ତ୍ରୁଟିଥିବା ଅଭିଯୋଗ କରୁଛନ୍ତି।

# ଯୁବ ମହୋତ୍ସବରେ ଯୋଗ ଦେବାକୁ ମାଲକାନଗିରି ଜିଲ୍ଲାରୁ ଗଲେ ୨ ୦ଜଣ ଆଦିବାସୀ ଯୁବକ ଯୁବତୀ

ମାଲକାନଗିରି, (ପି.ଏନ): ତେଲେଙ୍ଗାନା ରାଜ୍ୟ ହାଇଦ୍ରାବାଦ ଠାରେ ଆୟୋଜିତ ଯୁବ ମହୋତ୍ସବରେ ଯୋଗ ଦେବାକୁ ମାଲକାନଗିରି ଜିଲ୍ଲାର ୨ ୦ଜଣ ଆଦିବାସୀ ଯୁବକ ଯୁବତୀ ଯାଇଛନ୍ତି । ମାଲକାନଗିରି ଠାରେ ଆୟୋଜିତ ଏକ ସମାରୋହରେ ବିଏସଏଫ କମାଣ୍ଡାଂଟ ଆଇ ଏଚ ଖାନ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଯାତ୍ରାର ଶୁଭରମ୍ଭ କରି ଥିଲେ ।୧ ୫ ଜଣ ଯୁବକ ଏବଂ ୫ ଜଣ ଯୁବତୀଙ୍କୁ ଯୁବ ବିନିମୟ କାର୍ଯ୍ୟକ୍ରମକୁ ପଠାଯାଇଛି । ମାଲକାନଗିରି ଜିଲ୍ଲାର ମୋଟ ୨ ୦ଜଣ ପ୍ରାର୍ଥୀ ଯେଉଁମାନେ ଦୁର୍ଗମ ଦୂରଦୂରାନ୍ତ ଗ୍ରାମରୁ ଆସିଛନ୍ତି । ୨ ଜଣ ବିଏସଏଫ୍ ଅଧିକାରୀ ସେମାନଙ୍କ ସହିତ ଏସକର୍ଟ ଭାବରେ ଯାଇଛନ୍ତି । ଏହି ଭ୍ରମଣ ସମୟରେ ପ୍ରାର୍ଥୀମାନେ ହାଇଦ୍ରାବାଦ ଠାରେ ୨୧ ତାରିଖରୁ ୨୭ ପର୍ଯ୍ୟନ୍ତ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ବିଭିନ୍ନ ସ୍ଥାନ ପରିଦର୍ଶନ କରିବେ ।ଆଜିର ଏହି କାର୍ଯ୍ୟକ୍ରମରେ ବିଏସ ଏଫ ସିଏମଓ ଡକ୍ଟର ସଞ୍ଜିବ କୁମାର, ଡିସି ଶୁଭଞ୍ଜନ ମହାପାତ୍ର, ଏସି ଶ୍ରଦ୍ଧାକର ପାଢ଼ୀ,ଜିଲ୍ଲା ଯୁବ ଅଧିକାରୀ ହରିଶ ରୁପାଲ, ଏବଂ ଅନ୍ୟାନ୍ୟ ବିଏସ୍‌ଏଫ୍ ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ । ନେହେରୁ ଯୁବ କେନ୍ଦ୍ର ସଂଗଠନ (ଯୁବ ବ୍ୟାପାର ଏବଂ କ୍ରୀଡା ମନ୍ତ୍ରଣାଳୟ) ସହଯୋଗରେ ସୀମା ସୁରକ୍ଷା ବଳ (ଗୃହ ମନ୍ତ୍ରଣାଳୟ) ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଛି । ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମ ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମ ୨୦୨୨-୨୩ ଅନ୍ତର୍ଗତ ୮ ଟି ପର୍ଯ୍ୟାୟ ଅହମ୍ମଦାବାଦ, ବେଙ୍ଗାଲୁରୁ, ଭୋପାଳ, ପୁଡୁଚେରୀ, ନୂଆଦିଲ୍ଲୀ, ଚଣ୍ଡିଗଡ଼, ପଂଚକୁଲା ଏବଂ କୋଚିରେ ସଫଳତାର ସହ ସମାପ୍ତ ହୋଇଥିଲା । ଯେଉଁଥିରେ ମାଲକାନଗିରି ଜିଲ୍ଲାର ମୋଟ ୨୩ ୬ ଜଣ ଯୁବଗୋଷ୍ଠୀ ଅଂଶଗ୍ରହଣ କରିଥିଲେ ।ଏହି ଗସ୍ତ ସମୟରେ ସେମାନେ ରାଜ୍ୟପାଳ, ମହାନ ସଫଳତା, କ୍ରୀଡ଼ା ବ୍ୟକ୍ତିତ୍ୱ, ଚଳଚ୍ଚିତ୍ର / ଟିଭି ତାରକା ତଥା ରାଜ୍ୟର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିତ୍ୱଙ୍କ ପରି ସାମ୍ବିଧାନିକ କର୍ତ୍ତୃପକ୍ଷଙ୍କୁ ଭେଟିବାର ସୁଯୋଗ ପାଇବେ । ଦେଶର ସାମାଜିକ ଏବଂ ସାଂସ୍କୃତିକ,କୃଷି, ପ୍ରମୁଖ ଶିଳ୍ପ / କର୍ପୋରେଟ୍ ହାଉସ୍, ଜାତୀୟ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନ, ସାଂସ୍କୃତିକ ସ୍ଥାନ ପରିଦର୍ଶନ କରିବେ । ସେମାନଙ୍କୁ ଏକ ବଡ଼ ପ୍ଲାଟଫର୍ମରେ ଉତମ ଏକ୍ସପୋଜର୍ ଯୋଗାଇବା ପାଇଁ ଯୋଜନା କରାଯାଇଛି ଯାହାକି ସେମାନଙ୍କୁ ଏକ ଉଜ୍ଜ୍ୱଳ କ୍ୟାରିୟର ଖୋଲିବାକୁ ସାହାଯ୍ୟ କରିବ ।

# ସ୍ୱାମୀର ବିନାନୁମତିରେ ପରିବାର ନିୟନ୍ତ୍ରଣ ଅସ୍ତ୍ରୋପଚାର ମହଙ୍ଗା ପଡିଲା ପତ୍ନୀଙ୍କୁ

କେନ୍ଦୁଝର, (ପି.ଏନ): ସ୍ୱାମୀର ବିନା ଅନୁମତିରେ ପରିବାର କଲ୍ୟାଣ ଅସ୍ତ୍ରୋପଚାର ମହଙ୍ଗା ପଡିଛି ପତ୍ନୀଙ୍କୁ । ଘରେ ପୁରାଇ ଦେଉ ନାହାଁନ୍ତି ସ୍ୱାମୀ । ଯେଉଁଥିପାଇଁ ଚାରି ଦିନ ଧରି କୁନି ଛୁଆ ସହ ଗଛ ମୂଳେ ଆଶ୍ରୟ ନେବାକୁ ପଡିଛି ପତ୍ନୀଙ୍କୁ । ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲାର ତେଲକୋଇ ଥାନା ଅନ୍ତର୍ଗତ ଡିମିରିଆ ଗ୍ରାମରେ । ସ୍ୱାମୀ ରବି ଦେହୁରୀର କହିବା କଥା, ତୁ ମୋତେ ନ ଜଣାଇ କିପରି ନିଜ ମନ ଇଚ୍ଛା ଅସ୍ତ୍ରୋପ୍ରଚାର କଲୁ । ସେଥିପାଇଁ ତୋତୋ ଘରେ ପୁରାଇବି ନାହିଁ, ଘରୁ ପତ୍ନୀଙ୍କୁ ବାହର କରିଦେଲେ । ଏବଂ ଘରେ ଯଦି ପଶିବୁ ତେବେ ମାରିବି, ଗରମପାଣି ଢାଳିଦେବି ଆଦି କହି ଧମକ ଦେଉଛନ୍ତି । ରବିଙ୍କ ପତ୍ନୀ ଜାନକୀ ଦେହୁରୀ ଗତ ୧୪ ତାରିଖରେ ତେଲକୋଇ ମେଡିକାଲରେ ପରିବାର ନିୟୋଜନ ଅସ୍ତ୍ରୋପ୍ରଚାର କରାଇଥିଲେ । ଜାନକୀ ପୂର୍ବରୁ ୧୧ ଟି ସନ୍ତାନ ଜନ୍ମ ଦେଇସାରିଥିବା ସୂଚନା ମିଳିଛି । ତେବେ ରବି ଦେହୁରୀ ଘରେ ନଥିବା ବେଳେ ତାକୁ ନଜଣାଇ ଗ୍ରାମର ଆଶା ଦିଦି ଜାନକୀଙ୍କୁ ମେଡିକାଲ ନେଇ ପରିବାର ନିୟନ୍ତ୍ରଣ ଅସ୍ତ୍ରୋପ୍ରଚାର କରାଇଥିଲେ । ତାପରେ ଜାନକୀଙ୍କୁ ନେଇ ତାଙ୍କ ଘରେ ଛାଡି ଆସିଥିଲେ ମଧ୍ୟ ତଥାପି ରବିକୁ ଖବର ଦେଇ ନଥିଲେ । ପରେ ରବି ଏ ସମ୍ପର୍କରେ ଜାଣିବା ପରେ ତା ସ୍ତ୍ରୀ ଉପରେ ରାଗି ତାକୁ ଘରେ ପୁରାଇ ଦେଇ ନଥିଲା । ଫଳରେ ଜାନକୀ ତାର ଏକମାସର ଶିଶୁପୁତ୍ର ସହ ଘର ନିକଟରେ ଥିବା ଏକ ଆମ୍ବ ଗଛ ମୂଳେ ଆଶ୍ରୟ ନେଇଛି । ବହୁ ବିଳମ୍ବରେ ପ୍ରାୟ ଚାରିଦିନ ପରେ ହେଲେ ବି ତେଲକୋଇ ମେଡିକାଲ କର୍ତ୍ତୃପକ୍ଷ ରବି ଘରକୁ ଯାଇ ତାକୁ ବୁଝାସୁଝା କରି ଜାନକୀଙ୍କୁ ଘରେ ପ୍ରବେଶ କରାଇଥିବା କଥା କହିବା ପରେ ଜାନକୀଙ୍କୁ ପୂର୍ବଭଳି ଗଛମୂଳେ ରହୁଥିବା ଦେଖିବାକୁ ମିଳୁଥିବା ବେଳେ ଏ ସମ୍ପର୍କରେ ତେଲକୋଇ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ମତାମତ ଜାଣିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାଙ୍କ ଠାରୁ କିଛି ଉତର ମିଳିନଥିଲା । ଏଭଳି ସ୍ଥିତିରେ ଏତେ ଗୁଡିଏ ପିଲାଙ୍କୁ ଜାନକୀ କିପରି ଖାଇବାକୁ ଦେବ ଓ ଯତ୍ନ ନେବ ତାହା ତା ପାଖରେ ଏକ ବଡ ସମସ୍ୟା ହୋଇ ଛିଡାହୋଇଥିବା କହିଛି ।

# କ୍ଷୁଦ୍ର ଶସ୍ୟର ଖାଦ୍ୟ ମହୋତ୍ସବ

ଜୟପୁର, (ପି.ଏନ): କ୍ଷୁଦ୍ର ଶସ୍ୟର ଖାଦ୍ୟ ମହୋତ୍ସବ ଆଜି ଜୟପୁର ସ୍ଥିତ ଫୁଡ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ ତରଫରୁ ଜୟପୁର ଉମୂରୀ ସ୍ଥିତ ଫୁଡ୍ ଷ୍ଟୋରେଜ୍ ଡିପୋ ପରିସରରେ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ଡିଭିଜନାଲ ମ୍ୟାନେଜର / ଏଜିଏମ୍ (କ୍ୱିସି), ଏଫସିଆଇ, ଜୟପୁର ପ୍ରତାପ କୁମାର ବେହେରା ଅଧକ୍ଷତା କରିଥିଲେ । ପ୍ରକଳ୍ପ ନିର୍ଦ୍ଦେଶକ ତାପସ ଚନ୍ଦ୍ର ରଥ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ । ଜୟପୁର ସ୍ଥିତ ଅଲ୍ ଇଣ୍ଡିଆ ରେଡ଼ିଓ ଷ୍ଟେସନ ନିର୍ଦ୍ଦେଶକ ନରେନ୍ଦ୍ର ପଟ୍ଟନାୟକ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିବା ବେଳେ ଚ.ମୁରଲି କୃଷ୍ଣ, ଏସିଏସଓ, ରାୟଗଡା, ଏସ. ଭୋଇ, ଏସିଏସଓ, ରାୟଗଡା, ସୁଶୀଲ କୁମାର ଜେନା, ଏସିଏସଓ, ଜୟପୁର, ପ୍ରଶାନ୍ତ କୁମାର ପରିଡା, ବୈଜ୍ଞାନିକ , ଏମ.ଏସ. ସ୍ୱାମୀନାଥନ୍ ରିସର୍ଚ୍ଚ ଫାଉଣ୍ଡେସନ୍, ମହେନ୍ଦ୍ର କୁମାର, ଆକାଉଂଟାଂଟ ଓଏସସିସି ଲିମିଟେଡ୍, ମାଲକାନଗିରି, ନିଲୁ ମହାରାଣା, ଆକାଉଂଟାଂଟ ଓଏସସିସି ଲିମିଟେଡ୍, ନବରଙ୍ଗପୁର, ଡିଏ, ଜେଇପୋର, ଏଫଏସଡି, ଉମରୀ / ନବରଙ୍ଗପୁର ଏବଂ ରାୟାଗଡା, କୃଷକ, କୃଷକ ସମାଜରୁ ବିଭିନ୍ନ ଏସଏଚଜି ଏହି ବୈଠକରେ ଯୋଗ ଦେଇଥିଲେ ଏବଂ ଅନ୍ୟ ଖାଦ୍ୟ ସାମଗ୍ରୀ ତୁଳନାରେ ମିଲେଟର ବିଭିନ୍ନ ଗୁଣ ଉପରେ ଆଲୋଚନାରେ ଭାଗ ନେଇଥିଲେ। ସୁରେଶ କୁମାର ନନ୍ଦା, ମ୍ୟାନେଜର (ଡିପୋ), ଏଫସିଆଇ ସଭାକୁ ସଂଯୋଜନା କରିଥିଲେ ଏବଂ ଅମିତ କୁମାର ପରମଗୁରୁ, ମ୍ୟାନେଜର (ଆକ୍ଟ) ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।ଷ୍ଟଲରେ କ୍ଷୁଦ୍ର ଶସ୍ୟର ଖାଦ୍ୟ ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା ଏବଂ ସଭା ପରେ ବିତରଣ କରାଯାଇଥିଲା। ଖାଦ୍ୟ ପଦାର୍ଥ ଭାବରେ କ୍ଷୁଦ୍ର ଶସ୍ୟ ନିଜ ବ୍ୟବହାର ନିଶ୍ଚିତ ଭାବରେ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବ ଏବଂ ଏହା ରକ୍ତରେ ଶର୍କରା, ହୃଦ୍ ରୋଗ, ଉଚ୍ଚ କୋଲେଷ୍ଟ୍ରଲ, ଅଦୃଶ୍ୟତା ଏବଂ ଅନ୍ୟାନ୍ୟ ରୋଗକୁ ରୋକିବ। ଆମର ପରିବାର ସଦସ୍ୟ, ବନ୍ଧୁ, ସମ୍ପର୍କୀୟ ତଥା ସାଧାରଣ ଜନତାଙ୍କୁ ସେମାନଙ୍କର ଦୈନନ୍ଦିନ ଖାଦ୍ୟରେ କ୍ଷୁଦ୍ର ଶସ୍ୟ ବ୍ୟବହାର କରିବାକୁ ମନାଇବା ଉଚିତ୍ ବୋଲି ସେଚେତନତା କରାଯାଇଥିଲା।

## ବୋରିଗୁମ୍ମା ବ୍ଲକ୍ ପୁରସ୍କୃତ

ଜୟପୁର, (ପି.ଏନ): ବିଭିନ୍ନ ଉନ୍ନୟନ କାର୍ଯ୍ୟକୁ ନେଇ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ତରଫରୁ ସମ୍ମାନୀତ ହୋଇଛି ବୋରିଗୁମ୍ମା ବ୍ଲକ। ପୂର୍ବରୁ କେନ୍ଦ୍ର ସରକାରଙ୍କ ତରଫରୁ କିଛି ୟୁନିକ ଢାଂଚାରେ ନରେଗା ଯୋଜନାରେ ଏକ ନମ୍ବର ବ୍ଲକ ଭାବେ ସମ୍ମାନିତ ହୋଇଛନ୍ତି ବିଡ଼ିଓ ପ୍ରଣୟ ରଞ୍ଜନ ବେହେରା। ଏବେ ପୁଣି ୫ଟି ସ୍କୁଲରେ ସ୍ମାର୍ଟ କ୍ଲାସ ରୁମ୍, ଉନ୍ନତ ଖେଳାପଡ଼ିଆ ପ୍ରସ୍ତୁତ ହେଉଛି। ଅନେକ କୃଷି ଉଦ୍ୟଗି, ମସଲା ପ୍ରସ୍ତୁତ, ଛତୁ ଚାଷ, ମାଛ ଚାଷ, କୁକୁଡ଼ା ପାଳନ, ଖଲି ସିଲା ମେସିନ, ଇଟା ଫେକ୍ଟରୀ, ପାର୍କ ଓ ଫୁଡ଼ ପାର୍କ କରି ଅନେକ ଏସଏଚଜି ମହିଳାଙ୍କୁ ସେଥିରେ ନିଯୁକ୍ତି କରି ଆତ୍ମନିର୍ଭରଶୀଳ ଦିଗରେ ବୋରିଗୁମ୍ମା ବ୍ଲକ ଅଗ୍ରସର ହେଉଛି। ଶହ ଶହ ସଂଖ୍ୟାରେ ଏସଏଚଜି ମହିଳାଙ୍କୁ ଆତ୍ମନିର୍ଭଳଶୀଳ କରାଇବାରେ ବୋରିଗୁମ୍ମା ବ୍ଲକ ସଫଳ ହୋଇଛି। ଯାହାକି, ରାଜ୍ୟର ଅନ୍ୟ ଜିଲା ପାଇଁ ଉଦାହରଣ ପାଲଟିଛି ବୋରିଗୁମ୍ମା । ଏସବୁ ପ୍ରକଳ୍ପକୁ ଫାଇଭ-ଟି ସଚିବ ଭି.କେ. ପାଣ୍ଡିଆନ ନିଜେ ପରିଦର୍ଶନ କରି ବେଶ ସନ୍ତୁଷ୍ଟି ଲାଭ କରିଛନ୍ତି ।ଉନ୍ନୟନ କାର୍ଯ୍ୟ ପାଇଁ ବୋରିଗୁମ୍ମା ବ୍ଲକ ରାଜ୍ୟରେ ଏକ ନମ୍ବର ବ୍ଲକ ଭାବେ ଏବେ ସମ୍ମାନୀତ ହେଉଛି। ବୋରିଗୁମ୍ମା ବ୍ଲକର ସମସ୍ତ ଉନ୍ନୟନ କାର୍ଯ୍ୟର ଭିଡିଓ ଗ୍ରାଫିକ ମୁଖ୍ୟମନ୍ତ୍ରୀ ନବୀନ ପଟନାୟକ ଦେଖି ବେଶ ଖୁସି ପ୍ରକଟ କରିଛନ୍ତି। ଏଥିପାଇଁ କୋରାପୁଟ ଜିଲାପାଳ ଏବଂ ବ୍ଲକ ପ୍ରଶାସନକୁ ପ୍ରଶଂସା କରିଛନ୍ତି। ସେପଟେ ବୋରିଗୁମ୍ମା ବ୍ଲକ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଠାରୁ ସମ୍ମାନୀତ ହୋଇଛି।

# ରାଜ୍ୟରେ ନାରୀ ଅସୁରକ୍ଷିତ ଓ ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ : କଂଗ୍ରେସ

ଭୁବନେଶ୍ୱର (ପିଏନ)- ତିର୍ତୋଲ ଅଂଚଳର ଜୈନିକା ନାବାଳିକାକୁ କଟକର ଚାଉଳିଆଗଞ୍ଜ ଥାନା ଅଧିନସ୍ଥ ଗତିରାଉତପାଟଣାର ଏକ ପରିତ୍ୟକ୍ତ ଘରେ ୨୨ ଦିନ କାଳ ବନ୍ଦି କରି ରଖି ଗଣଦୁଷ୍କର୍ମ କରିବା ଘଟଣାରେ ରାଜ୍ୟରେ ଆଇନ୍ ଶୃଙ୍ଖଳା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ଏବଂ ନାରୀ ଅସୁରକ୍ଷିତ ବୋଲି କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସିଧାସଳଖ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର। ଘଟଣା ସଂପର୍କରେ ପୋଲିସ ପାଖରେ ଅପରାଧିଙ୍କ ସଂପର୍କରେ ନିର୍ଦ୍ଦିଷ୍ଟ ତଥ୍ୟ ଭିତିକ ଅଭିଯୋଗ ହେବାର ୪୮ ଘଂଟା ବିତି ଯାଇଥିଲେ ମଧ୍ୟ ଅପରାଧିଙ୍କୁ ପୋଲିସ ଧରିବାରେ ବିଫଳ। ସମଗ୍ର ଦେଶରେ ଦଣ୍ଡହାର ଠାରୁ ରାଜ୍ୟର ଦଣ୍ଡ ହାର ସର୍ବନିମ୍ନ। ଯେଉଁଥି ପାଇଁ ଅପରାଧିମାନେ ଅପରାଧ ଘଟାଇବା ପାଇଁ ପଛଘୁଂଚା ଦେଉନାହାନ୍ତି ଏବଂ ଅପରାଧିମାନଙ୍କୁ ଦଣ୍ଡ ଦେବା ପାଇଁ ସରକାରଙ୍କର ମାନସିକତା ମଧ୍ୟ ନାହିଁ। କାରଣ ଦୀର୍ଘ ୨୦ ବର୍ଷର ଶାସନ କାଳରେ ଅଧିକାଂଶ ଅପରାଧିକ ଘଟଣାରେ ସରକାରୀ ଦଳର କର୍ମୀ ସଂପୃକ୍ତ ହୋଇଥିବାରୁ ତଦନ୍ତକାରୀ ସଂସ୍ଥା ଅପରାଧିଙ୍କ ପ୍ରତି କୋହଳ ମନୋଭାବ ରଖି ଅଭିଯୋଗ ଫର୍ଦ୍ଦ ଦାଖଲ କରୁଥିବାରୁ ଅପରାଧିମାନେ ଅପରାଧ ଘଟାଇ



ଖସିବାରେ ସଫଳ ହେଉଛନ୍ତି ବୋଲି ଶ୍ରୀ ମିଶ୍ର ଅଭିଯୋଗ କରିବା ସହିତ ରାଜ୍ୟରେ ପିପିଲିର ବେବିନା, ଟିକିରି ଶିକ୍ଷୟତ୍ରୀ ଇତିଶ୍ରୀ ପ୍ରଧାନ ଓ ଆୟୁଷ ଡାକ୍ତରାଣୀ ମାଧବୀଲତା ଘଟଣାକୁ ରାଜ୍ୟ ସରକାର ଯେଭଳି ଭାବେ ତଦନ୍ତ କରାଇଲେ ତାହା ସମସ୍ତ ରାଜ୍ୟବାସୀ ଅବଗତ। ବିଶେଷକରି କୁନ୍ଦୁଲି ଘଟଣାରେ ସରକାରଙ୍କର ତଦନ୍ତ ଏବଂ ମାତ୍ରାଧିକ ଚାପ ସହି ନପାରି କୁନ୍ଦୁଲି ପୀଡିତା ଆତ୍ମହତ୍ୟା କରିଥିଲେ। ତେଣୁ ତିର୍ତୋଲ ପୀଡିତାଙ୍କ କ୍ଷେତ୍ରରେ କୁନ୍ଦୁଲି ଘଟଣାର ଯେଭଳି ପୁନରାବୃତି ନହେଉ, ସେଥିପାଇଁ ରାଜ୍ୟ ସରକାର ଉଚ୍ଚସ୍ତରୀୟ କ୍ରାଇମ୍‌ବ୍ରାଂଚ ତଦନ୍ତ କରାଇବା ସହିତ ପରିବାରକୁ ସୁରକ୍ଷା, ପୀଡିତା ରୋଜଗାରକ୍ଷମ ହେବା ପର୍ଯ୍ୟନ୍ତ ତା'ର ସମସ୍ତ ଭରଣପୋଷଣ ଖର୍ଚ୍ଚ ଓ ମାଗଣା ଶିକ୍ଷା ସହିତ ପୀଡିତାର ପରିବାରକୁ ସରକାରଙ୍କର ଜନମଙ୍ଗଳକାରୀ ଯୋଜନାରେ ସାମିଲ କରି ସାମାଜିକ ସୁରକ୍ଷା ପ୍ରଦାନ, ୨୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବାକୁ ସାମ୍ବାଦିକ ସମ୍ମିଳନୀରେ ଦାବି କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ଶ୍ରୀମତୀ ରଶ୍ମି ମହାପାତ୍ର, ଜିନେ୍ ଦାସ, ନାରାୟଣ ଜେନା, ଦୀପକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



# ମୋ ଓଡ଼ିଶା

## ଡେଙ୍ଗୁ ପ୍ରତିଷେଧକ ନିଜ ହାତରେ



ସମ୍ପ୍ରତି ସାରା ଭାରତରେ ଡେଙ୍ଗୁ ରୋଗର ଆତଙ୍କ ଖେଳିଯାଇଛି। ଧୀରେଧୀରେ ଏହା ମହାମାରୀର ରୂପ ନେଉଛି। ନିକଟଅତୀତରେ ଭାରତର ରାଜଧାନୀ ଦିଲ୍ଲୀରେ ହଜାର ହଜାର ଲୋକ ଡ଼େଙ୍ଗୁରେ ଆକ୍ରାନ୍ତ ହୋଇଥିଲେ ଓ ସେତେବେଳେ ୧୬ଜଣଙ୍କ ମୃତ୍ୟୁ ହୋଇଥିଲା ଏବଂ ଏମାନଙ୍କ ମଧ୍ୟରେ ଜଣେ ଓଡ଼ିଆ ଶିଶୁ ରହିଥିଲା, ଯାହାର ମୃତ୍ୟୁରେ ମର୍ମାହତ ହୋଇ ଶିଶୁର ବାପା ଓ ମା' ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେଇଥିଲେ। ସେଥିପାଇଁ ସାରା ରାଜ୍ୟରେ ଦୁଃଖର ଛାୟା ଖେଳିଯାଇଥିଲା। କଟକ ବଡ଼ ମେଡ଼ିକାଲ୍ ସମେତ ବ୍ରହ୍ମପୁର, ବୁର୍ଲା ଓ ରାଉରକେଲାରେ ମଧ୍ୟ ଡ଼େଙ୍ଗୁ ରୋଗୀଙ୍କ ଭିଡ଼ ଲାଗିଗଲାଣି। ଅନେକଙ୍କର ମୃତ୍ୟୁ ଘଟିସାରିଲାଣି। ସତର୍କତା ସହିତ ସବୁ ଜିଲ୍ଲା ସଦର ମହକୁମା ହସ୍ପିଟାଲ୍‌ରେ ଡ଼େଙ୍ଗୁ ଚିକିତ୍ସା ପ୍ରକୋଷ୍ଠ ଖୋଲିବାକୁ ଆଦେଶ ଜାରି ହେଲାଣି। ଆଉ ସରକାର ଲୋକମାନଙ୍କ ପାଇଁ ବାର୍ତ୍ତା ଦେଉଛନ୍ତି ଯେ, ଡ଼େଙ୍ଗୁରୋଗ ପାଇଁ ମାଗଣାରେ ଚିକିତ୍ସା କରାଯିବ। ଏହି ମାଗଣା ଚିକିତ୍ସା ଶବ୍ଦଟି ଶୁଣିବାକୁ ମଧୁର ଲାଗିଲେ ବି ଏହା ସଂପୂର୍ଣ୍ଣ ହାସ୍ୟାସ୍ପଦ। ଏହା ସମସ୍ତେ ଜାଣିବା ଉଚିତ ଯେ, ଡ଼େଙ୍ଗୁରୋଗର କୌଣସି ସଫଳ ଚିକିତ୍ସା ପଦ୍ଧତି ବର୍ତ୍ତମାନ ସୁଦ୍ଧା ବାହାରି ପାରିନାହିଁ। ଏହା ଏକ ଭୂତାଣୁ ବା ଭାଇରସ୍ ଦ୍ୱାରା ସଂକ୍ରମିତ ରୋଗ। ଏହି ରୋଗର କୌଣସି ପ୍ରତିଷେଧକ ଟୀକା ବାହାରିନାହିଁ। ଡ଼େଙ୍ଗୁ ଭାଇରସ୍ ଫ୍ଲାବୋ ଭାଇରସ୍ ଗୋଷ୍ଠୀର ଅନ୍ତର୍ଭୁକ୍ତ। ଡ଼େଙ୍ଗୁରୋଗ ଛଡ଼ା ଏମାନେ ୟେଲୋ ଫିବର୍, ଜାପାନୀ ଜେନ୍‌କେପାଲାଇଟିସ୍ ଚିକନ୍‌ଗୁନିଆ, କାୟାସୁର ଫରେଷ୍ଟ ଡ଼ିଜିଜ୍ ଭଳି ଭୂତାଣୁଜନିତ ମାରାତ୍ମକ ରୋଗର କାରଣ ଅଟନ୍ତି। ଡ଼େଙ୍ଗୁରୋଗ ଅନ୍ୟ ଇନ୍‌ଫ୍ଲୁଏଞ୍ଜା ଭୂତାଣୁ ରୋଗ ଭଳି ଆରମ୍ଭ ହୋଇଥାଏ। ମାତ୍ର ଏଥିରେ ଭୟଙ୍କର ମୁଣ୍ଡବ୍ୟଥା, ଦେହବ୍ୟଥା ଓ ଆଣ୍ଠୁବ୍ୟଥା ହୋଇଥାଏ। ବ୍ୟଥାରେ ହାଡ଼ ଭାଙ୍ଗିଗଲା ଭଳି ଲାଗେ। ତେଣୁ ଏହାକୁ ବ୍ରେକ୍‌ବୋନ୍ ଡ଼ିଜିଜ୍ ମଧ୍ୟ କୁହାଯାଏ। ଅଧିକାଂଶ କ୍ଷେତ୍ରରେ ଏହି ରୋଗ ଛାଏଁ ଛାଏଁ ଭଲ ହୋଇଯାଏ। ମାତ୍ର କେତେକ ବିଶେଷ କ୍ଷେତ୍ରରେ ଶରୀରର ବିଭିନ୍ନ ସ୍ଥାନରୁ ରକ୍ତସ୍ରାବ ହୁଏ। ରକ୍ତଚାପ କମି ରୋଗୀର ମୃତ୍ୟୁ ଘଟେ। ଡେଙ୍ଗୁର ବାହକ ହେଉଛି ମଶା। ଏହି ମଶାକୁ ଏଡ଼ିସ୍ ବୋଲି କୁହନ୍ତି। ଏହି ମଶା ବଡ଼ବଡ଼ ଓ ପ୍ରଜାପତି ଭଳି ଚିତ୍ରିତ। ସକାଳ ଓ ସନ୍ଧ୍ୟାରେ ଏମାନେ ମଣିଷକୁ ବେଶୀ କାମୁଡ଼ନ୍ତି ଓ ରୋଗର ଭୂତାଣୁ ଛାଡ଼ି ଦିଅନ୍ତି। ଏହି ମଶାମାନେ ନିର୍ମଳ ଓ ସ୍ଥିର ଜଳରେ ବଂଶ ବିସ୍ତାର କରନ୍ତି। ଘର ଭିତରେ ଓ ବାଡ଼ିରେ ବହୁଦିନ ଧରି ରହିଥିବା ଅଦରକାରୀ ଓ ଅବ୍ୟବହୃତ ଜଳ ଏମାନଙ୍କ ବଂଶବୃଦ୍ଧିରେ ସାହାଯ୍ୟ କରେ। ବାଡ଼ିରେ ପଡ଼ିଥିବା ଭଙ୍ଗା ବାଲ୍‌ତି, ଭଙ୍ଗାଟିଣ ଓ ପୁରୁଣା ଟାୟାର୍‌ରେ ଜମି ରହିଥିବା ପାଣି ଏହି ରୋଗକୁ ଆମନ୍ତ୍ରଣ କରେ। କୁଲର୍‌ରେ ରହୁଥିବା ଅବ୍ୟବହୃତ ଜଳ ମଧ୍ୟ ମଶା ବୃଦ୍ଧି କରେ। ଜଣେ ଗୃହସ୍ଥ ମାତ୍ର ୧୫ ମିନିଟ୍ ପରିଶ୍ରମ କଲେ, ତାଙ୍କ ବାଡ଼ି ବଗିଚାରୁ ଏଭଳି ଜଳର ଉତ୍ସକୁ ଉଚ୍ଛେଦ କରିବା ସଙ୍ଗେସଙ୍ଗେ ନିଜକୁ ଡ଼େଙ୍ଗୁ ରୋଗରୁ ରକ୍ଷାକରିପାରିବେ। ହେଲେ ଏହି ସାମାନ୍ୟ କଥାଟିକୁ ଆମେ କରିବାକୁ ଭୁଲି ଯାଉଛୁ। ସରକାରୀ ଅଫିସ୍, ନିର୍ମାଣ ବିଭାଗ ଇତ୍ୟାଦିରେ ଶହଶହ ଖୋଲା ଡ୍ରମ୍ ପଡ଼ି ରହୁଛି ଓ ସେଗୁଡ଼ିକରେ ପାଣି ଜମୁଛି। କାମ କଲା ପରେ ଠିକାଦାରମାନେ ସେଗୁଡ଼ିକୁ ଫିଙ୍ଗିଦେଇ ଯାଉଛନ୍ତି। ଯନ୍ତ୍ରୀ ମାନେ ସେଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ନିକଟ ଅତୀତରେ ଏହିଭଳି କାରଣ ଯୋଗୁ କଳିଙ୍ଗନଗର ଅଞ୍ଚଳରେ ଡ଼େଙ୍ଗୁ ରୋଗ ବ୍ୟାପିଥିଲା। ପ୍ରତିବର୍ଷ ଡ଼େଙ୍ଗୁରୋଗ ଆରମ୍ଭ ହେଲେ ସରକାରଙ୍କର ରୋଗକଥା ମନେପଡ଼େ। ନିଧି ମଉସା ରଥ ଘାଇଁ ଘାଇଁ ଘୂରିବୁଲେ। ସଚେତନତା ନାଁରେ ସଭାମାନ ହୁଏ। ଏନ୍‌ଜିଓମାନେ ମାଲାମାଲ୍ ହୁଅନ୍ତି। ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ହୋଡ଼ିଂମାନ ଲାଗେ। ଖବରକାଗଜ ମାନଙ୍କରେ ବିଜ୍ଞାପନ ଦିଆଯାଏ। ଏସବୁରେ ଯେତେ ଟଙ୍କା ଖର୍ଚ୍ଚ ହୁଏ, ତାହାର ଅଧା ଟଙ୍କାରେ ବୋଧେ ସାରା ରାଜ୍ୟରେ ଥିବା ଡ଼େଙ୍ଗୁ ମଶାର ନିବାସ ସ୍ଥଳକୁ ଉଚ୍ଛେଦ କରାଯାଇପାରନ୍ତା। ଆମର ପ୍ରତି ସହର ଆବର୍ଜ୍ଜନାମୟ ହୋଇଗଲାଣି। ଯୁଆଡ଼େ ଦେଖିବ, କୁଢକୁଢ ମଇଳା। ଲୋକମାନେ ଘରୁ ଅଳିଆ ଆଣି ରାସ୍ତା ମଝିରେ ଫିଙ୍ଗୁଛନ୍ତି। ହୋଟେଲ୍‌ଗୁଡ଼ିକ ସବୁ ଅଇଁଠାପତ୍ର ଡ୍ରେନ୍‌ରେ ଅଜାଡ଼ି ଦେଉଛନ୍ତି। ଯୁଆଡ଼େ ଦେଖିବ, ପ୍ଲାଷ୍ଟିକ୍ ଗଦା ଗଦା। ରାସ୍ତା ବୁଡ଼ି ଡ୍ରେନ୍ ପାଣିର ସୁଅ। ଏଭଳି ଅବ୍ୟବସ୍ଥାକୁ ଦେଖିବାକୁ କେହି ନାହାନ୍ତି। ଆଜିକାଲି ସମସ୍ତେ ମନ୍ତ୍ରୀଙ୍କ ଲୋକ, ସମସ୍ତଙ୍କର ପଲିଟିକାଲ୍ ଲିଙ୍କ୍। କାହା ନାଁରେ କେଶ୍‌ଟା କଲେ, ଉପରୁ ଫୋନ୍ ଆସିବ, ସେ ଆମ ଲୋକ। ତେଣୁ ସ୍ୱାସ୍ଥ୍ୟ ନିରୀକ୍ଷକ, ପରିମଳ ନିରୀକ୍ଷକ ମାନେ ମାସିକିଆ ବଟି ନେଇ ଆଖି ବୁଜି ଚାଲି ଯାଉଛନ୍ତି। ପୁଲିସ୍ ବାବୁମାନେ କେଉଁଠି ଦୁଇ ବୋତଲ ମଦ କିମ୍ବା ଜୁଆଖେଳ ଧରି ଫଟୋ ଉଠାଉଛନ୍ତି ସିନା, ହେଲେ ଏସବୁ ପ୍ରତି ସାମାନ୍ୟ ଦୃଷ୍ଟି ଦେଉନାହାନ୍ତି। ସ୍ୱାଧୀନତାର ୭୫ ବର୍ଷ ପରେ ମଧ୍ୟ ଆମ ସରକାର ଲାଗିଲାଗି ଲୋକଙ୍କୁ ସାଧାରଣ ହେଲମେଟ୍‌ଟିଏ ପିନ୍ଧାଇପାରିଲେ ନାହିଁ। ସିଟ୍ ବେଲ୍ଟ ମଧ୍ୟ ଲାଗି ପାରିଲା ନାହିଁ। ତେଣୁ ଆମ ଦେଶରେ ଡ଼େଙ୍ଗୁ ହେବନାହିଁ ତ ଆଉ କେଉଁ ଦେଶରେ ହେବ!

**ଡାକ୍ତର ସୁରେନ୍ଦ୍ରନାଥ ଦାଶ**
*ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ନବରଙ୍ଗପୁର,*
*ମୋ-୯୪୩୭୨୩୫୩୮୬*

## ବିଦ୍ୟୁତ କର୍ମଚାରୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ସହାନୁଭୂତିର ସହ ପୂରଣ କରାଯିବ

ବ୍ରହ୍ମପୁର (ପିଏନ୍): ବିଦ୍ୟୁତ କର୍ମଚାରୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସହାନୁଭୂତି ସହ ପୂରଣ କରାଯିବ ବୋଲି ଟିପିଏସଓଡିଏଲ ମୁଖ୍ୟ (ସିଇଓ) ଅରବିନ୍ଦ ସିଂ ପ୍ରକାଶ କରିଛନ୍ତି। ଓଏସଇବି ଶ୍ରମିକ ମହାସଂଘର ରାଜ୍ୟ ସଭାପତି ରମେଶ ଚନ୍ଦ୍ର ଶତପଥୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସ୍ଥାନୀୟ କୋର୍ଟପେଟାସ୍ଥିତ ମୁଖ୍ୟ କାଯର୍ୟାଳୟରେ ଆୟୋଜିତ ଦ୍ୱିପାକ୍ଷିକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କର୍ମଚାରୀମାନଙ୍କୁ ଯୋଗ୍ୟତା ଭିତ୍ତିରେ ପଦୋନ୍ନତି, ପଦୋନ୍ନତି ଦେବାରେ ପାତରଅନ୍ତର, ତା୧.୧.୨୦୧୪ରିଖରୁ ଅଫିସ୍ ଆସିଷ୍ଟାଣ୍ଡ (ଓଏଜି)ମାନଙ୍କ ବକେୟା ଦରମା ପ୍ରଦାନ କରିବା, ଓପିଟିସିଏଲ ଭଳି ଟିପିଏସଓଡିଏଲରେ କାର୍ଯ୍ୟରତ ଟେକ୍ନିକାଲ କ୍ୟାଡରମାନଙ୍କୁ ସମାନ ସୁବିଧା ସୁଯୋଗ ପ୍ରଦାନ କରିବା ସହ ବିଭିନ୍ନ ସମସ୍ୟା ସମାଧାନ ପାଇଁ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହି ସମସ୍ୟାଗୁଡ଼ିକୁ ଗୁରୁତର ଭାବେ ବିଚାର କରି କୌଣସି କର୍ମଚାରୀଙ୍କ ପ୍ରତି ଯେଭଳି ଅନ୍ୟାୟ ନ ହୁଏ ସେଥିପ୍ରତି ଉପସ୍ଥିତ ଅଧିକାରୀ ଦୃଷ୍ଟି ଦେବାକୁ ସିଇଓ ସିଂ ପରାମର୍ଶ ଦେବା ସହିତ ଓଇଆରସି ଭେଷ୍ଟିଙ୍ଗ୍ ଅର୍ଡର ମୁତାବକ ସମସ୍ତ କର୍ମଚାରୀମାନଙ୍କୁ ନ୍ୟାୟ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଆଲୋଚନା ବୈଠକରେ ଟିପିଏସଓଡିଏଲର ମାନବ ସମ୍ବଳ ବିଭାଗର ମୁଖ୍ୟ ଅମିତ୍ ଅଗ୍ରୱାଲ, ପରିଚାଳକ ପ୍ରଭାତ କୁମାର ରାଉଳ, ଉପ-ପରିଚାଳକ ରାଜେଶ କୁମାର ତ୍ରିପାଠୀ, ପଙ୍କଜ କୁମାର ପରିଡ଼ା ଉପସ୍ଥିତ ଥିବା ବେଳେ କର୍ମଚାରୀ ସଂଗଠନର ସାଧାରଣ ସମ୍ପାଦକ ଜଗନ୍ନାଥ ମହାରଣା, ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ ରବି ରଥ, କାର୍ଯ୍ୟକାରୀ ସଭାପତି ଏନ. ଭାସ୍କର ରାଓ, କାଳି ପ୍ରସାଦ ମହାପାତ୍ର, ଅଜିତ କୁମାର ପାତ୍ର, ପ୍ରମୋଦ କୁମାର ଦାଶ, ନରୋତ୍ତମ ବେହେରା, ପ୍ରଦୀପ କୁମାର ବିଷୋୟୀ, ନୀଳମାଧବ ଦାଶ, ଅଶୋକ କୁମାର ପଟ୍ଟନାୟକ, ଶିବ ଶଙ୍କର ଦାଶ, ଆଲୋକ କୁମାର ପାଢ଼ୀ, ଗୌରହରି ସାମଲ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ସମସ୍ୟା ଉପସ୍ଥାପିତ କରିଥିଲେ।

## ବ୍ରାହ୍ମଣୀ ନଦୀ ଜଳ ପ୍ରଦୂଷଣ ନିୟନ୍ତ୍ରଣ କରିବାକୁ ଦାବି

ଧର୍ମଶାଳା (ପିଏନ୍): ବ୍ରାହ୍ମଣୀ ନଦୀରେ ପ୍ରଦୂଷଣ ମାତ୍ରା ବୃଦ୍ଧି ପାଉଥିବାରୁ ନଦୀ ଅବବାହିକାରେ ବସବାସ କରୁଥିବା ଲୋକମାନଙ୍କ ବ୍ୟବହାର ପାଇଁ ଅନୁପଯୁକ୍ତ ହୋଇଛି। କେନ୍ଦ୍ରୀୟ ପ୍ରଦୂଷଣ ବୋର୍ଡ ରିପୋର୍ଟରେ ଏହି ନଦୀର ଜଳ ବହୁଳ ପରିମାଣରେ ପ୍ରଦୂଷିତ ହୋଇଥିବା ଜଣାଯାଇଛି। ନଦୀଜଳକୁ ପ୍ରଦୂଷଣ ମୁକ୍ତ କରିବାକୁ ବିଭିନ୍ନ ସଙ୍ଗଠନ ପାଇଁ ବିଭିନ୍ନ ମହଲରେ ଦାବି ହୋଇଛି। ବ୍ରାହ୍ମଣୀ ଓ ଏହାର ଶାଖା କେଲୁଅ ନଦୀ ପାର୍ଶ୍ୱରେ ଥିବା ଧର୍ମଶାଳା ବ୍ଲକର ୨୦ ଗୋଟି ପଂଚାୟତ ଲୋକେ ଏହି ନଦୀ ପାଣି ଉପରେ ନିର୍ଭର କରିଥାନ୍ତି। ନଦୀର ପ୍ରଦୂଷିତ ଜଳକୁ ବ୍ୟବହାର କରିବା ଫଳରେ ଲୋକେ ବିଭିନ୍ନ ପ୍ରକାର ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହୋଇଛି। ସେହିପରି ଚାଷଜମିରେ ଏହି ପାଣି ବ୍ୟବହାର ହେବା ଫଳରେ ଜମିର ଉର୍ବରତା ହ୍ରାସ ପାଇବା ସହିତ ଫସଲାହାନୀ ଘଟୁଛି। ପ୍ରଦୂଷଣ ବୋର୍ଡ ରିପୋର୍ଟ ଅନୁଯାୟୀ ଏହି ନଦୀର ଏକ ଲିଟର ଜଳରେ ୬.୩ ମିଲିଗ୍ରାମ ବାୟୋକେମିକାଲ ଅକ୍ସିଜେନ ଡିମାଣ୍ଡ ( ବିଓଡି) ରହିଛି। ଏକ ଲିଟର ପାଣିରେ ତିନି ମିଲିଗ୍ରାମରୁ ଅଧିକ ଡିଓଡି ରହିଲେ ଏହା ପ୍ରଦୂଷିତ ହୋଇଥାଏ। ନଦୀ ଜଳର ପ୍ରଦୂଷଣ ହ୍ରାସ, ଜଳପ୍ରବାହ ଚିରନ୍ତନ କରିବା, ଅଳିଆଆବର୍ଜନା ନଦୀକୁ ନଫିଙ୍ଗିବା, ଘରୋଇ ଓ କଳକାରଖାନାର ବର୍ଯ୍ୟବସ୍ତୁ ନଦୀକୁ ନଛାଡିବା ପାଇଁ ସରକାର ପଦକ୍ଷେପ ନେବାକୁ ଧର୍ମଶାଳା ଅଂଚଳର ପରିବେଶବିତ, ବୁଦ୍ଧିଜୀବୀ, ବ୍ରହ୍ମଣୀ ବଂଚାଅ କମିଟି ପକ୍ଷରୁ ପୂର୍ବତନ ବ୍ଲକ ଅଧ୍ୟକ୍ଷ କିଶାନ ପଣ୍ଡା, କୃଷକ ନେତା ବସନ୍ତ ପରିଡା, ଓ ଦେବବ୍ରତ ରାଉତ ପ୍ରମୁଖ ଦାବି କରିଛନ୍ତି।

## ଅର୍ଚ୍ଚନା ନାଗର ଅଟ୍ଟାଳିକାକୁ ସରକାରୀ ବେଶ୍ୟାଳୟ କରାଯାଇଥିଲା



ଭୁବନେଶ୍ୱର (ପିଏନ୍)- ରାଣୀ ମହୁମାଛି ଅର୍ଚ୍ଚନା ନାଗର ରଙ୍ଗମହଲଙ୍କୁ ଶାସକ ଦଳର ବିଧାୟକ, ମନ୍ତ୍ରୀ, ପୂର୍ବତନ ବାଚସ୍ପତି, ଆଇପିଏସ ଓ ଆଇଏସ ଅଫିସର ଏବଂ ପ୍ରତିଷ୍ଠିତ ବ୍ୟବସାୟୀମାନେ ନିୟମିତ ଯାଉଥିଲେ ଏବଂ ପ୍ରଶାସନର ଜ୍ଞାତସାରରେ ଏହା ଚାଲୁଥିଲା ବୋଲି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ୟାସିର ନୱାଜ କଂଗ୍ରେସ ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ପୂର୍ବତନ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଯେପରି କଳାହାଣ୍ଡି ମହାଲିଂଗ କଲେଜ ପରିସରରେ ଏକ ରଂଗଶାଳା ଖୋଲାଇଥିଲେ ସେହିପରି ନବୀନ ସରକାରଙ୍କ ପକ୍ଷରୁ ରାଣୀ ମହୁମାଛି ଅର୍ଚ୍ଚନା ନାଗଙ୍କ ବିଳାସପୂର୍ଣ୍ଣ ଅଟ୍ଟାଳିକାକୁ ସରକାରୀ ବେଶ୍ୟାଳୟ ଭାବେ ଖୋଲାଯାଇଥିଲା। ସେହି ରହସ୍ୟମୟୀ ମହିଳା ନିଜେ ଦେହ ବ୍ୟବସାୟ କରିବା ସହିତ ସେଠାରେ ଗ୍ରାହକମାନଙ୍କଠାରୁ ଚଢ଼ାଦର ନେଇ ସୁନ୍ଦରୀ ମହିଳା ଯୋଗାଇ ଦେଉଥିଲେ। ଗ୍ରାହକ ଯୋଗାଡ଼ କାର୍ଯ୍ୟରେ ଅର୍ଚ୍ଚନା ନାଗଙ୍କ ସ୍ୱାମୀ, ଖଗେଶ୍ୱର ପ୍ରଭୃତି ଅନେକ ଅପରାଧୀ ସଂପୃକ୍ତ ରହିଛନ୍ତି।

ପୋଲିସ ପ୍ରଶାସନ ଜାଣିଶୁଣି ଚୁପ କାରଣ ଏଥିରେ ବଡ଼ ବଡ଼ ପୋଲିସ ଅଫିସର ଗ୍ରାହକ ଭାବରେ ରହିଛନ୍ତି ବୋଲି ଅଭିଯୋଗ ହେଉଛି। ପୋଲିସ ପାଖରେ ଏ ବେଶ୍ୟାଳୟର କାରବାର ସଂପର୍କରେ ଖବର ଥିଲା ମାତ୍ର କାର୍ଯ୍ୟାନୁଷ୍ଠାନ ନେବାପାଇଁ ସାହସ ନଥିଲା। ଅର୍ଚ୍ଚନାର ହାତ ତୃତୀୟ ମହଲା, ସଚିବାଳୟ ପର୍ଯ୍ୟନ୍ତ ଲମ୍ବିଥିଲା। ସଚିବାଳୟକୁ ସାମ୍ବାଦିକମାନେ ଯିବା ମନାଥିବା ବେଳେ ଅର୍ଚ୍ଚନା ନାଗକୁ କୌଣସି ପ୍ରତିବନ୍ଧକ ନଥିଲା। ନବୀନ ସରକାର ଏହି ଘୃଣ୍ୟ ଘଟଣାକୁ ଚପାଇଦେବାପାଇଁ ଆପ୍ରାଣ ଉଦ୍ୟମ ଜାରି ରଖିଛି। ଅର୍ଚ୍ଚନା ନାଗର ଗୁପ୍ତ ପେଡ଼ିରେ ବହୁ ପ୍ରତିଷ୍ଠିତ ଲୋକଙ୍କ ସଂପର୍କରେ ତଥ୍ୟ ଲୁଚି ରହିଛି। ଯେହେତୁ ନେତା, ଉଚ୍ଚପଦସ୍ଥ ଅଫିସର ଏହି ଘଟଣା ସହ ଜଡ଼ିତ ତେଣୁ ଏହାର ତଦନ୍ତ ବାଟମାରଣା ହେବ ବୋଲି ଶ୍ରୀ ନୱାଜ ଅଭିଯୋଗ କରିଛନ୍ତି। ଏପରିକି ପୂର୍ବତନ ବାଚସ୍ପତି ସୂର୍ଯ୍ୟପାତ୍ରଙ୍କ ପ୍ରଭାବରେ ସେ ବିନା ଦ୍ୱିଧାରେ ବିଧାନସଭା ଭିତରେ ଘୁରି ବୁଲୁଛନ୍ତି। ଉଦ୍ଦେଶ୍ୟ ଥିଲା ସେଠି ବଡ଼ ବଡ଼ ଗ୍ରାହକ ଯୋଗାଡ଼ କରିବା। ଅର୍ଚ୍ଚନାର ର୍ୟାକେଟ ଭିତରକୁ ଯିଏ ପଶିଆସୁଥିଲା ସେଠୁ ମୁକୁଳିବା କଷ୍ଟ ଥିଲା। କାରଣ ସେମାନଙ୍କର ଅସଂଯତ ଅବସ୍ଥାର ଫଟୋ ଓ ଭିଡିଓ କୌଶଳକ୍ରମେ ଅର୍ଚ୍ଚନା ରଖିପାରୁଥିଲା। ଅର୍ଚ୍ଚନାର ମୋବାଇଲ, ଲାପଟପ, ପେନଡ୍ରାଇଭ ଓ ହାର୍ଡଡିସ୍କକୁ ବର୍ତ୍ତମାନ ପୋଲିସ ଯାଂଚ ଆଳରେ ପ୍ରମାଣ ନଷ୍ଟ କରିବାର ସମ୍ଭାବନା ରହିଛି କାରଣ ରୁଚିକା ମହାନ୍ତିର ମୋବାଇଲ ପରୀକ୍ଷା ପାଇଁ ସିଂଗାପୁର ପଠାଯାଇଛି ବୋଲି ପୋଲିସ ପକ୍ଷରୁ କୁହାଯାଇଥିଲା ମାତ୍ର ତଦନ୍ତ ନାମରେ ମୋବାଇଲରୁ ସମସ୍ତ ପ୍ରମାଣ ନଷ୍ଟ କରିବା ଥିଲା ଉଦ୍ଦେଶ୍ୟ। ଏ ପର୍ଯ୍ୟନ୍ତ ସେ ତଥ୍ୟ ସାର୍ବଜନୀନ ହେଲାନାହିଁ। ତେଣୁ ପୋଲିସ କ'ଣ ତଦନ୍ତ କରିବ ସାଧାରଣ ଜନତା ତାହା ଜାଣନ୍ତି। ଏ ପର୍ଯ୍ୟନ୍ତ ମମିତା ମେହେର, ଧର୍ମେନ୍ଦ୍ର ସାହୁଙ୍କର ମୋବାଇଲର ଠିକଣା ନାହିଁ। ସବୁ ପ୍ରମାଣ ନଷ୍ଟ କରିଦିଆଯାଇଛି। ମନ୍ତ୍ରୀ ସମୀର ଦାସଙ୍କୁ ସୁରକ୍ଷା ଦିଆଯାଉଛି। କେସିଙ୍ଗାରେ ଅର୍ଚ୍ଚନା ନାଗର ତିନି ମହଲା ବିଶିଷ୍ଟ ସୁନ୍ଦର ଅଟ୍ଟାଳିକାକୁ ବେଆଇନ ଦର୍ଶାଇ ତହସିଲଦାର ଭାଙ୍ଗିବାକୁ ଯାଉଥିବା ବେଳେ କେଉଁ ବଡ଼ ଗ୍ରାହକଙ୍କ ଚାପରେ ତହସିଲଦାର କାନମୁଣ୍ଡ ଆଉଁସି ଫେରିଲେ ତାହା ତଦନ୍ତସାପେକ୍ଷ। ରାଜଧାନୀରେ ଖୁଲମଖୋଲା ବେଶ୍ୟାବୃତି ଚାଲିଛି। ଆଲୋଚନା ହେଉଥିଲା ସରକାର ମଦବିକ୍ରିକୁ ପ୍ରୋତ୍ସାହନ ଦେଉଛନ୍ତି। ଏବେ ଚର୍ଚ୍ଚା ହେଉଛି ସରକାର ବେଶ୍ୟାଳୟକୁ ମଧ ପ୍ରୋତ୍ସାହନ ଦେଉଛନ୍ତି। ଅର୍ଚ୍ଚନାର ରଂଗମହଲକୁ କେଉଁମାନେ ଯାଉଥିଲେ, କେଉଁମାନଙ୍କ ଆକାଉଂଟରୁ ତାଙ୍କ ପାଖକୁ ମୋଟା ଅଙ୍କର ଟଙ୍କା ଯାଉଥିଲା ଏହାର ତଦନ୍ତ ହୋଇ ସାର୍ବଜନୀନ ହେଉ।

ବିଗତ ଦିନରେ କ୍ରାଇମବ୍ରାଂଚର ତଦନ୍ତ, ପୋଲିସ ତଦନ୍ତ ବାଟମାରଣା ହୋଇଛି। ଏଥିରେ ଯେହେତୁ ସରକାରୀ ଦଳର ନେତା ଓ ବଡ଼ ବଡ଼ ପ୍ରଶାସନିକ ଅଧିକାରୀ ସଂପୃକ୍ତ ରହିଛନ୍ତି, ତେଣୁ କ୍ରାଇମବ୍ରାଂଚ ଓ ପୋଲିସ ଏହାର ତଦନ୍ତ ସଠିକ ଭାବେ କରିବେ ନାହିଁ। ତଥ୍ୟ ଲୁଚାଇବା, ପ୍ରମାଣ ନଷ୍ଟ କରିବାର ସମ୍ଭାବନା ରହିଛି। ଏଣୁ ମାନ୍ୟବର ହାଇକୋର୍ଟଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଏସଆଇଟି ତଦନ୍ତ ପାଇଁ ପ୍ରଦେଶ ଛାତ୍ର କଂଗ୍ରେସ ଦାବି କରୁଛି। ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ବିଧାୟକ ଡ. ଦେବାଶିଷ ପଟ୍ଟନାୟକ କହିଥିଲେ ଯେ ରାଜ୍ୟ ସରକାରଙ୍କ ନୈତିକ ଅବକ୍ଷୟ ଘଟିଛି। ବିଜେଡ଼ି ଦଳର ମନ୍ତ୍ରୀ, ବିଧାୟକମାନେ ଏଥିରେ ସଂପୃକ୍ତ। ମାତ୍ର ନବୀନ ପଟ୍ଟନାୟକ ଏମାନଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନେବେନାହିଁ। ତୃତୀୟ ମହଲା ନୀରବ। ଇଡି ଏପର୍ଯ୍ୟନ୍ତ କୌଣସି ତଦନ୍ତ କରିନାହିଁ। ଯେଉଁମାନେ ଅର୍ଚ୍ଚନାକୁ ଅର୍ଥ ଦେଇଥିଲେ ଏବଂ ଅର୍ଚ୍ଚନା ଉପରେ ତୁରନ୍ତ ଇଡିର କାର୍ଯ୍ୟାନୁଷ୍ଠାନ ହେବା ଦରକାର। ଯେହେତୁ ବିଜେପି ନେତୃବୃନ୍ଦ ଅର୍ଚ୍ଚନାର ମାୟାଜାଲ ଉପରେ ରହିଥିବାର ଅଭିଯୋଗ ହେଉଛି, ହୁଏତ ଇଡି ପ୍ରଭାବିତ ହୋଇପାରେ। ଜନସାଧାରଣଙ୍କ ସମ୍ମୁଖରେ ନବୀନ ସରକାରର ଚିତ୍ର କଳଙ୍କିତ ହୋଇଯାଇଛି। ପୋଲିସ ଉପରେ ଲୋକମାନେ ବିଶ୍ୱସନୀୟତା ହରାଇଛନ୍ତି। ମୁଖ୍ୟମନ୍ତ୍ରୀ ସାଧୁତା ଓ ସ୍ୱଚ୍ଛତାର ଆହ୍ୱାନ ଦେଉଥିଲେ। ଆଜି ତାହା ପ୍ରହସନରେ ପରିଣତ ହୋଇଛି। ବିଜେପିର ବରିଷ୍ଠ ନେତାମାନେ ମଧ ଏହି ଯୌନ କେଲେଙ୍କାରୀରୁ ବାଦ ପଡ଼ିନାହାନ୍ତି। କମିଶନରେଟ ପୋଲିସର ବିଶ୍ୱସନୀୟତା ଉପରେ ସାଧାରଣ ଲୋକ ପ୍ରଶ୍ନ କରୁଛନ୍ତି। ଏହି ସମଗ୍ର ଘଟଣା ସଂପର୍କରେ ପ୍ରଶାସନ ସଂପୂର୍ଣ୍ଣ ଅବଗତ ଥିଲା। ମାତ୍ର ଯେହେତୁ 'କମଳଯାକ ବାଳ' ତେଣୁ କାହା ଉପରେ କାର୍ଯ୍ୟାନୁଷ୍ଠାନ ନେବେ! ଏଣୁ ପୋଲିସ ହାତ ବାନ୍ଧି ବସିଥିଲା। ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ ମିଶ୍ର ଏବଂ ମନୋଜ ବିଶ୍ୱାଳ ଅଂଶଗ୍ରହଣ କରିଥିଲେ।

## ବିଣାପାଣୀ ଚୌଧୁରୀଙ୍କ ରଚିତ ପୁସ୍ତକ "ବଲ୍ଲକୀ ଓ ମୁଁ କ'ଣ ମୁଁ ଜାଣେ" ରାଜ୍ୟପାଳଙ୍କ ଦ୍ୱାରା ଉନ୍ମୋଚିତ



ଭୁବନେଶ୍ୱର (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଅବିଭକ୍ତ ଓସ୍ତପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ସାରଙ୍ଗ ଗ୍ରାମର ଫକିର ଚରଣ ଖଟୁଆଙ୍କ ଝିଅ ବିଣାପାଣୀ ଚୌଧୁରୀଙ୍କ ରଚିତ "ବଲ୍ଲକୀ ଓ ମୁଁ କ'ଣ ମୁଁ ଜାଣେ" ଦୁଇଗୋଟି ପୁସ୍ତକକୁ ଓଡିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉନ୍ମୋଚନ କରିଛନ୍ତି। ଭୁବନେଶ୍ୱର ସ୍ଥିତ ରାଜଭବନ ପରିସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏହି ପୁସ୍ତକ ଦୁଇଟିକୁ ଉନ୍ମୋଚନ କରିଥିଲେ। ଏହି ଉତ୍ସବରେ ପୁସ୍ତକ ଦୁଇଟିର ଲେଖିକା ବିଣାପାଣୀ ଚୌଧୁରୀ, ପିତା ଫକିର ଚରଣ ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଲେଖିକା ଶ୍ରୀମତୀ ଚୌଧୁରୀ ରାଜ୍ୟପାଳଙ୍କୁ ଏକ ଅମ୍ଳଜାନ ପ୍ରଦାନକାରୀ ଜୀବନ୍ତ ଚାରାଗଛ ସହିତ ଏକ ଉତ୍ତରୀୟ ପ୍ରଦାନ କରି ଆଶୀର୍ବାଦ କାମନା କରିଥିଲେ। ରାଜ୍ୟପାଳ ଶ୍ରୀମତୀ ଚୌଧୁରୀଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ।

## ସମର୍ପଣ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଜଳଛତ୍ର

ବାଲେଶ୍ୱର ତା, ୮/୧୦/୨୦୨୨- ଦୀର୍ଘ ୨ ବର୍ଷ ପରେ ଲୋକ ମାନେ ଖୁସିରେ ପାଳିଲେ ଦୂର୍ଗାପୂଜା , ଦଶହରା ଓ ଭସାଣି। ଏହି ପରିପ୍ରେକ୍ଷୀ ରେ ବାଲେଶ୍ୱର ସହରର ସିଦ୍ଧି ବିନାୟକ ମନ୍ଦିର ସମ୍ମୁଖରେ ସମର୍ପଣ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଜଳଛତ୍ର ର ଆୟୋଜନ କରାଯାଇଥିଲା। ସଙ୍ଗଠନ ର ମୁଖ୍ୟ ପ୍ରଭାତ ପଣ୍ଡା ଙ୍କ ସମେତ ଅରୁଣ ମାଝୀ, ଅଭିନାଶ ପୁଥାଳ, ପ୍ରବୀଣ ମଲ୍ଲିକ, ଶୁଭେନ୍ଦୁ ପଣ୍ଡା, ଅଭିଜିତ ମହାରଣା, ସୁଜାତା ବାରକ, ରଣଜିତ୍ ପୃଷ୍ଟି, ମମତା ଦାସ, ସଂଯୁକ୍ତା ରାଣୀ ବହେରା, ଅମିତା ଚାନ୍ଦ, ମନୋଜ ଆଚାର୍ଯ୍ୟ, ସଞ୍ଜୀୟ ମହାପାତ୍ର, ପ୍ରଭାତ ପଣ୍ଡା, ତୁଷାରକାନ୍ତ ତପସ୍ୱୀ, କଞ୍ଚମଣି ସ୍ୱାଇଁ, କାର୍ତ୍ତିକ ସେଠୀ, ଜ୍ୟୋତି ପ୍ରକାଶ ସେଠୀ ପ୍ରମୁଖ ଉପସ୍ଥିତ ରହି ଭସାଣୀ କୁ ଆସୁଥିବା ସମସ୍ତ ଭକ୍ତଙ୍କୁ ପାନୀୟ ଜଳ ପ୍ରଦାନରେ ସହଯୋଗ କରିଥିଲେ।

## ଓଡିଶା ପ୍ରଶାସନିକ ସେବା ପରୀକ୍ଷାରେ ସଫଳ ବିକାଶରଞ୍ଜନ



ଭୁବନେଶ୍ୱର (ପିଏନ୍): ଓଡିଶା ପ୍ରଶାସନିକ ସେବା ପରୀକ୍ଷାରେ ୬୦ତମ ସ୍ଥାନରେ ରହି ସଫଳତା ହାସଲ କରିଛନ୍ତି କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଜମଧର ପଞ୍ଚାୟତର କଷୋଟି ଗ୍ରାମର ଯୁବକ ବିକାଶରଞ୍ଜନ। ବିକାଶଙ୍କ ପିତା ଡଃ. ପ୍ରକାଶ ଚନ୍ଦ୍ର ପରିଡା ଅସୁରେଶ୍ୱର ସ୍ଥିତ ସୁଭଦ୍ରା ମହତାବ ମହାବିଦ୍ୟାଳୟରେ ନୃତତ୍ତ୍ୱ ବିଭାଗର ବରିଷ୍ଠ ଅଧ୍ୟାପକ ଥିବା ବେଳେ ବିକାଶଙ୍କ ମା' ଡେରାବିଶ ବ୍ଲକର ଅଢଙ୍ଗା ମଲ୍ଲିକେଶ୍ୱରପୁର ହାଇସ୍କୁଲରେ ଜଣେ ସହକାରୀ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ। ପିଲାବେଳୁ ଗରିବ ଓ ଅସହାୟମାନଙ୍କ ସେବାକୁ ପ୍ରାଧାନ୍ୟ ଦେଇ ଆସିଥିବା ବିକାଶ ଜଗତସିଂହପୁର ଜିଲ୍ଲାର ଶିଶୁମନ୍ଦିରରେ ପ୍ରାଥମିକ ଶିକ୍ଷା ଶେଷ ପରେ ସେହି ଜିଲ୍ଲାର ଜବାହର ନବୋଦୟ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରୁ ଶିକ୍ଷା ଆରମ୍ଭ କରି ମାଟ୍ରିକ ପରୀକ୍ଷାରେ ୯୫ପ୍ରତିଶତ ମାର୍କ ରଖି ପାସ କରିଥିଲେ। ପରେ ଭୁବନେଶ୍ୱରସ୍ଥିତ ବେସିକ ସାଇନ୍ସ କଲେଜରୁ +୨ ବିଜ୍ଞାନରେ ୬୬ପ୍ରତିଶତ ମାର୍କ ରଖି ପାସ କରିବା ପରେ କଟକସ୍ଥିତ ରେଭେନସା ମହାବିଦ୍ୟାଳୟରୁ +୩ ଇଂରାଜୀ ସମ୍ମାନ ଶ୍ରେଣୀରେ ୬୦ ପ୍ରତିଶତ ମାର୍କ ରଖି ପାସ କରିଥିଲେ। ଏହାପରେ ସମ୍ବଲପୁରର ଗଙ୍ଗାଧରମେହେର ମହାବିଦ୍ୟାଳୟରୁ ଇଂରାଜୀ ସ୍ନାତ୍ତକୋତ୍ତର ସମ୍ମାନ ଶ୍ରେଣୀରେ ୭୫ପ୍ରତିଶତ ମାର୍କ ରଖି ପାସ କରିଥିଲେ ବିକାଶ। କବିତା ଲେଖିବା, ଆଙ୍କରିଂ କରିବାରେ ରୁଚି ରଖୁଥିବା ବିକାଶ ଭବିଷ୍ୟତରେ ଜଣେ ପ୍ରଶାସନିକ ସେବା ଅଧିକାରୀ ହେବାକୁ ଲକ୍ଷ୍ୟ ରଖିଥିଲେ। ବିକାଶ ଜଗତସିଂହପୁର ଜେ.ଏନ.ଭି. ଅଧକ୍ଷଙ୍କ ଦ୍ୱାରା ପ୍ରଭାବିତ ହେବା ସହ ତାଙ୍କଠାରୁ ପ୍ରେରଣା ମଧ ପାଇଥିଲେ। ଏଥିସହିତ ତାଙ୍କର ଏହି ସଫଳତା ପାଇଁ ବିକାଶ ବାପା, ମା, ଭାଇ, ଅଜା,ଆଇ, ମାଉସୀ ଏବଂ ଜଣେ ପ୍ରଦେଷ ଭାଇଙ୍କୁ ଶ୍ରେୟ ଦେବାକୁ ଚାହାନ୍ତି। କଳା ଓ ସାହିତ୍ୟ ପ୍ରତି ରୁଚି ରଖୁଥିବା ବିକାଶ ସ୍କୁଲ ଓ କଲେଜରେ ଶିକ୍ଷାଲାଭ ସମୟରେ ଘରୁ ତାଙ୍କୁ ଦିଆଯାଉଥିବା ଅର୍ଥର ସିଂହ ଭାଗ ଅଂଶକୁ ଗରିବ ଓ ଅସହାୟମାନଙ୍କ ପାଇଁ ଖର୍ଚ୍ଚ କରିଥାନ୍ତି। ଓଡିଶା ପ୍ରଶାସନିକ ସେବା ପରୀକ୍ଷା ପାଇଁ ବିକାଶ ନିଜକୁ ପ୍ରସ୍ତୁତ କରିବା ବେଳେ ନିଜ ମୋବାଇଲକୁ ବନ୍ଦ ରଖିବାକୁ ପସନ୍ଦ କରୁଥିଲେ। ବିକାଶଙ୍କ ଜନ୍ମମାଟି ହେଉଛି କେନ୍ଦ୍ରାପଡା ଜିଲ୍ଲାର ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଯମପଡା ଗ୍ରାମ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Praggyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ବିଧାୟକ ନରସିଂହ ଙ୍କ ବିରୁଦ୍ଧରେ ଗର୍ଜିଛି ବିଜେଡି : ଉଚ୍ଛେଦ ପାଇଁ ନରସିଂହ ରାଜ୍ୟସରକାର ଉପରେ ବାରମ୍ବାର ଚାପ ପକାଉଛନ୍ତି

ବଲାଙ୍ଗିର , (ପି.ଏନ): ବିଧାୟକ ନରସିଂହ ମିଶ୍ରଙ୍କ ଉପରେ ଗର୍ଜିଛି ବିଜେଡି । ଆଜି ଜିଲ୍ଲାପାଳ ଅଫିସ ଘେରାଉ କରି ବିଧାୟକ ନରସିଂହ ମିଶ୍ରଙ୍କ ଉପରେ ପ୍ରବଳ ଆରୋପ ଲଗାଇ ବିଜେଡି କହିଛି ଯେ, ବଲାଙ୍ଗିର ପୌରପାଳିକାରେ ବିଜେଡି କାଉନସିଲ୍ ଆସିବା ପରେ ନରସିଂହ ଓ କାଉନସିଲ୍ ମଧ୍ୟରେ ରୀତିମତ ତୁତୁ ମେମେ ଚାଲିଛି । ବଲାଙ୍ଗିର ପୌରପାଳିକାରେ ବିଜେଡିର ଅଧ୍ୟକ୍ଷା ଲିକା ସାହୁ ବିପୁଳ ଭୋଟ ରେ ଜିଣିବା ସହିତ ୨୧ଟି କାଉନସିଲର୍ଙ୍କ ମଧ୍ୟରୁ ୧୬ଟିରେ ଶାସକ ବିଜେଡି ଦଳ ଜିଣିଛି । ମୁଖ୍ୟତଃ ବସ୍ତି ବାସିନ୍ଦା ବହୁମାତ୍ରାରେ ବିଜେଡିକୁ ଭୋଟ ଦେଇଛନ୍ତି । ତେଣୁ ନରସିଂହ ମିଶ୍ର ବଲାଙ୍ଗିର ସହରରେ ବିକାଶ ନାମରେ ବସ୍ତି ବାସିନ୍ଦାଙ୍କୁ ଉଚ୍ଛେଦ କରି ହଇରାଣ କରିବାକୁ ହୀନ ଉଦ୍ୟମ କରୁଛନ୍ତି ବୋଲି ବିଜେଡି ଅଭିଯୋଗ କରିଛି । ବଲାଙ୍ଗିର ଇନ୍ଦିରାନଗର ଓ ଇଚ୍ଛାପଡାରେ ବସ୍ତି ବାସିନ୍ଦାଙ୍କୁ ଉଚ୍ଛେଦ ପାଇଁ ନରସିଂହ ରାଜ୍ୟସରକାର ଉପରେ ବାରମ୍ବାର ଚାପ ପ୍ରୟୋଗ କରୁଥିବା ଅଭିଯୋଗ ହୋଇଛି । ଏପରିକି ନିର୍ବାଚିତ କାଉନସିଲ୍‌କୁ ଭାଙ୍ଗି ଦେବାକୁ ଧମକ ମଧ୍ୟ ଦେଉଛନ୍ତି । ତେଣୁ ଆଜି ବସ୍ତି ବାସିନ୍ଦାଙ୍କୁ ସାଙ୍ଗରେ ନେଇ ବିଜେଡି ବଲାଙ୍ଗିରରେ ବିଶାଳ ଶୋଭାଯାତ୍ରା କରି ନିଜର ଶକ୍ତି ପ୍ରଦର୍ଶନ କରିଛି । ହଜାର ହଜାର ସଂଖ୍ୟାରେ ମହିଳା ଓ ପୁରୁଷ ସହିତ ପୂର୍ବତନ ମନ୍ତ୍ରୀ ତଥା ଉଟଲି ବିଧାୟକ ସୁଶାନ୍ତ ସିଂ, ଜିଲ୍ଲାପରିଷଦ ଅଧ୍ୟକ୍ଷ ଦେବକୀ ସାହୁ ନଗରପାଳ ଲିକା ସାହୁ ଓ ଅନେକ ବିଜେଡ଼ି କର୍ମୀ ଏହି ଶୋଭାଯାତ୍ରାରେ ସାମିଲ ହୋଇ ନରସିଂହଙ୍କୁ ଖୋଲା ଆହ୍ୱାନ କରିଛନ୍ତି । ବିଜେଡି ଦାବୀ କରିଛି ଯେ, ବଲାଙ୍ଗିର କ୍ଳବପଡାର ଲକ୍ଷ୍ମୀନାରାୟଣ ମନ୍ଦିର ଓ ସ୍କୁଲର ଜମିକୁ ଡିମାରକେସନ କରାଯାଉ । ଏହା ସହିତ ଗତ ୯ ବର୍ଷରେ କ୍ଷମତାର ଅପବ୍ୟବହାର କରାଯାଇ ଏସ୍‌ସି/ଏସ୍‌ଟି ଜମିକୁ ସାଧାରଣଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଘଟଣା ପଛର ଖଳନାୟକଙ୍କୁ ଖୁଲାସା କରାଯାଉ ବୋଲି ଅଭିଯୋଗ କରାଯାଇଛି ।

# ପିଡିଏସ୍ ସାମଗ୍ରୀରେ ମିଶ୍ରିତ ପ୍ଲାଷ୍ଟିକ ଚାଉଳ ବଂଟନ ନେଇ ଅଭିଯୋଗ, ଭୟଭିତ ଅବସ୍ଥାରେ ହିତାଧିକାରୀ

ହରିଚନ୍ଦନପୁର, (ପି.ଏନ): ନକଲି କ୍ଷୀର, ପ୍ଲାଷ୍ଟିକ ଅଣ୍ଡା, କୋବି, ମାଛ ପରେ ଏବେ ପିଡିଏସ୍ ସାମଗ୍ରୀରେ ପ୍ଲାଷ୍ଟିକ ଚାଉଳ ବଂଟନ ହୋଇଥିବା ନେଇ ସାମ୍ନାକୁ ଆସିଛି ଅଭିଯୋଗ । ଏପରି ଘଟଣା କେନ୍ଦୁଝର ଜିଲ୍ଲା ଆଦିବାସୀ ବହୁଳ ହରିଚନ୍ଦନପୁର ବ୍ଲକର ଭଅଁରପୁର ଗ୍ରାମପଂଚାୟତରେ ଦେଖିବାକୁ ମିଳିଛି । ଗରିବ ଶ୍ରେଣୀର ଲୋକଙ୍କ ପାଇଁ ପଂଚାୟତରେ ମିଳୁଥିବା ପିଡିଏସ ଚାଉଳରେ ମିଶ୍ରଣ ପ୍ଲାଷ୍ଟିକ ଚାଉଳ ବଂଟନ ହୋଇଥିବା ଅଭିଯୋଗ ହୋଇଛି ।ଅଭିଯୋଗ ଅନୁଯାୟୀ, ହିତାଧିକାରୀମାନେ ପ୍ରତି ମାସ ଭଳି ଏଥର ମଧ୍ୟ ପଂଚାୟତ କଂଟ୍ରୋଲ ଦୋକାନରୁ ଚାଉଳ ନେଇଥିଲେ । ସାଧାରଣ ଚାଉଳ ମଧ୍ୟରେ ଭିନ୍ନ ଦେଖାଯାଉଥିବା ଚାଉଳ ଗୁଡ଼ିକ ପ୍ଲାଷ୍ଟିକ ହୋଇଥିବାକୁ ନେଇ ଭୟଭିତ ହୋଇଥିବା ଅଭିଯୋଗ ହୋଇଛି । ସେହି ଭିନ୍ନ ଚାଉଳ ଗୁଡ଼ିକର ରଙ୍ଗ ଭିନ୍ନ ହୋଇଥିବା ବେଳେ ତାହା ସାଧାରଣ ଚାଉଳ ଅପେକ୍ଷ୍ୟା ମୋଟା ଓ ଲମ୍ବା ରହିଛି । ଅଭିଯୋଗକାରୀ ଭଅଁରପୁର ଗ୍ରାମର ରମେଶ ସାହୁ, କମଳ ପାତ୍ର ଓ ଚଶାଟାଙ୍ଗିରୀ ଗ୍ରାମର ସୁରେଶ ମହାନ୍ତ, ଶତ୍ରୁଘ୍ନ ମହାନ୍ତଙ୍କ କହିବା କଥା, ରୋଷେଇ ପାଇଁ ଚାଉଳ ଧୋଇବା ସମୟରେ ପାଣିରେ କିଛି ଚାଉଳ ଭାସୁଥିବା ଦେଖି ସେମାନେ ଆଶ୍ଚର୍ଯ୍ୟ ହୋଇଥିଲେ । ପରେ ଏହା ପ୍ଲାଷ୍ଟିକ ଚାଉଳ ବୋଲି ସନ୍ଦେହ କରି ଚାଉଳକୁ ପୋଡ଼ିବାରୁ ତେଲ ପରି ବାହାରିବା ସହିତ ରୋଷେଇ କଲେ ଭାତଟି ଟାଇଟ ଓ ନାଲୁଆ ରହୁଥିବା କହିଥିଲେ । ପିଡିଏସ୍ ଚାଉଳରେ ଅପମିଶ୍ରଣ ହୋଇଥିବା ନେଇ ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି । ଏ ପ୍ରସଙ୍ଗରେ ହରିଚନ୍ଦନପୁର ବ୍ଲକ ଯୋଗାଣ ନୀରିକ୍ଷିକା (ଏମଆଇ) ପ୍ରଣତୀ ମାଝିଙ୍କୁ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ଉତର ମିଳିନଥିଲା ।ହରିଚନ୍ଦନପୁର ବ୍ଲକ ବିଜେପି ମଣ୍ଡଳର ସାଧାରଣ ସମ୍ପାଦକ ସୁଶାନ୍ତ କୁମାର ମହାନ୍ତ ଓ ଅଂଚଳର ବୁଦ୍ଧିଜୀବୀଙ୍କ କହିବା ଅନୁସାରେ, ପ୍ଲାଷ୍ଟିକ ଚାଉଳକୁ ନେଇ ବର୍ତମାନ ଲୋକେ ଭୟଭିତ ଅବସ୍ଥାରେ ଅଛନ୍ତି । ଏଣୁ ବ୍ଲକ ପ୍ରଶାସନ ତୁରନ୍ତ ଏ ଚାଉଳର ନମୁନା ଯାଂଚ୍ କରିବା ସହ ଏହା ସ୍ୱାସ୍ଥ୍ୟ ପାଇଁ କେତେ ସୁରକ୍ଷିତ ତାହା ହିତାଧିକାରୀଙ୍କୁ ସୂଚିତ କରାଗଲେ, ସେମାନଙ୍କ ମନ ଭିତରେ ରହିଥିବା ଭୟ ଦୂର ହୋଇପାରିବ ବୋଲି ସାଧାରଣରେ ଦାବି ହୋଇଛି ।

# ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସ ପାଳିତ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ସ୍ୱୟଂଶାସିତ କଲେଜ ଠାରେ ଯୁବ ରେଡକ୍ରସ ଓ ୱାଟର କ୍ଲବ ତରଫରୁ ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସ ଗୁରୁବାର ପାଳିତ ହୋଇଯାଇଛି । ପ୍ରଥମେ ମହାବିଦ୍ୟାଳୟ ସମ୍ମୁଖରେ ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ମାନଙ୍କୁ ନେଇ ଯୁବ ରେଡକ୍ରସ ପରାମର୍ଶଦାତା ଡଃ ତରୁଣ କୁମାର ପ୍ରଧାନ ହସ୍ତ ପ୍ରକ୍ଷାଳନର ବିଭିନ୍ନ ନିୟମ ଦର୍ଶାଇଥିଲେ । ଏଥିରେ ଡିନ୍ ପ୍ରମୋଦ କୁମାର ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ସାବୁନ ଓ ଜଳ ଦ୍ୱାରା ହସ୍ତ ପ୍ରକ୍ଷାଳନ କରି ବିଭିନ୍ନ ରୋଗ ଓ ଭୂତାଣୁ ଠାରୁ ନିଜକୁ ରକ୍ଷା କରିପାରିବା ବୋଲି ପ୍ରକାଶ କରିଥିଲେ । ପରେ କଲେଜ ଅଧ୍ୟକ୍ଷା ଅନୁପମା ପାଢୀଙ୍କ ଅଧ୍ୟକ୍ଷତାରେ ଏକ ଭର୍ଚୁଆଲ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧ୍ୟକ୍ଷା ଓ ରେଡକ୍ରସ ପରାମର୍ଶଦାତା ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସର ମହତ୍ୱ ଉପରେ ଆଲୋକପାତ କରିଥିଲେ । ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ସଂସ୍କୃତି ବାବୁ ହସ୍ତ ପ୍ରକ୍ଷାଳନର ନିୟମ ଓ ଅନୁଶୀଳନ ଉପରେ ପାୱାର ପାଏ ମାଧ୍ୟମରେ ବକ୍ତବ୍ୟ ରଖିଥିଲେ । ସମସ୍ତେ ରୋଗ, ମହାମାରୀ, ଭୂତାଣୁ, ଜୀବାଣୁ, କରୋନା ପ୍ରଭାବରୁ ରକ୍ଷା ପାଇବା ପାଇଁ ନିୟମିତ ସାବୁନରେ ଭଲ ଭାବରେ ହାତ ଧୋଇବା ଦ୍ୱାରା ହିଁ ଏହି ରୋଗ କମ କରିପାରିବା ବୋଲି ଜଣାଇଥିଲେ । ଏହା ପ୍ରତିବର୍ଷ ଅକ୍ଟୋବର ମାସ ୧୫ ତାରିଖରେ ୨୦୦୮ ମସିହାରୁ ମିଳିତ ଜାତିସଂଘ ତରଫରୁ ସମଗ୍ର ବିଶ୍ୱରେ ପାଳିତ ହୋଇ ଆସୁଅଛି । ଶେଷରେ ଅଧ୍ୟାପିକା ସଙ୍ଗୀତା ନେତାମ ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା କାମ ନିମ୍ନ ମାନର ଅଭିଯୋଗ

ମୁଖୀଗୁଡା, , (ପି.ଏନ): କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ଅନ୍ତର୍ଗତ ଏମ.ଡ଼ି.ଆର ଜୟପାଟଣା ଠାରୁ ନାଗୁପଡା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ରେ ରାସ୍ତା ନିର୍ମାଣ କରାଯାଉଛି । ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଅତି ନିମ୍ନମାନର ହୋଉଥିବା ଖଏମାଲ ଏବଂ ପାଇକକେନ୍ଦୁମୁଣ୍ଡି ଗ୍ରାମର ଗ୍ରାମବାସୀ ଅଭିଯୋଗ କରିଛନ୍ତି ।ଦୀର୍ଘ ବର୍ଷ ପରେ ଜୟପାଟଣା ବ୍ଲକ ଅନ୍ତର୍ଗତଏମ.ଡି.ଆର ଜୟପାଟଣା ଠାରୁ ନାଗୁପଡା ପ୍ୟାକେଜ ନଂ ଓ ଆର ୧୫୫୦୮ ପ୍ରଧାନମନ୍ତ୍ରୀ ଗ୍ରାମ୍ ସଡ଼କ ଯୋଜନାରେ ରାସ୍ତାର ଉନ୍ନତି କରଣ କାର୍ଯ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ଧର୍ମଗଡ଼ ଦ୍ୱାରା ରାଯାଉଛି । କିନ୍ତୁ ସୂଚନା ଫଳକରେ ପ୍ରଦାନ କରାଯାଇଥିବା ସୂଚନା ଅନୁଯାୟୀ ଠିକାଦାର କାମ କରୁଥିବା ନଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି । ଅତି ନିମ୍ନ ମାନର ସାମଗ୍ରୀ ଏବଂ ଆବଶ୍ୟକତାଠାରୁ କମ ପରିମାଣର ମେଟାଲ,ମୁରୁମ, କ୍ରସର ଡ଼ଷ୍ଟ ଓ ବାଲି ପକାଇ ଖଏର ମାଲ ଠାରୁ ପାଇକକେନ୍ଦୁମୁଣ୍ଡି ପର୍ଯ୍ୟନ୍ତ କାମ କରାଯାଉଛି । ବିଭାଗର କନିଷ୍ଠ ଯନ୍ତ୍ରୀ କିମ୍ବା ସହକାରୀ ଯନ୍ତ୍ରୀ କାର୍ଯ୍ୟସ୍ଥଳରେ ଉପସ୍ଥିତ ରହୁ ନଥିବାରୁ ଗ୍ରାମବାସୀ ଙ୍କ ମଧ୍ୟରେ କାମର ସ୍ୱଚ୍ଛତା ନେଇ ସନ୍ଧେହ ପ୍ରକାଶ ପାଉଛି ।

# ଭୀମ ଭୋଇଙ୍କ ସନ୍ଥବିଚାର ବିଶ୍ୱସାହିତ୍ୟକୁ ନୂତନ ମୂଲ୍ୟବୋଧ ଦେଇଛି

ସୁବର୍ଣ୍ଣପୁର,(ପି.ଏନ): ଓଡିଶା ସାହିତ୍ୟ ଏକାଡେମୀ ଓ ସୁବର୍ଣ୍ଣପୁରର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ମହାନଦୀ ସାହିତ୍ୟ ସଂସଦ ର ମିଳିତ ଆନୁକୂଲ୍ୟରେ ସନ୍ଥକବି ଭୀମଭୋଇ ଙ୍କ ଶ୍ରାଦ୍ଧ ଉପଲକ୍ଷେ ଏକ ସାରସ୍ୱତ ସଭା ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ର ସମ୍ମିଳନୀ କକ୍ଷ ରେ ପାଳନ କରାଯାଇଛି । ଓଡିଶା ସାହିତ୍ୟ ଏକାଡେମୀ ର ସଦସ୍ୟ ଡକ୍ଟର ଦେବାଶିଷ ପାଣ୍ଡିଆଙ୍କ ସଭାପତିତ୍ୱ ରେ ଆୟୋଜିତ ହୋଇଥିବା ଏହି ସାରସ୍ୱତ ସଭାରେ ଅତିଥି ଭାବରେ ମହାନଦୀ ସାହିତ୍ୟ ସଂସଦ ର ସଭାପତି ତଥା ସୁସାହିତ୍ୟିକ ଶ୍ୟାମାଓଁ ପ୍ରସାଦ ମିଶ୍ର ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବରେ ବିଶିଷ୍ଟ ସାହିତ୍ୟିକ ଓ ଗବେଷକ ସୁଦାମ ନାୟକ ଯୋଗ ଦେଇ ସନ୍ଥ କବି ଭୀମ ଭୋଇ ଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ ପୂର୍ବକ ତାଙ୍କର ବ୍ୟକ୍ତିତ୍ୱ ଓ ସାହିତ୍ୟକୃତୀ ଉପରେ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଏହି ସାରସ୍ୱତ ସଭାରେ ଓଡିଶା ସାହିତ୍ୟ ଏକାଡେମୀ ର ପୂର୍ବତନ ସଦସ୍ୟ ତଥା ବରିଷ୍ଠ ସୁସାହିତ୍ୟିକ ଗୋରେଖନାଥ ସାହୁ ଓ ଡକ୍ଟର ପୁରୁଷୋତମ ମିଶ୍ର ଯୋଗଦେଇ ଏହି ପରିପ୍ରେକ୍ଷୀରେ ନିଜର ବକ୍ତବ୍ୟ ଉପସ୍ଥାପନ କରି ଭୀମଭୋଇ ଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ଭୀମଭୋଇଙ୍କ ସାହିତ୍ୟ ରେ ପ୍ରକାଶିତ ଧର୍ମଦର୍ଶନ, ଆମର ଧର୍ମୀୟପରମ୍ପରାରେ ଯେପରି ନୂତନତାର ସୂତ୍ରପାତ କରିଛି, ସାହିତ୍ୟ କ୍ଷେତ୍ରରେ ମଧ୍ୟ ସେହିପରି ନୂତନ ପ୍ରାଣ ସଂଚାର କରିଛି ବୋଲି ବକ୍ତା ମାନେ ମତବ୍ୟକ୍ତ କରିବା ସହିତ ଭୀମ ଭୋଇ ଙ୍କୁ ଜଣେ ତତ୍ୱଦର୍ଶୀ, ନିର୍ଗୁଣ ଭକ୍ତିମାର୍ଗ ର ସାଧକ ତଥା ମାନବୀୟ ମୂଲ୍ୟବୋଧ ର ପ୍ରଚାରକ ଓ ସଂସ୍କାରକ ଭାବରେ ଅଭିହିତ କରି ଜଗତ ଓ ମାନବ ଜୀବନ ପ୍ରତି ରହିଥିବା ତାଙ୍କର ଅଭୁତପୂର୍ବ ଦୃଷ୍ଟିଭଙ୍ଗୀ ରଉପସ୍ଥାପନା କରିଥିଲେ । ତାଙ୍କ ଦ୍ୱାରା ରଚିତ ବିଭିନ୍ନ ଗ୍ରନ୍ଥ ଅଧ୍ୟୟନ ଓ ଅନୁଶୀଳନ ପୂର୍ବକ ତାଙ୍କର ଜୀବନାଦର୍ଶକୁ ଅନୁସରଣ କରି ପାରିରେ ତାହା ସନ୍ଥକବି ଭୀମଭୋଇଙ୍କ ପ୍ରତି ଉଚିତ ଶ୍ରଦ୍ଧାଞ୍ଜଳୀ ହୋଇ ପାରିବ ବୋଲି ବକ୍ତା ମାନେ ମତ ଦେଇଥିଲେ । ଏହି ସାରସ୍ୱତ ସଭାରେ ବିଶିଷ୍ଟ କବି ଅଧ୍ୟାପକ ଡକ୍ଟର ସୌରଭ ରଞ୍ଜନ ଖମାରୀ ସ୍ୱାଗତ ଭାଷଣ ଦେଇଥିବା ବେଳେ କବି ଆତ୍ମଜ ବିହାରୀ ଶତପଥି ସଭା ପରିଚାଳନା କରିଥିଲେ । ଏହି ଅବସରରେ ୨୦୨୨ମେଟ୍ରିକ ପରୀକ୍ଷା ରେ ସାହିତ୍ୟ ବିଷୟ ରେ ଶତପ୍ରତିଶତ ନମ୍ବର ରଖିଥିବା ସାହାରା ଟ୍ରଷ୍ଟ ବିଦ୍ୟାଳୟ ର ଛାତ୍ରୀ ସୁଶ୍ରୀ ତନୁଶ୍ରୀ ବାରିକ ଓ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ର ଛାତ୍ରୀ ସୁଶ୍ରୀ ସାଇଶ୍ରିତା ମହାପାତ୍ର, ସୁଶ୍ରୀ ଅପର୍ଣ୍ଣା ଭାରତୀ ଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି ସମାବେଶ ରେ ବରିଷ୍ଠ ଗାଳ୍ପିକ ପ୍ରାଧ୍ୟାପକ ଡକ୍ଟର ଜ୍ୟୋତିରଞ୍ଜନ ବହିଦାର, କବି ଆର୍ତତ୍ରାଣ ବାବୁ, ଇଙ୍କଫେଷ୍ଟ ସଭାପତି ସ୍ୱାଧୀନ ମେହେର, ବେଣୁଧର ପ୍ରଧାନ, ପଠାନ ପଣ୍ଡା, ସାହାରା ଟ୍ରଷ୍ଟ ର ଅଧ୍ୟକ୍ଷ ଗତିକୃଷ୍ଣ ମିଶ୍ର, କବି ବିଘ୍ନରାଜ ପଣ୍ଡା, ନାଟ୍ୟକାର ଓ କବି ପ୍ରଦ୍ୟୁମ୍ନ ସାହୁ, କବୟିତ୍ରୀ ରଂଜିତା ପଣ୍ଡା, କବି ଓ ଗାଳ୍ପିକା ସସ୍ମିତା ମେହେର, କବି ଅଦୈତକୁମାର ପଣ୍ଡା, ସମାଜସେବୀ ତଥା ସୁଲେଖକ ରାଜୀବ ନାୟକ ଙ୍କ ସମେତ ବୁଦ୍ଧିଜୀବୀ, ସାହିତ୍ୟିକ ଓ ଛାତ୍ର ଛାତ୍ରୀ ମାନେ ଯୋଗ ଦେଇ ସଭାକୁ ସଫଳ କରିବାରେ ସହାୟକ ହୋଇଥିଲେ ।

# ରାଇରଙ୍ଗପୁର ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଅଗ୍ନିକାଣ୍ଡ : ୨କୋଟିରୁ ଅଧିକ ମୂଲ୍ୟର ସମ୍ପତି ନଷ୍ଟ

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ପୌରପରିଷଦର ବଜାର ଗୋଲେଇ ଛକ ନିକଟରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଗତ ବୁଧବାର ରାତି ପ୍ରାୟ ୩ଟା ପାଖାପାଖି ଅଗ୍ନିକାଣ୍ଡ ଘଟିଥିଲା । ଖବର ପାଇ ବାମନଘାଟି ଉପଖଣ୍ଡସ୍ଥିତ ଏକ ଦମକଳ ଗାଡ଼ି ୪ଟା ପାଖାପାଖି ପହଁଚି ନିଆଁକୁ ଆୟତ କରିବାକୁ ଉଦ୍ୟମ ଚଳାଇଥିବା ସମୟରେ ଗାଡ଼ିରେ ପାଣି ଶେଷ ହୋଇଯାଇଥିଲା । ଏହାପରେ ଅନ୍ୟ ଗାଡ଼ିଗୁଡ଼ିକ ପହଁଚିବା ନିମନ୍ତେ ପ୍ରାୟ ଏକ ଘଂଟାରୁ ଅଧିକ ବିଳମ୍ବ କରିଦେଇଥିବାରୁ ନିଆଁ ସମସ୍ତ ଚାରିଆଡ଼େ ମାଡ଼ି ଯାଇଥିଲା । ପରବର୍ତି ସମୟରେ ପ୍ରାୟ ୯ରୁ ଅଧିକ ଦମକଳ ଗାଡ଼ି ଘଟଣାସ୍ଥଳରେ ପହଁଚି ନିଆଁକୁ ଆୟତ କରିବା ନିମନ୍ତେ ଆପ୍ରାଣ ଉଦ୍ୟମ ଚଳାଇଥିଲେ । ପ୍ରାୟ ୫ ଘଂଟାରୁ ଅଧିକ ସମୟ ଧରି ଅଗ୍ନିଶମ ବିଭାଗର କର୍ମଚାରୀମାନଙ୍କ ମିଳିତ ଉଦ୍ୟମ ପରେ ନିଆଁକୁ ଆୟତ କରାଯାଇ ପାରିଥିଲା । ସପିଂ ମଲରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର, ଫ୍ରେଣ୍ଡସ୍ ଏମ୍ପୋରିଆଲ, ଫ୍ରେଣ୍ଡସ୍ ଡ଼ିପାଟମେଂଟାଲ, ଫ୍ରେଣ୍ଡସ୍ ୟୁଟିଲିଟି ଓ ଫ୍ରେଣ୍ଡସ୍ ଗାର୍ମେଂଟ ଆଦି ୫-ଟି ବ୍ୟବସାୟ ପ୍ରତିଷ୍ଠାନରେ ଥିବା ଷ୍ଟେସନାରୀ ଓ ଗିଫ୍ଟ ସାମଗ୍ରୀ, କପଡ଼ା, ଇଲେକ୍ଟ୍ରୋନିକ୍ସ ସାମଗ୍ରୀ, ଫ୍ରିଜ୍, ଟିଭି, ମୋବାଇଲ ଆଦି ସମସ୍ତ ଜିଲିଷପତ୍ର ସହ ଆସବାବପତ୍ର ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ ହେବା ସହିତ ସପିଂ ମଲ୍ କୋଠାଟି ପୋଡ଼ି ଯାଇଥିଲା । ଫଳରେ ମଲରେ ଥିବା ରତନ ରାମ, ମନୋହର ରାମ, ଉମେଶ ରାମ, ଅଜୟ ରାମ ଓ ରିତେଶ ରାମ ପ୍ରମୁଖ ବ୍ୟବସାୟୀମାନଙ୍କର ପ୍ରାୟ ୨ କୋଟିରୁ ଅଧିକ ମୂଲ୍ୟର ଜିନିଷପତ୍ର ଓ ଆସବାବପତ୍ର ଗୁଡ଼ିକ ଆଖି ସମ୍ମୁଖରେ ପୋଡ଼ି ପାଉଁଶ ପାଲଟି ଯାଇଥିଲା । ନିଆଁ ଲାଗିଥିବା ସପିଂ ମଲର ଅଳ୍ପ ଦୂରରେ ଥିବା ଏକ ପେଟ୍ରୋଲ ପମ୍ପ ରହିଥିବାରୁ ସେଥିରେ ଯେପରି ନିଆଁ ନ ଧରିବ ସେଥି ନିମନ୍ତେ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯାଇଥିଲା । ରାଇରଙ୍ଗପୁର ପୁଲିସ ଘଟଣାସ୍ଥଳରେ ପହଁଚି ମୁଖ୍ୟ ରାସ୍ତାକୁ ସିଲ୍ କରିଦେଇଥିଲେ । ସପିଂ ମଲରେ ଅଗ୍ନିକାଣ୍ଡ ଘଟିବାର ସଠିକ୍ କାରଣ ବର୍ତମାନ ପର୍ଯ୍ୟନ୍ତ ଜଣାପଡ଼ିନଥିବା ସମୟରେ ସଟ୍ ସର୍କିଟ୍ କାରଣରୁ ଘଟିଥାଇ ପାରେ ବୋଲି ସନ୍ଦେହ କରାଯାଇଥିବା ସମୟରେ ରାଇରଙ୍ଗପୁର ଉପଖଣ୍ଡରେ ଏହି ପ୍ରକାରର ଭୟାବହ ଅଗ୍ନିକାଣ୍ଡ ପ୍ରଥମ ଘଟଣା ବୋଲି ଜଣାପଡ଼ିଛି ।

# କେନ୍ଦୁଝରରେ ପତ୍ନୀଙ୍କୁ ନିର୍ମମ ଭାବେ ହତ୍ୟା କଲା ସ୍ୱାମୀ

କେନ୍ଦୁଝର, , (ପି.ଏନ): କେନ୍ଦୁଝର ରେ ପତ୍ନୀଙ୍କୁ ଅତି ନିର୍ମମ ଭାବେ ଟାଙ୍ଗିଆରେ ହତ୍ୟା କଲା ସ୍ୱାମୀ । ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ଅନ୍ତର୍ଗତ ରଗଡା ଗ୍ରାମରେ । ଏହି ହତ୍ୟାକାଣ୍ଡ ଅବଶ୍ୟ କୌଣସି ସେଭଳି ଗୁରୁତର ଘଟଣାରୁ ହୋଇନାହିଁ । କେବଳ ସାମାନ୍ୟ ଘରୋଇ କଳିରୁ ହିଁଏଭଳି ଏକ ବର୍ବର ହତ୍ୟାକାଣ୍ଡ ଘଟିଛି । ସ୍ୱାମୀ ରଥୁଆ ସେଠୀ , ପତ୍ନୀ ସୁଲୋଚନା ସେଠୀଙ୍କୁ ଅତ୍ୟନ୍ତ ନିର୍ମମ ଭାବେ ହତ୍ୟା କରିବା ପରେ ନିଜେ ଯାଇ ଥାନାରେ ଆତ୍ମସମର୍ପଣ କରଛି । ପ୍ରାପ୍ତ ସୂଚନାନୁସାରେ ଏହି ପତି ପତ୍ନୀଙ୍କ ମଧ୍ୟରେ ପ୍ରାୟତଃ କଳହ ଲାଗି ଥାଏ । ରବିବାର ପୂର୍ବ ରାତିରେ ରଥୁଆ ଓ ସୁଲୋଚନାଙ୍କ ମଧ୍ୟରେ କୌଣସି କାରଣରୁ ହଠାତ୍ ଝଗଡା ଆରମ୍ଭ ହୋଇଥିଲା ।କିନ୍ତୁ ନିଜ ନିଜ ଭିତରେ ବୁଝା ମଣାରେ ତାର ଏକ ପ୍ରକାର ଜବନିକା ପଡିଥିଲା । କିନ୍ତୁ ପୁଣି ସକାଳୁ ଉଠିବା ପରେ ପୁଣି ଦୁହିଁଙ୍କ ମଧ୍ୟରେ ଝଗଡା ଆରମ୍ଭ ହୋଇ ଯାଇଥିଲା । ଝଗଡା ଚାଲିଥିବା ବେଳେ ରଥୁଆ ହଠାତ୍ ଉତ୍ୟକ୍ତ ହୋଇ ଏକ ଟାଙ୍ଗିଆରେ ପତ୍ନୀ ସୁଲୋଚନାର ହାତକୁ ହାଣି ଦେଇଥିଲା । ଫଳରେ ସୁଲୋଚନା ତଳେ ପଡିଯାଇଥିଲେ । କିନ୍ତୁ ଏତିକିରେ ରଥୁଆ ର ରାଗ ଶାନ୍ତ ହୋଇ ନଥିଲା । ତା ରାଗ ଏତେ ଭୟଙ୍କର ଥିଲା ଯେ ସେହି ଟାଙ୍ଗିଆରେ ସେ ନିଜ ପତ୍ନୀ ଶରୀରର ବିଭିନ୍ନ ସ୍ଥାନକୁ ସେହି ଟାଙ୍ଗିଆରେ ଚୋଟ ଉପରେ ଚୋଟ ପକାଇ ଚାଲିଥିଲା । ଯେଉଁଥିପାଇଁ ସୁଲୋଚନାଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା । ନିଜ ପତ୍ନୀକୁ ଅତି ନର୍ମମ ଭାବେ ହତ୍ୟା କରିବା ପରେ ରଥିଆ ସେଠୀ ତେଲକୋଇ ଥାନାକୁ ଯାଇ ଆତ୍ମସମର୍ପଣ କରିଛି । ତେଲକୋଇ ପୋଲିସ ଘଟଣାସ୍ଥଳରେ ପହଁଚି ସୁଲୋଚନାଙ୍କ ମୃତ ଶରୀର ଜବଦ କରିବା ସହ ତଦନ୍ତ ଜାରି ରଖିଛନ୍ତି ।

# ପଟ୍ଟାମୁଣ୍ଡାଇ ଦୂର୍ଗାପୂଜା ପାଇଁ ଶାନ୍ତି କମିଟି ବୈଠକ

ପଟ୍ଟାମୁଣ୍ଡାଇ,(ପିଏନ)- ସଂପ୍ରତି ଆଗାମୀ ଶାରଦୀୟ ଦୂର୍ଗାପୂଜା ଉତ୍ସବ ପାଳନ ପାଇଁ ପଟ୍ଟାମୁଣ୍ଡାଇ ଦୂର୍ଗାପୂଜା ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ପଟ୍ଟାମୁଣ୍ଡାଇ ତହସିଲଦାର ଶରତ କୁମାର ଗିରିଙ୍କ ପୌରହିତ୍ୟରେ ପଟ୍ଟାମୁଣ୍ଡାଇ ପଚାଂୟତ ସମିତି ସଭାଗୃହରେ ଆୟୋଜିତ ବୈଠକରେ ଆଗାମୀ ଦୂର୍ଗାପୂଜା ଉତ୍ସବକୁ କୋଭିଡ ନିୟମାନୁଯାୟୀ ପାଳନ କରାଯିବାକୁ ଆଲୋଚନା କରାଯାଇଥିଲା । ତେବେ ମେଢ କମିଟିର ସଭାପତିମାନେ କେନ୍ଦ୍ରାପଡା ଏଡିଏମଙ୍କ ନିକଟରେ ଉତ୍ସବକୁ ପାଳନ କରିବା ପାଇଁ ଚୁକ୍ତିପତ୍ର ସ୍ୱାକ୍ଷର କରିବା ଘଟଣାକୁ ନେଇ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା । ମେଢ କମିଟିର କର୍ମକର୍ତା ଓ ଶାନ୍ତି କମିଟିର ସଦସ୍ୟମାନେ ଏହି ଚୁକ୍ତିପତ୍ର ସ୍ଥାନୀୟ ପ୍ରଶାସନ ଜରିଆରେ ସଂପାଦନ କରାଯିବା ନେଇ ଯୁକ୍ତି ଉପସ୍ଥାପନ କରିଥିଲେ । ସଭା ମଚଂରେ ଉପସ୍ଥିତି ତହସିଲଦାର ଶ୍ରୀଗିରି ଓ ପଟ୍ଟାମୁଣ୍ଡାଇ ବିଡିଓ ଭରତ ଚନ୍ଦ୍ର ପରିଡା ଫୋନ ଯୋଗେ ଏଡିଏମଙ୍କ ସହିତ ଯୋଗାଯୋଗ କରି ଶାନ୍ତି କମିଟି ବୈଠକ ନିଷ୍ପତିକୁ ଜଣାଇବା ପରେ ମଧ୍ୟ ଏଡିଏମ ସମସ୍ତ ମେଢର କର୍ମକର୍ତାମାନେ କେନ୍ଦ୍ରାପଡା ଯାଇ ତାଙ୍କ କାର୍ଯ୍ୟାଳୟରେ ଚୁକ୍ତିପତ୍ର ସ୍ୱାକ୍ଷର କରିବାକୁ କହିବାରୁ ବୈଠକରେ ଉଦବେଗ ପ୍ରକାଶ ପାଇଥିଲା । ପଟ୍ଟାମୁଣ୍ଡାଇ ଏସଡିପିଓ ରଞ୍ଜନ କୁମାର ଦେ, ତହସିଲଦାର ଶ୍ରୀଗିରି ଓ ବିଡିଓ ଶ୍ରୀପରିଡା ଶାନ୍ତି କମିଟି ଓ ମେଢ କମିଟି ସଭ୍ୟମାନଙ୍କୁ ବୁଝାଶୁଝା କରିବା ସହିତ ଜିଲ୍ଲା ପ୍ରଶାସନକୁ ଏହି ବିଷୟରେ ଅବଗତ କରାଇ ସମାଧାନ ବାହାର କରିବା ପାଇଁ ପ୍ରତିଶୃତି ଦେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା । ଏହି ବୈଠକରେ ପୌରନିର୍ବାହୀ ଅଧିକାରୀ ସଂପଦ ସ୍ୱାଇଁ, ମେଡିକାଲ ଅଫିସର ଡା.ନିରାକାର ପରିଡା, ମେଢ କମିଟି ସଂପାଦକ ବିଜୟ ସାହୁ, ବିକାଶ ପରିଷଦର ସଂପାଦକ ଗୋପିନାଥ ତ୍ରିପାଠୀ, ବରିଷ୍ଠ ସଦସ୍ୟ ଭୋଳାନାଥ ପାଢୀ, କିଶୋର ସାହୁ, ରମେଶ ଦେ, ସାମ୍ବାଦିକ ପତିତପାବନ ଭଦ୍ର, ଅନୀଲ ଚୌଧୁରୀ, ରାଧାମୋହନ ଦାଶ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏହି ବୈଠକରେ ଅତିରିକ୍ତ ତହସିଲଦାର ଓମ ପ୍ରକାଶ ମହାନ୍ତି, ପୂର୍ତ ବିଭାଗ ସହନିର୍ବାହୀ ଅଧିକାରୀ ଇଂ. ପ୍ରଶାନ୍ତ କୁମାର ଦାସ, ଜଳସଂପଦ ବିଭାହ ସହନିର୍ବାହୀ ଅଧିକାରୀ ଇଂ. ଶକ୍ତି ପ୍ରସାଦ ଦାସ, ସେସୁ ଏସଡିଓ ଇଂ. ବିବେକାନନ୍ଦ ପଣ୍ଡା, ମେଢ କମିଟିର କର୍ମକର୍ତା ପ୍ରମୋଦ ଜେନା, ରବିନ୍ଦ୍ର ସାହୁ, ଦୁଷ୍ମନ୍ତ ସାହୁ , ସନାତନ ବିଶ୍ୱାଳ, ବିଶ୍ୱଜିତ ଦାସ, ବାବୁରାମ ପାଢୀ ପ୍ରମୁଖ ବହୁ ମେଢ କମିଟିର କର୍ମକର୍ତା ଓ ସଭ୍ୟ ଏହି ବୈଠକରେ ଯୋଗ ଦେଇଥିଲେ । ଶେଷରେ ବରିଷ୍ଠ ସଭ୍ୟ ଗୋପିନାଥ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ ।

# ଚିହ୍ନଟ ହେଲେ ନୂଆ ୬୭ ଆକ୍ରାନ୍ତ

ଭଦ୍ରକ, (ପିଏନ)- ଭଦ୍ରକ ଜିଲ୍ଲାରୁ ଆଜି ନୂଆ କରୋନା ଆକ୍ରାନ୍ତ ୬୭ଜଣ ଚିହ୍ନଟ ହୋଇଛନ୍ତି । ଜିଲ୍ଲାରୁ ମୋଟ ୧ ଲକ୍ଷ ୩୦୪୯ ଜଣଙ୍କ ନମୁନା ପରୀକ୍ଷା ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ପହଂଚିଛି ୬୧୬୬ରେ । ତେବେ ଏମାନଙ୍କ ମଧ୍ୟରୁ ୫୫୯୧ଜଣ ସୁସ୍ଥ ହୋଇ ସାରିଛନ୍ତି । ଗତକାଲି ୧୧୪ ଜଣ ସୁସ୍ଥ ହେବା ପରେ ନୂଆ ଆକ୍ରାନ୍ତଙ୍କୁ ମିଶାଇ ଏବେ ମୋଟ ୫୬୦ଜଣ ଆକ୍ରାନ୍ତ ସକ୍ରିୟ ରହି ଚିକିତ୍ସିତ ହେଉଛନ୍ତି । ଚିହ୍ନଟ ହୋଇଥିବା ନୂଆ ଆକ୍ରାନ୍ତମାନେ ବାସୁଦେବପୁର ବ୍ଲକର ୨ଜଣ, ଭଦ୍ରକ ବ୍ଲକର ୪ଜଣ, ଭଦ୍ରକ ପୌରପାଳିକାର ୬ଜଣ, ବନ୍ତ ବ୍ଲକର ୧୯ଜଣ, ଭଣ୍ଡାରିପୋଖରୀ ବ୍ଲକର ୩ଜଣ, ଚାନ୍ଦବାଲି ବ୍ଲକର ଜଣେ, ଧାମନଗର ବ୍ଲକର ୨୬ଜଣ, ତିହିଡି ବ୍ଲକର ୬ଜଣ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।




ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK ପର୍ଯ୍ୟବେକ୍ଷକ

Bhubaneswar Wednesday February 22, 2023 ଭୁବନେଶ୍ୱର ବୁଧବାର, ଫେବୃଆରୀ ୨୨,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com 

## ଚାରଣ ଗୋଷ୍ଠୀ ଓଡିଶା ପକ୍ଷରୁ ପ୍ରବ୍ରଜ୍ୟା ଯାତ୍ରା ପାଳିତ

ଦର୍ପଣ,(ପି.ଏନ)-ଚାରଣ ଗୋଷ୍ଠୀ ଓଡିଶା ପକ୍ଷରୁ ପ୍ରଭୁ ଶ୍ରୀ ଜଗନ୍ନାଥ, ପ୍ରଭୁ ଶ୍ରୀ ବଳଭଦ୍ର, ମା ଶୁଭଦ୍ରା ଓ ପ୍ରଭୁ ସୁର୍ଦର୍ଶନଙ୍କୁ ଏକ ସୁସଜ୍ଜିତ ବିମାନରେ ବସାଇ ମହାସମାରୋହରେ ପ୍ରବ୍ରଜ୍ୟା ଯାତ୍ରା ପାଳିତ ହୋଇଯାଇଛି। ଧର୍ମଶାଳା ବ୍ଲକ ଅନ୍ତର୍ଗତ ମିର୍ଜାପୁର ପଂଚାୟତ ଠାରେ ପ୍ତିହ୍ଠିତ ଠାକୁର ଶ୍ରୀ ଶ୍ରୀ ଶ୍ୟାମସୁନ୍ଦର ଜୀୟୁଙ୍କ ମନ୍ଦିର ସମ୍ମୁଖରେ ଚାରଣ ଗୋଷ୍ଠୀ ପକ୍ଷରୁ ଏକ ଯଜ୍ଞ କରାଯାଇ ସୁସଜ୍ଜିତ ବିମାନକୁ କାନ୍ଧରେ ବସାଯାଇ ପ୍ରବ୍ରଜ୍ୟା ଯାତ୍ରା ଆରମ୍ଭ କରାଯାଇଥିଲା। ପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ସାଧାରଣ ଜନସାଧାରଙ୍କ ଦର୍ଶନ ନିମନ୍ତେ ସାଲେପୁର, ଦଳିତ ସାହି, ଚମାରସାହି, ସାମଲ ସାହି, ଗୋବିନ୍ଦରାମ ପାଟଣା, ପାଟପୁର, କୁବେର ସାହି, ବଢେଇ ସାଇ, ରଥ ଦାଣ୍ଡ,ମସ୍‌ଜୀଦୀ ସାହି, ବଡବାଲିସାହି, ଖଙ୍କାରୀ ଡିହ, କୁମାର ସାହି, ଜେନାସାହି, ଶ୍ରୀବଳଦେବଜୀୟୁ ମନ୍ଦିର, ନମକନା ଓ ଚତ୍ରପଦା ଗ୍ରାମ ପରିଭ୍ରମଣ କରାଯାଇଥିଲା। ଉକ୍ତ ପ୍ରବ୍ରଜ୍ୟା ଯାତ୍ରାରେ ଚାରଣଗୋଷ୍ଠି ଓଡିଶାର ଅଧକ୍ଷ ଉଦୟନାଥ ସାହୁ, ଦଳପତି ଗୋପାଳ ଚନ୍ଦ୍ର ବାରିକ, ସମ୍ପାଦକ ବିରଥୀ



ପାଣିଗ୍ରାହି, ପତ୍ରିକା ସଂପାଦକ ପ୍ରଫୁଲ କୁମାର ମିଶ୍ର, ସଂଗଠକ ବୀରକିଶୋର ସାହୁ, କୁଞ୍ଜବିହାରୀ ରାୟ, କୁଳମଣି ନାୟକ, ନାରାୟଣ ବେହେରା, ଗଣେଶ୍ୱର ବ୍ରହ୍ମ, କୋଷାଧକ୍ଷ ଅଭଗବତ ମହାରଣା, ଜଗବନ୍ଧୁ ସାହୁ, ସୂର୍ଯ୍ୟମଣୀ କବକି, ଭରତ ଚନ୍ଦ୍ର ବିଶ୍ୱାଳ, ସମରେନ୍ଦ୍ର ମାହାଲା, ଅନନ୍ତ କିଶୋର ସ୍ୱାଁଇଁ ପ୍ରମୁଖ ଭଜନ କରିବା ସହିତ ମହିଳା ଓ ପୁରୁହ ମାନେ ହରିବୋଲ ହୁଳହୁଳି ପକାଇ ପ୍ରଭୁଙ୍କ ନାମ ସ୍ମରଣ କରିଥିଲେ। ଚତ୍ରପଦା ଠାରେ ପ୍ରଭୁଙ୍କ ବିମାନ ସମ୍ମୁଖରେ ପୂଜାର୍ଚ୍ଚନା କରାଯାଇ ଏକ ପ୍ରବଚନ କରାଯାଇଥିଲା। ସନାତନ ଧର୍ମ ଓ ଶ୍ରି ଜଗନ୍ନାଥଙ୍କ ଚେତନାକୁ ଗ୍ରାମଂଚଳରେ ପ୍ରଚାର ଓ ପ୍ରସାର କରିବା ହେଉଛି ଚାରଣ ଗୋଷ୍ଠିର ମୂଳ ଲକ୍ଷ। ନିତ୍ୟ ବିଷ୍ଣ ସହସ୍ର ନାମ ପାଠ କରିବା, ନିର୍ମାଲ୍ୟ ସେବନ ଓ ପୂଜ୍ୟପୂଜାଙ୍କୁ ସମ୍ମାନ ଦେବା ସଙ୍ଗେ ସଙ୍ଗେ ଶ୍ରୀମଦ ଭାଗବତକୁ ପଠନକରିପାରିଲେ ପ୍ରଭୂ ଶ୍ରୀ ଜଗନ୍ନାଥଙ୍କୁ ସମସ୍ତେ ଭାବରେ ପାଇାସାରିବା ସହିତ ନିଜ ଜୀବନ ମଧ ସୁଖମୟ ହେବ। ଆଜି ପ୍ରଭୁ ଆମ ଓଡିଶାର ପୁରୀ ବଡ ଦେଉଳରେ ଅଛନ୍ତି। ବଡଦାଣ୍ଡକୁ ଆସନ୍ତି ସାରା ବିଶ୍ୱର ଜନସାଧାରଣଙ୍କୁ ଦର୍ଶନ ଦେବାପାଇଁ। ସେ ହେଉଛନ୍ତି ବଡ ଠକୁର ତାଙ୍କର ସେବା କରିପାରିଲେ ଆମେ ସମସ୍ତେ ଧନୀ ହୋଇପାରିବା ବୋଲି ପ୍ରବଚକ ଚାତଣ ଉଦୟନାଥ ସାହୁ ପ୍ରକାଶ କରିଥିଲେ। ପ୍ରବଚନ କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ଶ୍ରୀନାଥ ମିଶ୍ର ଯୋଗଦେଇ ପ୍ରଭୁଙ୍କ ଆଶୀବାଦ ଭିକ୍ଷା କରିଥିଲେ। ଉସରବରେ ଶହଶହ ସଂଖ୍ୟାରେ ଶ୍ରୀ ଜଗନ୍ନାଥଙ୍କ ଆଶ୍ରିତ ମହିଳା, ପୁରୁଷ, ଯୁବକମାନେ ଯୋଗଦେଇ ଉସରବକୁ ମୁଖରିତ କରିଥିଲେ।

## ଜାଗଳ ମେଳା ଉପଲକ୍ଷେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ

ଶୁଆକାଟୀ,(ପି.ଏନ): ଜାଗର ମେଳା ମହୋତ୍ସବ ଉପଲକ୍ଷେ ଶୁଆକାଟୀ ଠାରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏଥିରେ ଓଡିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ଶ୍ରୀଚରଣ ମହାନ୍ତି ଯୋଗ ଦେଇଥିବା ବେଳେ ତାଙ୍କର ଭଜନ ପରିବେଷଣରେ ଦର୍ଶକ ବିଭୋର ହୋଇଯାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆଞ୍ଚଳିକ ପରିଚାଳକ ଅନୁରାଗ ଓଝା ଯୋଗ ଦେଇ ପାଟେଶ୍ୱର ମହାଦେବଙ୍କ ଫଟୋଚିତ୍ରରେ ଦୀପ, ଧୂପ, ପୁଷ୍ପମାଲ୍ୟ ଅର୍ପଣ କରି ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ପାଟେଶ୍ୱର ପୂଜା କମିଟିର ସଭାପତି ଅଖିଳ ବାରିକ, ସମ୍ପାଦକ ସୁଶାନ୍ତ କୁମାର ସାମଲଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ବିଜୁ ପଟ୍ଟନାୟକଙ୍କ ୧୦୭ତମ ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ



ପାରାଦୀପ,(ପି.ଏନ): ଆସନ୍ତା ମାର୍ଚ୍ଚ ୫ ତାରିଖରେ ପାରାଦୀପ ବନ୍ଦରର ସ୍ରଷ୍ଟା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୦୭ତମ ଜୟନ୍ତୀକୁ ଧୁମଧାମରେ ପାଳନ କରିବା ପାଇଁ ପାରାଦୀପରେ ନିଷ୍ପତ୍ତି ହୋଇଛି। ସେଥିପାଇଁ ଆଜି ବିଜୁ ମେମୋରିଆଲ ଟ୍ରଷ୍ଟ ସଭାପତି ପୂର୍ବତନ ମନ୍ତ୍ରୀ ଡା.ଦାମୋଦର ରାଉତଙ୍କ ସଭାପତିତ୍ୱରେ ପ୍ରସ୍ତୁତି ବୈଠକ ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଟ୍ରଷ୍ଟର କାର୍ଯ୍ୟକାରୀ ସଭାପତି ସୁମନ୍ତ ବିଶ୍ୱାଳ, ଉପସଭାପତି ମାଗୁ ଚରଣ ନାୟକ, କୁମରବର ନାୟକ, ଉପଦେଷ୍ଟା ସୁରେନ୍ଦ୍ର ଦାସ, ଚିତରଂଜନ ରାଉତରାୟ, ଚିନ୍ମୟ ପରିଡ଼ା ପ୍ରମୁଖ ଉପସ୍ଥିତ ରହି ୧୯୭୫ ମସିହାରୁ ଆୟୋଜିତ ହୋଇଆସୁଥିବା ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଆଲୋଚନା କରିଥିଲେ। ଏ ବାବଦରେ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଆସନ୍ତା ୨୫ ତାରିଖରେ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି।

## ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦ ପରମହଂସ ଦେବଙ୍କ ୩୫ତମ ବାର୍ଷିକ ଉତ୍ସବ

ଭଗାମୁଣ୍ଡା,(ପି.ଏନ):ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ଭଗାମୁଣ୍ଡା ଗ୍ରାମରେ ରାମଚନ୍ଦ୍ର ଭାଇଙ୍କ ପାରିବାରିକ ଗୃହ ଆସନରେ ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦ ପରମହଂସଙ୍କ ୩୫ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଏଥିରେ ପୁରୀ ନୀଳାଚଳ ସାରସତ୍ୱ ସଂଘ କିରତୁଙ୍ଗର ସଭାପତି ଗଗନେନ୍ଦ୍ର ମହାନ୍ତି, ବିଭୁଦତ୍ତ ଲେଙ୍କା, କୁଳମଣୀ ଭାଇ, ମୀନା ଭାଇ ପ୍ରମୁଖ ଯୋଗଦାନ କରିଥିଲେ। ଜାରକା, ବ୍ୟାସନଗର, ଆଗରପଡା, ଧର୍ମଶାଳା, ନାରଙ୍ଗପୁର ସଂଘରୁ ନିମନ୍ତ୍ରିତ ଭାଇ ଓ ମା'ମାନଙ୍କ ସହିତ ନିକଟସ୍ଥ ଭାଗବତ ପ୍ରେମୀମାନେ ଉକ୍ତ ଉତ୍ସବରେ ଯୋଗ ଦେଇଥିଲେ। ସଭାପତି ଗଗନେନ୍ଦ୍ର ମହାନ୍ତି ସନାତନ ଧର୍ମର ରକ୍ଷା, ଆଦର୍ଶ ଗୃହସ୍ଥ ଜୀବନ, ସଂଘ ଶକ୍ତିର ପ୍ରତିଷ୍ଠା ଆଦି ବିଷୟରେ ଆଲୋକପାତ କରିଥିଲେ । ଭାବ ବିନିମୟ ଜ୍ୟୋତି କୁଳମଣୀ ଭାଇ ଓ ନଳିନୀ ମା କରିଥିଲେ। ଆସନ୍ତା ବର୍ଷ ବାର୍ଷିକ ଉତ୍ସବକୁ ନଳୀନୀ ରାଜାଙ୍କ ପାରିବାରିକ ଗୃହ ଆସନରେ କରିବା ପାଇଁ ପ୍ରାର୍ଥନା କରିବା ସହ ନିମନ୍ତ୍ରଣ କରିଥିଲେ । କୁନୁ ଭାଇ, କୁନି ମା, ଶ୍ୟାମ ଭାଇ, ସିଲି ମା ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ।

## ଦନ୍ତା ହାତୀ ଆକ୍ରମଣରେ ୩ ଗୁରୁତର

ଚମ୍ପୁଆ,(ପି.ଏନ): ଚମ୍ପୁଆ ରେ ଅନ୍ତର୍ଗତ କାଟୁଳିକନା ଗ୍ରାମରେ ଗୋଠ ଖଣ୍ଡିଆ ଦନ୍ତା ହାତୀର ଆକ୍ରମଣରେ ୩ ଜଣ ଗୁରୁତର ହୋଇ ଚମ୍ପୁଆ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ଅତି ଗୁରୁତର ଜଣକୁ ଜିଲ୍ଲା ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ସୂଚନା ଅନୁସାରେ କାଟୁଳିକନା ଗ୍ରାମର ନବିନ ମୁଣ୍ଡା, ଗୋବିନ୍ଦ ମୁଣ୍ଡା ଓ ରୋହିତ ମୁଣ୍ଡା ନିଜ ଜମିରେ ପାଣି ମଡାଇବାକୁ ଯାଇଥିଲେ। ସେଠାରେ ମଧ ରାତ୍ରି ବେଳକୁ ଗୋଠ ଖଣ୍ଡିଆ ଦନ୍ତା ହାତୀ ତାଙ୍କୁ ଆକ୍ରମଣ କରିଥିଲା। କୈଣସି ସୂତ୍ରରୁ ଖବର ପାଇ ଭାରପ୍ରାପ୍ତ ରେର କାଳନ୍ଦୀ ସାମଲ ନିର୍ଦ୍ଦେସକ୍ରମେ ବନ ବିଭାଗ କର୍ମଚାରି ମାନେ ଉକ୍ତ ୩ ଜଣକୁ ଉଦ୍ଧାର କରି ଚମ୍ପୁଆ ଡାକ୍ତରଖାନା ଚିକିତ୍ସା ପାଇଁ ଭର୍ତି କରିଥିଲେ। ତାଙ୍କ ମଧରୁ ରୋହିତ ମୁଣ୍ଡାଙ୍କ ଅବସ୍ଥା ଗୁରୁତର ହେବାରୁ ତାକୁ କେନ୍ଦୁଝର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯିବା ସହିତ ହାତୀଟିକୁ ଘଉଡାଇ ମୟୁରଭ ଅଂଚଳକୁ ପଠାଇ ଦେଇଥିବା ଭାରପ୍ରାପ୍ତ ରେର ଶ୍ରୀ ସାମଲ ସୂଚନା ଦେଇଛନ୍ତି।

## ପ୍ରାକ୍ତନ ଛାତ୍ରନେତା କୈଳାସ କଂସ ନିଖୋଜ

କଟକ, (ପି.ଏନ): ଅଶି ଦଶକରେ ଜଗତସିଂହପୁର ସ୍ୱାମୀ ବିବେକାନନ୍ଦ ମହାବିଦ୍ୟାଳୟର ଛାତ୍ର ସଂସଦର ପୂର୍ବତନ ସମ୍ପାଦକ ତଥା ବାଲିକୁଦା ବ୍ଲକର ତିତିରା ପଞ୍ଚାୟତର ବେଗୁନିଆ ଗ୍ରାମରେ ଗୋପାଳ ପରିବାରରେ ଜନ୍ମିତ କୈଳାସ କଂସ ଗତ କିଛି ବର୍ଷ ହେବ ମାନସିକ ଭାରସାମ୍ୟ ହରାଇ ନିଖୋଜ ହୋଇଯାଇଛନ୍ତି। ଦିନଥିଲା ଜଣେ ମେଧାବୀ ଛାତ୍ର, ପରୋପକାରୀ, ବନ୍ଧୁବତ୍ସଳ, ସମାଜ ସେବୀ, ଛାତ୍ର ନେତା ଭାବେ ସେ ସ୍ଥାନୀୟ ଅଞ୍ଚଳରେ ବେଶ ଲୋକପ୍ରିୟ ଥିଲେ। ତେବେ କିଛି ବର୍ଷ ହେବ ସେ ମାନସିକ ଭାରସାମ୍ୟ ହରାଇ ଘର ଆଖପାଖରେ ବୁଲାବୁଲି କରୁଥିଲେ ମଧ ଠିକ ସମୟରେ ଘରକୁ ଫେରୁଥିଲେ। ତେବେ ଆଜକୁ ଏକ ମାସରୁ ଊର୍ଦ୍ଧ୍ୱ ହେବ ତାଙ୍କର କୌଣସି ସନ୍ଧାନ ନ ମିଳୁଥିବାରୁ ପରିବାର ଲୋକ ବାଲିକୁଦା ଥାନାରେ ବିଧିବଦ୍ଧ ଭାବେ ଏତଲା ଦେଇଥିଲେ। ସେ କଟକ-ଭୁବନେଶ୍ୱରରେ କୌଣସି ସ୍ଥାନରେ ଅଟକି ଯାଇପାରିଥାନ୍ତି ବା ସ୍ୱାସ୍ଥ୍ୟଗତ କାରଣରୁ ଅକ୍ଷମ ହୋଇ ବାହାରକୁ ସମ୍ଭବତଃ ଯାଇପାରୁ ନଥାନ୍ତି ବୋଲି ତାଙ୍କ ପରିବାରବର୍ଗ ଆଶଙ୍କା ବ୍ୟକ୍ତ କରିଛନ୍ତି। କୌଣସି ସହୃଦୟ ବ୍ୟକ୍ତି ତାଙ୍କର ସନ୍ଧାନ ପାଇଲେ ନିକଟସ୍ଥ ଥାନା କିମ୍ବା ୯୯୩୮୫୯୨୫୬୨ କିମ୍ବା ୮୮୯୫୫୭୧୬୬୧ ଫୋନ ନମ୍ବରରେ ଜଣାଇବା ପାଇଁ ତାଙ୍କ ପରିବାର ଓ ଆତ୍ମୀୟଙ୍କ ତରଫରୁ ନିବେଦନ କରାଯାଇଛି।

## ଆନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ

ଆନନ୍ଦପୁର,(ପି.ଏନ):ଆନନ୍ଦପୁରର ସରସ୍ୱତୀ ଶିଶୁ ମନ୍ଦିରରେ ପ୍ରଧାନଆଚାର୍ଯ୍ୟ ହରେକୃଷ୍ଣ ପତିଙ୍କ ସଂଯୋଜନାରେ ଆନ୍ତର୍ଜାତୀୟ ମାତୃଭାଷା ପାଳିତ ହୋଇଯାଇଛି। ଏହି ଦିବସରେ ଶିଶୁ ମାନଙ୍କ ମଧ୍ୟରେ ଶୁଦ୍ଧ ଲିଖନ, ଶୁଦ୍ଧ ପଠନ ଓ କବିତା ଲେଖିବାର ଆୟୋଜନ କରାଯାଇଥିଲା। ବିଭିନ୍ନ ବିଭାଗରେ ମୋଟ ୧୬୪ ଜଣ ଶିଶୁ ଭାଇ ଭଉଣୀ ଅଂଶଗ୍ରହଣ କରିଥିଲେ।

## ରଥ ମହାରଣା ତଥା ଭୂତଳ ଜଳ ସିଦ୍ଧାନ୍ତୀ ସଙ୍କର୍ଷଣ ସାମଲଙ୍କ ସ୍ମୃତିଚାରଣ ସଭା

ଆନନ୍ଦପୁର,(ପି.ଏନ):ଏକାଧାରରେ ଦଧିବାମନଜୀଉଙ୍କ ରଥର ମହାରଣା, ଭୂତଳ ଜଳ ନିରୂପଣ କରିବାରେ ପାରଙ୍ଗମ, ବିଶିଷ୍ଟ ଶିଳ୍ପୀ ତଥା ଧର୍ମ ପ୍ରଚାରକ ବସଙ୍କର୍ଷଣ ସାମଲଙ୍କ ସ୍ମୃତିଚାରଣ ସଭା ମହା ଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି । ୯୩ ବର୍ଷ ବୟସରେ ଇହଲୀଳା ସାଙ୍ଗ କରିଥିବା ଏହି ମହାମନାଙ୍କ ସ୍ମୃତି ସଭାରେ ବରିଷ୍ଠ ଲେଖକ ରତ୍ନାକର ଦାସ ସଭାପତିତ୍ୱ କରିଥିଲେ । ଉପସ୍ଥିତ ବିଦ୍ୱାନ ତଥା ତାଙ୍କ ପରିବାର ବର୍ଗଙ୍କ ଦ୍ୱାରା ନିରବ ପ୍ରାର୍ଥନା କରାଯାଇ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଳୀ ଅର୍ପଣ କରାଯାଇଥିଲା । ସଭାରେ ତାଙ୍କ ବିବିଧ କାର୍ଯ୍ୟଶୈଳୀ ତଥା ତାଙ୍କ ସଦ୍‌ଗୁଣାବଳୀ ସମ୍ପର୍କରେ ପ୍ରଧାପକ ରମାକାନ୍ତ ନାୟକ, ପଣ୍ଡିତ ରକ୍ଷାକର ଦାସ, କବି ସୁରେନ୍ଦ୍ର କୁମାର ଜେନା, ଚତୁର୍ଭୁଜ ଜେନା, ସରୋଜ କୁମାର ସାହୁ, ବିଜୟ କୁମାର ସେଣ୍ଠି, ମରେଇଗାଁ ବରିଷ୍ଠ ନାଗରିକ ସଘର ସମ୍ପାଦକ ବୃନ୍ଦାବନ ପଣ୍ଡା, ନୀଳମଣି ବାରିକ, ରାମଚନ୍ଦ୍ର ଜେନା, ଗୌରଚନ୍ଦ୍ର ସାମଲ, ମହାବୀର ସାମଲ, ସୁଧୀର କୁମାର ସାହୁ, ସୌଭାଗ୍ୟ ରଂଜନ ଜେନା, ମିନତୀ ସାମଲ, ପ୍ରମୋଦିନୀ ସାମଲ ପ୍ରମୁଖ ନିଜ ନିଜର ଅଭିବ୍ୟକ୍ତି ପ୍ରଦାନ କରିଥିଲେ । ଶେଷରେ ମୁନି ମହାରାଜ (ପୁତ୍ର ପ୍ରସାଦ)ଙ୍କ ନେତୃତ୍ୱରେ କଳାକାରମାନେ ଭଜନ କୀର୍ତ୍ତନ ପରିବେଷଣ କରିଥିଲେ ଓ ଗୌରହରି ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

## ଚଳନ୍ତା ଟ୍ରକରେ ଲାଗିଲା ନିଆଁ ଅଳ୍ପକେ ବର୍ତିଲେ ଡ୍ରାଇଭର

ଚମ୍ପୁଆ,(ପି.ଏନ): ଚମ୍ପୁଆ ଥାନା ଅନ୍ତର୍ଗତ ରଜିଆ ଠାରେ ଏକ ଚଳନ୍ତା ଟ୍ରକରେ ନିଆଁ ଲାଗି ଯାଇଥିବା ବେଳେ ଡ୍ରାଇଭର ଅଳ୍ପକେ ବର୍ତି ଯାଇଥିବା ଜଣା ଯାଇଛି। ସୂଚନା ଅନୁସାରେ ଜେ.ଏଚ୍.୧୨ଇ୨୩୫୦ ନମ୍ବର ଟ୍ରକଟି ଯୋଡା ଆଡୁ ଲୁହା ପଥର ନେଇ ରିମୁଳି ଦେଇ ଝାଡଖଣ୍ଡକୁ ଯାଉଥିବା ବେଳେ ରଜିଆ ଛକ ନିକଟରେ ହଠାତ ଟ୍ରକଟିରେ ନିଆଁ ଲାଗି ଯାଇଥିଲା। ଏହି ନିଆଁର ପ୍ରଭାବ ଏତିକି ଥିଲା ଯେ ଉକ୍ତ ଗାଡିର ଡିଜେଲ ଟାଙ୍କିଟି ମଧ ଜଳି ଯିବା ସହିତ ଫାଟି ଯାଇଥିଲା। କୈଣସି କାରଣରୁ ଡ୍ରାଇଭର ଗାଡିରେ ନିଆଁ ଲାଗିଥିବା ଜାଣି ଗାଡିକୁ ଅଟକାଇଥିଲେ ମଧ ତେଲ ଟାଙ୍କି ବିସ୍ଫୋରଣ ହେବାରୁ ସେ ଗାଡି ଛାଡି ଦୁରକୁ ଚାଲି ଯାଇଥିଲେ।



ଏହି ପ୍ରଚଣ୍ଡ ସବ୍ଦ ଶୁଣି ସ୍ଥାନିୟ ସରପଂଚ ସନ୍ତୋଷ କୁମାର ନାଏକଙ୍କ ସମେତ ସ୍ଥାନିୟ ଲୋକ ମିଳି ମିଶି ନିଆଁ ଲିଭାଇବାକୁ ଚେଷ୍ଟା କରିବା ସହିତ ଅଗ୍ନି ଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନି ଶମ ବିଭାଗ ଘଟଣା ସ୍ଥଳରେ ପହଁଚି ସ୍ଥାନିୟ ଲୋକଙ୍କ ସହ ମିଳିତ ଭାବରେ ନିଆଁକୁ ଆୟତ କରିବାକୁ ସକ୍ଷମ ହୋଇଥିଲେ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)
FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities
TUITION CLASSES
for Std I to Std V
Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray